# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ମେ ୨୩/୨୦୨୨ (୧୪ ପୃଷ୍ଠା) Rayagada, Monday, May 23/2022 Page 14 ₹ 7.00

୧୨ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**ପ୍ରେମରେ ପଡ଼ିଛନ୍ତି ରକୁଲ**

ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଅଭିନେତା ତଥା ଫିଲ୍ମ ନିର୍ଦ୍ଦେଶକ ଜ୍ୟାକି ଭଗ୍ନାନିଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ଜୋର୍ ଧରିଛି। ୧୧

୧୪ **ଲୋକେଶ ରାହୁଲ ଅଧିନାୟକ**

ଲୋକେଶ ରାହୁଲଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ କ୍ରିକେଟ ଦଳର ଅଧିନାୟକ କରାଯାଇଛି।






ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ରବିବାର ଭୋଇ ସେବକମାନେ ତିନିରଥର ଅଖରେ ଚକ ସଂଯୋଗ କରୁଛନ୍ତି ।

# ଏଏସ୍‌ଆଇ ଅଜାଣତରେ ଜିପିଆର୍‌ଏସ୍

**ପୁରୀ ଅଫିସ,୨୨ା୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ନିର୍ମାଣ ଓ ଖନନ କାର୍ଯ୍ୟ ପୂର୍ବରୁ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର୍ ସର୍ଭେ (ଜିପିଆର୍‌ଏସ୍) ହୋଇ ନ ଥିଲା। ଦୋଷ ଘୋଡ଼ାଇବା ପାଇଁ ପ୍ରଶାସନ ଶନିବାର ରାତିଅଧରେ ଲୁଚିଛପି ଜିପିଆରଏସ୍ ସର୍ଭେ କରୁଥିବା ଧରାପଡ଼ିଛି। ପ୍ରଶାସନର ଏହି ରାତିଅଧିଆ ସର୍ଭେକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ସେହିପରି ଜିପିଆର୍‌ଏସ୍ ସମ୍ପର୍କରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ନିକଟରେ ସୂଚନା ନ ଥିବା ରବିବାର ଏଏସ୍‌ଆଇ ପୁରୀ ସର୍କଲ ଅଫିସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ସରକାରଙ୍କ କାର୍ଯ୍ୟଶୈଳୀ ଓ ଉଦ୍ଦେଶ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଏସ୍‌ଆଇର ପୁରୀ ସର୍କଲ ଅଫିସ୍ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) କିମ୍ବା ଜିଲା ପ୍ରଶାସନ ପକ୍ଷରୁ ଜିପିଆର୍‌ଏସ୍ କରାଯିବା ନେଇ କୌଣସି ସୂଚନା ନାହିଁ। ଏ ସଂକ୍ରାନ୍ତରେ ଚିଠି ମଧ୍ୟ ଲେଖାଯାଇନାହିଁ। ଜିପିଆର୍‌ଏସ୍ ହେଉଥିବା ସ୍ଥାନରେ କୌଣସି ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ନ ଥିଲେ। ମାତ୍ର ନିୟମ ମୁତାବକ, ଜିପିଆର୍‌ଏସ୍ ସମୟରେ ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ରହିବା ଆବଶ୍ୟକ। ସେହିଭଳି ସର୍ଭେକୁ ନେଇ କୁହାଯାଇଛି ଯେ, ଗଣମାଧ୍ୟମରୁ ମିଳିଥିବା ତଥ୍ୟ ଯଦି ସତ୍ୟ, ତେବେ ଏହା ଜିପିଆର୍‌ଏସ୍ ହେଉଥିବା କୁହାଯାଇପାରିବ।

ସୂଚନାଯୋଗ୍ୟ, ଏ ସଂକ୍ରାନ୍ତ ମାମଲାରେ ଗତ ମେ ୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ନେଇ ଆଗାମୀ ଦିନରେ ଯେଉଁସବୁ କାର୍ଯ୍ୟ କରାଯିବ, ସେଥିରେ ଏଏସ୍‌ଆଇ ଅଧିକାରୀ ଉପସ୍ଥିତ ରହିବେ। ସମସ୍ତ କାର୍ଯ୍ୟ ଏଏସ୍‌ଆଇ ସହଯୋଗରେ କାର୍ଯ୍ୟକାରୀ କରାଯିବ ବୋଲି ସତ୍ୟପାଠରେ ଆଡଭୋକେଟ୍ ଜେନେରାଲ ଜଣାଇଥିଲେ। ମାତ୍ର ଏଠାରେ ତା'ର ବ୍ୟତିକ୍ରମ ଘଟିଛି। ଆମ୍‌ସାର୍ ଆକ୍ଟ-୧୯୫୮ ମଧ୍ୟ ସମାନ କଥା କହିଥାଏ। ଏଏସ୍‌ଆଇ ଅଧିକାରୀଙ୍କ ବିନା ଉପସ୍ଥିତିରେ ଜିପିଆରଏସ୍ କରାଯାଇପାରିବ ନାହିଁ। ସରକାର ଜିପିଆରଏସ୍ ସମ୍ପର୍କରେ ସୂଚନା ନ ଦେଇ ସର୍ଭେ କରିବା ଯେତେ ବଡ଼ ଭୁଲ, ତାହାଠାରୁ ବଡ଼ ଭୁଲ ହେଉଛି ଏଏସ୍‌ଆଇ ଅଧିକାରୀଙ୍କ ବିନା ଉପସ୍ଥିତିରେ ଜିପିଆରଏସ୍ କରାଇବା। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏଏସ୍‌ଆଇର ବିନା ଉପସ୍ଥିତିରେ ରାତିଅଧିଆ ଜିପିଆରଏସ୍ କାର୍ଯ୍ୟକାରୀ କରାଇ ପ୍ରଶାସନ ☞ପୃଷ୍ଠା-୪

## ରାତିଅଧିଆ ସର୍ଭେକୁ ନେଇ ତେଜିଲା ଜନଅସନ୍ତୋଷ



## ନିର୍ମାଣ ଆଢୁଆଳରେ ନ ରହୁ ଶ୍ରୀମନ୍ଦିର: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୨୨ା୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ବଢ଼ିଚାଲିଥିବାବେଳେ ଶେଷରେ ମୁହଁ ଖୋଲିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ରବିବାର ସେ ଏହି ପ୍ରସଙ୍ଗକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାଙ୍କର ପରାମର୍ଶ ନିଆଯାଇନାହିଁ। ରାଜ୍ୟ ସରକାର



ଜାଣିଛନ୍ତି ଯେ, ନିର୍ମାଣ ହୋଇଗଲା ପରେ ଶଙ୍କରାଚାର୍ଯ୍ୟ କିଛି କରିପାରିବେ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ସବୁବେଳେ ମୋ' ପ୍ରାଥମିକତାରେ ରହିଆସିଛି। ☞ପୃଷ୍ଠା-୪

# ବିଦେଶୀ ପିଲାଙ୍କ ପାଇଁ ଆଇଆଇଟି-ଜେଇଇ

**ନୂଆଦିଲ୍ଲୀ,୨୨ା୫**

ଆମେରିକା, ଭିଏତ୍‌ନାମ ସମେତ ୨୫ ଦେଶରେ ଏକସଙ୍ଗେ ଆଇଆଇଟି-ଜେଇଇ (ଆଇଆଇଟି ଯୁଗ୍ମ ପ୍ରବେଶିକା ପରୀକ୍ଷା) କରାଇବାକୁ ଭାରତ ସରକାର ଯୋଜନା କରିଛନ୍ତି। ଫଳରେ ବିଦେଶୀ ଛାତ୍ରୀଛାତ୍ର ଭାରତୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇବେ। ଗତବର୍ଷ କୁଆଲାଲମ୍ପୁର ଏବଂ ଲାଗୋସରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଭାରତ ସରକାରଙ୍କ ସହଯୋଗ କ୍ରମେ ୧୨ଟି ଦେଶରେ ଆଇଆଇଟି-ଜେଇଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆମେରିକା ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର, ଚାଇନା, ନେପାଳ, ଇଣ୍ଡୋନେସିଆ, ମାଲେସିଆ, ବାହରିନ୍, କୁଏତ୍, କାତାର ଆଦି ଦେଶରେ ଏହି ପରୀକ୍ଷା ହେବ। ବିଦେଶରେ ପଢୁଥିବା ଏନ୍‌ଆର୍‌ଆଇ, ଭାରତୀୟ ଏବଂ ଅନ୍ୟ ଦେଶର ପିଲାଙ୍କ ପାଇଁ ଦେଶର ଶ୍ରେଷ୍ଠ ଇଞ୍ଜିନିୟରିଂ ☞ପୃଷ୍ଠା-୪

**ଏକସଙ୍ଗେ ୨୫ ଦେଶରେ ହେବ ପରୀକ୍ଷା**


**ଆଜିର ସମ୍ପାଦକୀୟ**

**ବାଧରେ ନଇଁଛନ୍ତି**


# କେନ୍ଦ୍ର ହ୍ରାସ ପରେ ରାଜ୍ୟ ଅମଙ୍ଗ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୨ା୫**

କେନ୍ଦ୍ର ସରକାର ଶନିବାର ରାତିରେ ପେଟ୍ରୋଲ୍ ଓ ଡିଜେଲ ଉପରୁ ଏକ୍ସାଇଜ ଡ୍ୟୁଟି (ଉତ୍ପାଦ ଶୁଳ୍କ) ଯଥାକ୍ରମେ ୮ଟଙ୍କା ଏବଂ ୭ଟଙ୍କା ହ୍ରାସ କରିଛନ୍ତି। ତାହାର ପ୍ରଭାବରେ ରବିବାର ସକାଳ ୬ଟାରୁ ପେଟ୍ରୋଲ ୯.୫୦ଟଙ୍କା ଏବଂ ଡିଜେଲ ୭ଟଙ୍କା ହ୍ରାସ ପାଇଛି। ଏହି ହ୍ରାସକୁ ଅନେକେ ସ୍ୱାଗତ କରୁଛନ୍ତି। ଡିଜେଲ୍‌ରେ ୭ଟଙ୍କା ହ୍ରାସ ହେବା ଫଳରେ ଏହା ଅନ୍ୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ରୋକ୍ ଲଗାଇବାରେ ବିଶେଷ




ସହାୟକ ହେବ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି। କେନ୍ଦ୍ର ସରକାରଙ୍କ ହ୍ରାସ ପରେ ଏବେ ରାଜ୍ୟ ସରକାରଗୁଡ଼ିକ ଭାଟ ହ୍ରାସ କରିବା ଉଚିତ ବୋଲି ସବୁ ସ୍ତରରେ ଦାବି ହେଉଛି। ଏହିକ୍ରମରେ ରବିବାର ଅଣଭାଜପା ଶାସିତ ରାଜ୍ୟ ରାଜସ୍ଥାନ(ପେଟ୍ରୋଲ ୨.୪୧, ଡିଜେଲ ୧.୩୬ ଟଙ୍କା), ମହାରାଷ୍ଟ୍ର (ପେଟ୍ରୋଲ ୨.୦୮, ଡିଜେଲ ୧.୪୪ଟଙ୍କା ) ଓ କେରଳ (ପେଟ୍ରୋଲ ୨.୪୮, ଡିଜେଲ ୧.୧୬ଟଙ୍କା) ଭାଟ୍ ହ୍ରାସ କରିଥିବାବେଳେ ତାମିଲନାଡୁ ଓ ବିହାର ଭଳି ରାଜ୍ୟ ଭାଟ ହ୍ରାସ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଓଡ଼ିଶା ସରକାର ଭାଟ୍ ହ୍ରାସ ସଂକ୍ରାନ୍ତରେ ଅନୁଧ୍ୟାନ କରୁଥିବା ବିଜେଡି ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଛନ୍ତି।

କେନ୍ଦ୍ର ସରକାରଙ୍କ ଭାଟ୍ ହ୍ରାସ ନିବେଦନକୁ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କଡ଼ା ସମାଲୋଚନା କରିଛନ୍ତି। ମୁଦ୍ରାସ୍ଫୀତି ଯେଉଁଭଳି ବର୍ଦ୍ଧିତସ୍ତରରେ ରହିଛି, ଏଭଳି ସ୍ଥିତିରେ ରାଜ୍ୟ ସରକାର ଭାଟ ହ୍ରାସ କରିବାକୁ ହେଲେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅଧିକ ପାଣ୍ଠି ଓ ଅନୁଦାନ ଯୋଗାଇବା ନିହାତି ଦରକାର ବୋଲି ଚିଦାମ୍ବରମ୍ କହିଛନ୍ତି। ୨ମାସରେ ଲିଟର ପିଛା ୧୦ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ାଇବା ଏବଂ ଏବେ ୯.୫୦ଟଙ୍କା ହ୍ରାସ କରିବା ଅଧିକ ଲୁଟିବା ପରେ କମ୍ ଭରଣା କରିବା ସଦୃଶ। ଏହି ଏକ୍ସାଇଜ୍ ଡ୍ୟୁଟି ହ୍ରାସ ଦ୍ୱାରା କେନ୍ଦ୍ରର ୫୯ ପଇସା ଏବଂ ରାଜ୍ୟଗୁଡ଼ିକର ୪୧ପଇସା ରାଜସ୍ୱ ହ୍ରାସ ହେବ। ତେଣୁ ରାଜ୍ୟଗୁଡ଼ିକ ଉପରେ ଆଙ୍ଗୁଠି ଉଠାଇବା ଉଚିତ ନୁହେଁ ବୋଲି ଚିଦାମ୍ବରମ୍ ଟୁଇଟ କରି କହିଛନ୍ତି।

ଅପରପକ୍ଷରେ କେନ୍ଦ୍ର ସରକାରଙ୍କ କହିବା ହେଲା ଏକ୍ସାଇଜ୍ ଡ୍ୟୁଟିରେ ବେସିକ୍ ଏକ୍ସାଇଜ୍ ଡ୍ୟୁଟି(ବିଇଡି), ସ୍ପେଶାଲ ଆଡିଶନାଲ ଏକ୍ସାଇଜ୍ ଡ୍ୟୁଟି(ଏସ୍‌ଏଇଡି), ରୋଡ୍ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ସେସ୍(ଆର୍‌ଆଇସି) ଏବଂ ଏଗ୍ରିକଲ୍‌ଚର ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭ୍‌ଲପମେଣ୍ଟ ସେସ୍(ଏଆଇଡିସି) ଅନ୍ତର୍ଭୁକ୍ତ। ବିଇଡି ମାଧ୍ୟମରେ ଯେଉଁ ☞ପୃଷ୍ଠା-୪

# ସିସିଟିଭିରେ ହତ୍ୟାର ଦୃଶ୍ୟ

**ବଲାଙ୍ଗୀର ଅଫିସ,୨୨ା୫**

ବଲାଙ୍ଗୀର ଆର୍‌ଟିଓ ଅଫିସ ଛକରେ ଶନିବାର ପୂର୍ବାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା ଓ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ସିରିଜ୍ ଦୁର୍ଘଟଣା ସମୟର ସିସିଟିଭି ଫୁଟେଜ୍ ରବିବାର ଭାଇରାଲ ହେବା ପରେ ଏହା ଦୁର୍ଘଟଣା ଛଳରେ ଏକ ସୁପରିକଳ୍ପିତ ହତ୍ୟା ଯୋଜନା ବୋଲି ସ୍ପଷ୍ଟ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମିନିଟ୍ରକ୍ ଚଢ଼ାଇ ହତ୍ୟା ଯୋଜନା କରାଯାଇଥିବା ମୃତ ଶ୍ରୀକାନ୍ତ ବାଗ (୩୦) ଓ ଆହତ ସାନୁ ନାୟକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଗୁରୁତର ଆହତ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କୁ ପୋଲିସ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ହେପାଜତରେ ରଖିଛି। ଏହି ଘଟଣାରେ ବଲାଙ୍ଗୀର ପୋଲିସ ଅନ୍ୟ ୨ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।



ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିବା ଗାଡି ଚଢ଼ାଇ ଦେବା ସମୟର ଦୃଶ୍ୟ ।

## ଗାଡି ଚଢ଼ାଇବା ଥିଲା ସୁପରିକଳ୍ପିତ

- ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କ ବିରୋଧରେ ହତ୍ୟା ମାମଲା
- ପୁରୁଣା ଶତ୍ରୁତା ନେଇଥିଲା ସାଂଘାତିକ ରୂପ
- ଟାର୍ଗେଟ୍‌ରେ ଥିଲେ ହୋଟେଲ ମାଲିକ
- ୨ ସନ୍ଦିଗ୍ଧ ଅଟକ

ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଟିଟିଲାଗଡ଼ ପଟରୁ କ୍ଷିପ୍ରଗତିରେ ଆସୁଥିବା ଏକ ମିନିଟ୍ରକ୍ (ଓଆର୦୩ ଏ ୫୩୯୦) ଆର୍‌ଟିଓ ଅଫିସ ନିକଟରେ ଏକ ବାଇକ୍‌କୁ ଧକ୍କା ଦେବା ପରେ ରାସ୍ତାକଡ଼ ନିମଗଛରେ ପିଟିହୋଇ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ବସିଥିବା ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ହୋଟେଲ ମାଲିକ ସାନୁ ନାୟକ ଗୁରୁତର ଆହତ ହୋଇଥିଲେ। ସନ୍ଧ୍ୟାରେ ମୃତ ☞ପୃଷ୍ଠା-୪




**ରାଜ୍ୟ ସଭା ନିର୍ବାଚନ**

# ଦୌଡ଼ରେ ସିବଲ, ଆନନ୍ଦ ଶର୍ମା, ଚିଦାମ୍ବରମ

**ନୂଆଦିଲ୍ଲୀ,୨୨।୫**

ରାଜ୍ୟ ସଭାରେ ଖାଲି ପଡ଼ିଥିବା ଆସନ ଲାଗି ଆସନ୍ତା ମାସରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସରୁ ବରିଷ୍ଠ ନେତା କପିଲ ସିବଲ, ଆନନ୍ଦ ଶର୍ମା ଏବଂ ପି. ଚିଦାମ୍ବରମ ଉଚ୍ଚ ସଦନକୁ ଯିବା ଲାଗି ଦୌଡ଼ରେ ଥିବା ଜଣାପଡ଼ିଛି। କଂଗ୍ରେସ ଖୁବ୍ ଶୀଘ୍ର ରାଜ୍ୟ ସଭା ପ୍ରାର୍ଥୀ ଘୋଷଣା କରିବାକୁ ଯାଉଛି। ଦଳ ନିଜ ସାମର୍ଥ୍ୟ ବଳରେ ୮ ଜଣ ନେତାଙ୍କୁ ରାଜ୍ୟ ସଭାକୁ ପଠାଇପାରିବ। ତେବେ ଦଳର ନେତୃତ୍ୱ ବିରୋଧରେ ସ୍ୱର ଉଠାଇଥିବା ଜି-୨୩ ଗ୍ରୁପ୍‌ର ଅନ୍ୟତମ ନେତା କପିଲ ସିବଲଙ୍କୁ ଟିକେଟ ମିଳିବ କି ନାହିଁ ସ୍ପଷ୍ଟ ହୋଇନାହିଁ। ସେହିପରି ଆନନ୍ଦ ଶର୍ମା ଓ ପି. ଚିଦାମ୍ବରମ ପୁନର୍ବାର



କପିଲ ସିବଲ, ଆନନ୍ଦ ଶର୍ମା ଏବଂ ପି. ଚିଦାମ୍ବରମ

ରାଜ୍ୟ ସଭାକୁ ଯିବା ଲାଗି ଆଶାୟୀ ଅଛନ୍ତି। ଗତଥର ଭଳି ଏଥର ମଧ୍ୟ ଉତ୍ତରପ୍ରଦେଶରେ ସିବଲଙ୍କୁ ସମାଜବାଦୀ ପାର୍ଟି ସମର୍ଥନ ଦେଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜିତିବା ପାଇଁ ୩୫ ଭୋଟର ଆବଶ୍ୟକତା ଥିବାବେଳେ ସମାଜବାଦୀ ପାର୍ଟି ମେଣ୍ଟ ୩ ଜଣ ପ୍ରାର୍ଥୀଙ୍କୁ ପଠାଇବା ପରେ ଏହା ନିକଟରେ ପ୍ରାୟ ୨୦ ବଳକା ଭୋଟ ରହିବ। ତେବେ ଭାଜପା ଯଦି ଅଷ୍ଟମ ପ୍ରାର୍ଥୀ ଦିଏ ତେବେ କଡ଼ା ମୁକାବିଲା ହୋଇପାରେ।

ସେହିପରି ଆନନ୍ଦ ଶର୍ମା ହରିୟାଣାରୁ ରାଜ୍ୟ ସଭାକୁ ଯିବା ଲାଗି ଆଶାବାଦୀ ଥିବାବେଳେ କୁମାରୀ ଶୈଳଜା ଏବଂ ରଣଦୀପ୍ ସୁର୍ଜେୱାଲା ମଧ୍ୟ ଆଶାୟୀ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଚିଦାମ୍ବରମ୍ ତାଙ୍କ ରାଜ୍ୟ ତାମିଲନାଡୁରୁ ରାଜ୍ୟ ସଭାକୁ ପୁନଃନିର୍ବାଚିତ ହୋଇପାରନ୍ତି ବୋଲି କୁହାଯାଉଛି। ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ମଧ୍ୟ ଏଥର ରାଜ୍ୟ ସଭା ଯିବା ଲାଗି ଦୌଡ଼ରେ ଥିବା ଜଣାପଡ଼ିଛି। ସେ ରାଜସ୍ଥାନ କିମ୍ବା କର୍ନାଟକରୁ ପ୍ରାର୍ଥୀ ହୋଇପାରନ୍ତି। ତେବେ ଦଳ ଅଧା ଆସନ ଯୁବ ନେତାଙ୍କୁ ଛାଡ଼ିପାରେ ବୋଲି ଦଳ ସୂତ୍ରରୁ ସୂଚନା ଦିଆଯାଇଛି। ରାଜସ୍ଥାନ, ଛତିଶଗଡ଼, କର୍ନାଟକ ଭଳି ରାଜ୍ୟର କଂଗ୍ରେସ ନେତୃତ୍ୱ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉଚ୍ଚ ସଦନକୁ ପଠାଇବା ଲାଗି ଦାବି କରୁଛନ୍ତି। କର୍ନାଟକ ପିସିସି ସଭାପତି ଡି.କେ. ଶିବକୁମାର ଏବଂ ବିରୋଧୀ ଦଳ ନେତା ସିଦ୍ଧରମୈୟା ଏଥିପାଇଁ ପ୍ରିୟଙ୍କାଙ୍କୁ ଅନୁରୋଧ କରିଛନ୍ତି।

# 'ସରକାର ଭୁଲ ସ୍ୱୀକାର କରନ୍ତୁ, ସାହାଯ୍ୟ ଲୋଡ଼ନ୍ତୁ'

**ପୁରୀ ଅଫିସ,୨୨।୫**

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ପ୍ରଶାସନ ପକ୍ଷରୁ ରାତିଧରେ ଜିପିଆର୍‌ଏସ୍ ପରେ ତେଜିଛି ରାଜନୀତି। ପ୍ରକଳ୍ପ କାର୍ଯ୍ୟ ପାଇଁ ଜିପିଆର୍‌ଏସ୍ ହୋଇଥିବା ପୁରୀ ଏମ୍‌ପି ପିନାକୀ ମିଶ୍ର କହୁଥିବାବେଳେ ଏବେ ତାହା ମିଛ ପ୍ରମାଣିତ ହୋଇଛି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ସେ କହିଛନ୍ତି, ପିନାକୀଙ୍କ ମିଛ ଧରାପଡ଼ିଛି। ରାତି ଅଧରେ ଲୁଚାଛପାରେ ତରବରିଆ ଭାବେ ଜିପିଆର୍‌ଏସ୍ କରାଯାଇଛି। ପୂର୍ବରୁ ଜିପିଆର୍‌ଏସ୍ ହୋଇସାରିଥିବା ପିନାକୀ ଲିଖିତ ଭାବେ ଦାବି କରୁଥିଲେ। ଜିପିଆର୍‌ଏସ୍ ହୋଇଛି, ସତ୍ୟପାଠ ହାଇକୋର୍ଟରେ ଦାଖଲ ହେବ ବୋଲି କହିଥିଲେ। ତେବେ ଶନିବାର ବିଳମ୍ବିତ ରାତ୍ରରେ ଜିପିଆର୍‌ଏସ୍ କରାଯାଉଥିଲା କାହିଁକି ବୋଲି ସମ୍ବିତ ପ୍ରଶ୍ନ କରିଛନ୍ତି। ଏଏସ୍‌ଆଇ ଉପସ୍ଥିତିରେ ସର୍ଭେ ହୋଇଛି କି ନାହିଁ ତାହା ସ୍ପଷ୍ଟ କରାଯାଉ ବୋଲି ସମ୍ବିତ ଦାବି କରିଛନ୍ତି। ପ୍ରଥମେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ଏବେ ଜିପିଆରଏସ୍ କରିବା ଏକ ଅବୈଜ୍ଞାନିକ ପଦ୍ଧତି। ଶନିବାର ବିଳମ୍ବିତ ରାତ୍ରିରେ ଜିପିଆରଏସ୍ ଚାଲିଥିବାର ଫଟୋ ଦେଖାଇ ପିନାକୀ ପ୍ରତିକ୍ରିୟା ରଖିବାକୁ ସେ ଦାବି କରିଛନ୍ତି। ବିନା ଜିପିଆର୍‌ଏସ୍‌ରେ ନିର୍ମାଣ କାର୍ଯ୍ୟ ଓ ଖନନ ଯୋଗୁ କୀର୍ତ୍ତିରାଜି ନଷ୍ଟ ହୋଇଛି ବୋଲି ସମ୍ବିତ କହିଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ସାଢେ ଚାରିକୋଟି ଓଡ଼ିଶାବାସୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସତ ଜାଣିସାରିଲେଣି। ଏଣୁ ରାତିଅଧିଆ ଜିପିଆର୍‌ଏସ୍ କରିବାକୁ ପଡୁଛି। ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ରକୁ ନିଷିଦ୍ଧାଞ୍ଚଳ ବାହାରକୁ ଆଣିବାକୁ ବାଧ୍ୟ ହେଲେ। ଏନ୍‌ଏମ୍‌ଏ ଚିଠି ଲେଖି ପ୍ରଶାସନକୁ ନିର୍ମାଣର ଉଚ୍ଚତା ମେଘନାଦ ପ୍ରାଚୀରଠାରୁ କମ୍ ରଖିବାକୁ କୁହାଗଲା। ରାଜ୍ୟ ସରକାର ଭୁଲ୍ କରିଛନ୍ତି, ସେଥିପାଇଁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାର ସାମୂହିକ ଭାବେ ଆମ୍‌ସାର୍ ଆକ୍ଟ-୧୯୫୮କୁ ଉଲ୍ଲଂଘନ କରିଛନ୍ତି। ଏଣୁ ଏବେ ପାରଦର୍ଶିତା ଦେଖାନ୍ତୁ, ରାତିରେ ନୁହେଁ ବରଂ ଦିନବେଳା ଜିପିଆରଏସ୍ କରନ୍ତୁ। ପୁରୀ ଲୋକ ସଭା ଏମ୍‌ପିଙ୍କୁ ମଧ୍ୟ ଯୋଜନା ସମ୍ପର୍କରେ ଜଣାନ୍ତୁ ବୋଲି ସେ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ବିଜେଡିର ମୁଖପାତ୍ର ସୁଲତା ଦେଓ କହିଛନ୍ତି, ସମ୍ବିତ ପୁରୀ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜିପିଆର୍‌ଏସ୍ ହୋଇ ଏନ୍‌ଏମ୍‌ଏକୁ ଡିପିଆର୍ ହସ୍ତାନ୍ତର ହୋଇଛି। ଯେଉଁ ସେବାୟତ ଓ ସ୍ଥାନୀୟ ଲୋକେ ପରିକ୍ରମା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ସହଯୋଗ କରିଛନ୍ତି, ସେମାନେ କେବେ ହେଲେ କ୍ଷମା କରିବେ ନାହିଁ। ଏଣୁ ସମ୍ବିତ ଅଯଥା ରାଜନୀତି କରିବା ବନ୍ଦ କରନ୍ତୁ ବୋଲି ସୁଲତା ପ୍ରକାଶ କରିଛନ୍ତି।

# କୋର୍ଟଙ୍କ ନିର୍ଦ୍ଦେଶରେ ସଞ୍ଜୟ, ପ୍ରଣବଙ୍କ ନାଁରେ ମାମଲା

**ନବରଙ୍ଗପୁର,୨୨।୫(ବି.ପ୍ର.)**

**ନବରଙ୍ଗପୁରରେ ଭାଜପା କର୍ମୀ ଓ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ**

ଭାଜପା କର୍ମକର୍ତ୍ତା ଓ କର୍ମୀଙ୍କୁ ଗୋଇଠା ମାରିବା ଏବଂ ମହିଳାମାନଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନାଁରେ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି। ଭାଜପା ଯୁବନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝିଙ୍କ ଅଭିଯୋଗ ତଥା ଜିଲା ଦୌରାଜଜ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କ ନାମରେ ଥାନା ନଂ. ୨୩୫/୨୨ ଏବଂ ଆଇପିସି ଦଫା ୧୪୩, ୧୪୯, ଏସ୍‌ଟି/ ଏସ୍‌ସି ଆକ୍ଟର ଦଫା ୩ ରେ ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଡିଏସ୍‌ପି ଯୁଗଳ ମଲ୍ଲିକ ଏହି ଘଟଣାର ତଦନ୍ତ ଭାର ନେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଫେବୃୟାରୀରେ ନବରଙ୍ଗପୁର ଆର୍‌ଏମ୍‌ସି ପରିସରରେ କୃଷକ ସୂଚନା କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ସଞ୍ଜୟ ଏବଂ ପ୍ରଣବ ଆସିଥିଲେ। ଏହି ସମୟରେ ମଣ୍ଡିରୁ ଧାନ ନ ଉଠିବା ସମସ୍ୟା ନେଇ ଭାଜପା ନେତା ଓ କର୍ମୀଙ୍କ ସମେତ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ତେବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଏବଂ ଯାଜପୁର ବିଧାୟକ ଚାଷୀଙ୍କ ଅଭିଯୋଗ ଶୁଣିବା ବଦଳରେ ବିଜେଡି କର୍ମୀଙ୍କ ସହ କୃଷକ ସୂଚନା କେନ୍ଦ୍ର ଉଦ୍‌ଘାଟନ ନିମନ୍ତେ ଧସେଇ ପଶିଥିବା ଅଭିଯୋଗ ହୋଇଥିଲା। ଭାଜପା କର୍ମୀ ଏବଂ ମହିଳାମାନଙ୍କୁ ଏଠାରେ ଦୁହେଁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଗୌରୀଶଙ୍କର ସେତେବେଳେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଗ୍ରହଣ କରି ନ ଥିଲା। ୨୦୨୧ ଫେବୃୟାରୀ ୫ ରେ ଏ ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଗୌରୀଶଙ୍କର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଅରୁଣ ପୂଜାରୀ, ଶର୍ମିଷ୍ଠା ଦେଓ, ବବିତା ସାହୁ, ରାମଚନ୍ଦ୍ର ଗଡବା ପ୍ରମୁଖ ସାକ୍ଷୀ ରହିଥିଲେ। ଏବେ ଜିଲା ଦୌରାଜଜ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାତିରେ ନବରଙ୍ଗପୁର ଥାନାରେ ସଞ୍ଜୟ ଏବଂ ପ୍ରଣବଙ୍କ ନାମରେ ମାମଲା ରୁଜୁ ହୋଇଛି।

# ଟିଏମ୍‌ସିକୁ ଫେରିଲେ ଭାଜପା ଏମ୍‌ପି ଅର୍ଜୁନ ସିଂ



**କୋଲକାତା,୨୨।୫:** ଭାଜପା ଏମ୍‌ପି ଅର୍ଜୁନ ସିଂ ଦଳ ଛାଡ଼ି ରବିବାର ତୃଣମୂଳ କଂଗ୍ରେସକୁ ଫେରିଛନ୍ତି। କୋଲକାତାରେ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ସେ ଟିଏମ୍‌ସିରେ ସାମିଲ ହୋଇଛନ୍ତି। ଭାଜପାରେ ତାଙ୍କୁ କାମ କରିବା ଲାଗି ଉପଯୁକ୍ତ ସୁଯୋଗ ମିଳୁ ନ ଥିବାରୁ ସେ କିଛିଦିନ ପୂର୍ବରୁ ରାଜ୍ୟ ନେତୃତ୍ୱକୁ ସମାଲୋଚନା କରିଥିଲେ। ଝୋଟ କୁଇଣ୍ଟାଲ ପ୍ରତି ଦର ୬,୫୦୦ ଟଙ୍କାରେ ସୀମିତ ରଖିବାକୁ ଅର୍ଜୁନ ଓ ଅନ୍ୟ ଶିଳ୍ପ ଅଂଶୀଦାରମାନେ ଦାବି କରୁଥିଲେ। ତେବେ କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତି ପ୍ରତ୍ୟାହାର କରିନେବାରୁ ସେ କ୍ଷୁବ୍ଧ ଥିଲେ। ଏହା ବ୍ୟତୀତ ରାଜ୍ୟ ଭାଜପାରେ ଗୋଷ୍ଠୀକନ୍ଦଳ ଲାଗି ରହିଥିବା ନେଇ ସେ ଦିଲ୍ଲୀ ଯାଇ ଶୀର୍ଷ ନେତୃତ୍ୱଙ୍କୁ ଜଣାଇଥିଲେ। ୨୦୧୯ରେ ଅର୍ଜୁନ ଟିଏମ୍‌ସି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଘରବାହୁଡ଼ା ପାଇଁ ସେ ୬ ମାସ ହେଲା ଟିଏମ୍‌ସି ସହ ଯୋଗାଯୋଗରେ ଥିଲେ ବୋଲି କୁହାଯାଉଛି।

# ସମବାୟ ନିର୍ବାଚନ ପାଇଁ ଜନ ପ୍ରତିନିଧିଙ୍କ ବୈଠକ

**ବ୍ରହ୍ମପୁର ଅଫିସ,୨୨।୫**

- **ଗଞ୍ଜାମ ଜିଲା ବିଜେଡିର ପ୍ରସ୍ତୁତି ଚୂଡ଼ାନ୍ତ**
- **ବିଧାୟକଙ୍କୁ ପ୍ରାର୍ଥୀ ଚୟନ ଦାୟିତ୍ୱ**

ଗଞ୍ଜାମ ଜିଲା ବିଜେଡିର ସମବାୟ ନିର୍ବାଚନ ପ୍ରସ୍ତୁତି ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଜୁନ୍‌ରେ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ୬ ଶତାଧିକ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି)ରେ ପ୍ରାର୍ଥୀ ଚୟନ ଦାୟିତ୍ୱ ବିଧାୟିକା ଓ ବିଧାୟକଙ୍କୁ ଦିଆଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାର ଦୁଇ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ପ୍ରମିଳା ବିଶୋୟୀ ଯୋଗ ଦେଇଥିଲେ। ବିଧାୟିକା ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ ଏବଂ ବିଧାୟକ ବିକ୍ରମ ପଣ୍ଡା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ବାଚସ୍ପତି ଓ ଚିକିଟି ବିଧାୟିକାଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଗଜପତି ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ ଓ ସେହି ଜିଲାର ସମବାୟ ନେତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ପୂର୍ବତନ ବିଧାୟକ ତଥା ଗଞ୍ଜାମ ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ମନୋଜ ମହାପାତ୍ର, ମେୟର ସଂଘମିତ୍ରା ଦଳେଇ, ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ ଅଧିକାରୀ ପ୍ରଦୀପ ପାଣିଗ୍ରାହୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଭଗବାନ ଗନ୍ତାୟତ, ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାରେ ସମବାୟ ନିର୍ବାଚନ ପରିଚାଳନା ନିମନ୍ତେ ବିଜେଡି ପକ୍ଷରୁ ଗଠିତ ସ୍ୱତନ୍ତ୍ର କମିଟି ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକ ଶେଷରେ ଚ୍ୟାଉ ପଟ୍ଟନାୟକ କହିଛନ୍ତି, ସମବାୟ ଆନ୍ଦୋଳନରେ ଗଞ୍ଜାମ ଜିଲାର ଅଗ୍ରଣୀ ଭୂମିକା ଥିବା ନଜିର ଅଛି। ପ୍ରଥମ ପର୍ଯ୍ୟାୟ ସୋସାଇଟି ନିର୍ବାଚନ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ହେବାକୁ ଥିବା କେନ୍ଦ୍ରୀୟ ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡ଼ିକରେ ଦଳୀୟ ମନୋନୀତ ପ୍ରାର୍ଥୀମାନେ ଯେଭଳି ନିର୍ବାଚିତ ହେବେ ସେନେଇ ଗୁରୁତ୍ୱ ଦିଆଯାଇଛି।

ସମବାୟ ନିର୍ବାଚନ ଫଳାଫଳ ପାଇଁ ମୁଖ୍ୟତଃ ବିଧାୟକମାନଙ୍କୁ ଉତ୍ତରଦାୟୀ କରାଯିବାର ଚ୍ୟାଉ ପଟ୍ଟନାୟକ ସ୍ପଷ୍ଟ କରି ଦେଇଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନରେ ନିର୍ବାଚିତ ଦଳର ଜନ ପ୍ରତିନିଧିମାନେ ଅକ୍ଲାନ୍ତ ପରିଶ୍ରମ କରି ପୂର୍ଣ୍ଣ ସଫଳତା ଆଣିଥିଲେ। ସମବାୟ ନିର୍ବାଚନରେ ମଧ୍ୟ ସେମାନେ ପୁନରାବୃତ୍ତି ଘଟାଇବାର ଆଶା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ସମବାୟ ନିର୍ବାଚନରେ ଶତ ପ୍ରତିଶତ ସଫଳତା ହାସଲ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଇଥିବା ଚ୍ୟାଉ ପଟ୍ଟନାୟକ ଏବଂ ରାଜ୍ୟସ୍ତରୀୟ କମିଟି ସଦସ୍ୟ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ସୂଚାଇଥିଲେ। ଆସନ୍ତା ମାସ ୧୯ ଓ ୨୬ରେ ସୋସାଇଟି ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି।

# ଭାଜପା ପ୍ରଚାରରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

**ଝାରସୁଗୁଡା ଅଫିସ୍,୨୨।୫**

**ବ୍ରଜରାଜନଗର ଉପନିର୍ବାଚନ**

ଝାରସୁଗୁଡା ଜିଲା ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନ ପ୍ରଚାର ସେତିକି ଜୋର୍ ଧରିବାରେ ଲାଗିଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର କେନ୍ଦ୍ର ଓ ରାଜ୍ୟସ୍ତରୀୟ ହେଭିୱେଟ୍ ନେତାମାନେ ସାମିଲ ହେବାରେ ଲାଗିଛନ୍ତି। ଦଳୀୟ ପ୍ରାର୍ଥୀମାନଙ୍କୁ ସାଙ୍ଗରେ ଧରି ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ୍ ଭିକ୍ଷା କରିବାରେ ଲାଗିଛନ୍ତି। ଏନେଇ ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ଦଳ ଜୋରଦାର ପ୍ରୟାସ ଚଳାଇଛି। ରବିବାର କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓଡ଼ିଶା ଗସ୍ତରେ ଆସି ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପହଞ୍ଚି ଦଳୀୟ ପ୍ରଚାରରେ ସାମିଲ ହୋଇଛନ୍ତି। ଏନେଇ ମନ୍ତ୍ରୀ ଟୁଡୁ ରବିବାର ବେଲପାହାଡରେ ଏକ ଦଳୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ତା'ପରେ ବେଲପାହାଡ ପୌରପରିଷଦର ୨ନଂ. ୱାର୍ଡ଼ ଗରାଖାଇ ଓ ପଣ୍ଡରୀ ଗ୍ରାମର ନିର୍ବାଚନ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥିନୀ ପଣ୍ଡାଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ଏଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଟୁଡୁ କେନ୍ଦ୍ର ସରକାରଙ୍କ ବହୁବିଧ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ବିଧାୟିକା କୁସୁମ ଟେଟେ, ସୀମାଞ୍ଚଳ ଖଟେଇ, ପ୍ରମୋଦ ସେନାପତି, ରଘୁନନ୍ଦନ ପଣ୍ଡା, ତପନକାନ୍ତ ଜେନା ଓ ବିକାଶ ଅଗ୍ରୱାଲ ପ୍ରମୁଖ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡଙ୍ଗୀ ବେଲପାହାଡରେ ପହଞ୍ଚି ସ୍ଥାନୀୟ ମହାତ୍ମାଗାନ୍ଧୀ ସ୍ମୃତି ସଦନରେ ଦଳୀୟ ପ୍ରାର୍ଥିନୀଙ୍କ ବିଜୟକୁ ନେଇ ବରିଷ୍ଠ ନାଗରିକଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ବେଲପାହାଡର ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହିପରି ରବିବାର ସନ୍ଧ୍ୟାରେ ଭାଜପାର ପୂର୍ବତନ ଏମ୍‌ପି କନକବର୍ଦ୍ଧନ ସିଂହଦେଓ ବ୍ରଜରାଜନଗରରେ ପହଞ୍ଚି ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ।





ପ୍ରଚାର ସଭାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ ଉପସ୍ଥିତ।

# ପାଚକ-ପାଚିକାଙ୍କୁ ଦୀପାଳିଙ୍କ ମାର୍ଗଦର୍ଶନ

**ଝାରସୁଗୁଡା ଅଫିସ, ୨୨।୫**

**ବିଜେଡି ମହିଳା ମୋର୍ଚ୍ଚାର ପ୍ରଚାର ରଣନୀତି**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉପନିର୍ବାଚନକୁ ଆଉ ମାତ୍ର ୮ଦିନ ବାକି ରହିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ପ୍ରଚାରରେ ବିଜେଡି ଆଗରେ ରହିଥିବାବେଳେ ଏଥିରେ ବିଜେଡି ମହିଳା ମୋର୍ଚ୍ଚା ସାମିଲ ହୋଇଛି। ବିଜେଡି ମହିଳା ମୋର୍ଚ୍ଚା ପ୍ରଚାର କମିଟିର ସଂଯୋଜିକା ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅ ଦୀପାଳି ଦାସଙ୍କ ଅଧ୍ୟକ୍ଷତାରେ ବେଲପାହାଡ ସହରର ଏକ ହୋଟେଲରେ ରବିବାର ନିର୍ବାଚନୀ ପ୍ରଚାର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ଶତାଧିକ ସଦସ୍ୟା ଯୋଗଦେଇଥିଲେ। ଏଥିରେ କଟକ ମେୟର ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ସୁବାସ ସିଂହ, ସହପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ବ୍ରଜରାଜନଗର ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ଲଇକେରା ବ୍ଲକର ପୂର୍ବତନ ଅଧ୍ୟକ୍ଷା ରୋଜାଲିନୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଚକ ପାଚିକାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟ ସହିତ ଅନୁବନ୍ଧିତ ହେଲା ପରେ ପାଚକପାଚିକା ମହାସଂଘର ବହୁବିଧ ଦାବି ମଧ୍ୟରୁ କେତେକ ଦାବି ପୂରଣ ହୋଇଥିବାବେଳେ ବାକି ଆଉ କେତେକ ରହିଛି। ଏହାକୁ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ସାଧାରଣ ସମ୍ପାଦକ ସିଂହ କହିଛନ୍ତି। ଏନେଇ ପ୍ରଚାର କମିଟି ସଂଯୋଜିକା ଦାସ ପାଚକପାଚିକାଙ୍କୁ ମାର୍ଗଦର୍ଶନ ଦେଇ କହିଛନ୍ତି, ନାରୀଶକ୍ତି ସମାଜ ବିକାଶର ମାଇଲ୍ ଖୁଣ୍ଟ ହୋଇଥିବାବେଳେ ଏମାନଙ୍କ ଦାୟିତ୍ୱ ନେବା ଆମ୍ଭମାନଙ୍କର କର୍ତ୍ତବ୍ୟ। ପାଚକପାଚିକାମାନଙ୍କର ଆମେ ସୁଖଦୁଃଖର ସାଥି ହୋଇ ଆସିଛୁ। ସବୁଦିନ ମଧ୍ୟ ସାଥି ହୋଇରହିବୁ। ତେଣୁ ପାଚକପାଚିକାମାନେ ସହଯୋଗ କରନ୍ତୁ ବୋଲି ସେ କହିଥିଲେ।





ବେଲପାହାଡରେ ନିର୍ବାଚନୀ ପ୍ରଚାର ସଭାରେ ବିଜେଡି ମହିଳା ମୋର୍ଚ୍ଚା ପ୍ରଚାର କମିଟି ସଂଯୋଜିକା ଦୀପାଳୀ ଦାସ ଓ ଅନ୍ୟମାନେ ମଞ୍ଚାସୀନ।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୭୩,୯୮,୯୦୦ | ୬୩,୦୦,୧୭୨ | ୪୯,୭୩,୬୬,୭୬୬ |
| ଭାରତ | ୪,୩୧,୩୬,୩୭୧ | ୫,୨୪,୪୧୩ | ୪,୨୫,୯୭,୦୦୩ |
| ଓଡ଼ିଶା | ୧୨,୮୮,୩୭୨ | ୯୧୨୬(+୫୩) | ୧୨,୭୯,୧୦୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅନୁଭବଙ୍କ ନାଁରେ ଥାନାରେ ବର୍ଷାଙ୍କ ଅଭିଯୋଗ

## ଭିଡିଓରେ ଚରିତ୍ର ସଂହାର କରାଯାଇଛି: ବର୍ଷା

**କଟକ ଅଫିସ, ୨୨।୫**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ରବିବାର ପୁରୀଘାଟ ଥାନାରେ ଅଭିଯୋଗ କରିଛନ୍ତି। ଅନୁଭବ ୟୁଟ୍ୟୁବ୍‌ରେ ଛାଡ଼ିଥିବା ୨ଟି ଭିଡିଓରେ ସେ ବର୍ଷାଙ୍କୁ ଆକ୍ଷେପ କରିବା ସହ ତାଙ୍କ ସମ୍ମାନହାନି କଲା ଭଳି ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ବର୍ଷା-ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦକୁ ନେଇ କଟକ ନିମ୍ନ ଅଦାଲତରେ ୨ଟି ମାମଲା ବିଚାରାଧୀନ ରହିଛି। ଏପରି କି କଟକ ପାରିବାରିକ ଅଦାଲତରେ ଅନୁଭବ ଦାଏର କରିଥିବା ବିବାହ ବିଚ୍ଛେଦ ମାମଲା ଚାଲିଛି। ସେହିପରି ବର୍ଷାଙ୍କ ପକ୍ଷରୁ ଘରୋଇ ହିଂସା ନେଇ ଏକ ମାମଲା ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ଏହି ସବୁ ମାମଲା କୋର୍ଟରେ ଗଡ଼ି ଚାଲିଥିବାବେଳେ ଅନୁଭବ ଭିଡିଓ କରି ଅରୁଚିକର ମନ୍ତବ୍ୟ ଦେଉଛନ୍ତି। ସୋସିଆଲ ମିଡିଆରେ ଭିଡିଓ ଛାଡ଼ି ଅନୁଭବ ମୋ ନାରୀତ୍ୱ ପ୍ରତି ଅପମାନ କରିଛନ୍ତି ଏବଂ ଆମ ଦୁହିଁଙ୍କ ଶାରୀରିକ ସମ୍ପର୍କକୁ ନେଇ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି। ୨୦୨୦ରେ ଅନୁଭବ ଛାଡ଼ପତ୍ର ଦେବାକୁ କହିଥିଲେ। ସେଥିରେ ରାଜି ନ ହେବାରୁ ସେ ନାନା ଧମକ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଏକାଧିକ ସର୍ତ୍ତ ଥିବା ବଣ୍ଡ୍ ପେପରରେ ଦସ୍ତଖତ କରିବାକୁ କହିଥିଲେ। ମୁଖ୍ୟତଃ ଫିଲ୍ମଲାଇନ ଛାଡ଼ିବା ଏବଂ ରାଜନୀତିରେ ଯୋଗ ନ ଦେବାକୁ ସର୍ତ୍ତ ରହିଥିଲା। ଏକାଧିକ ଏତଲା ଦେବା ସତ୍ତ୍ୱେ ଅନୁଭବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ବଞ୍ଚିବା କଷ୍ଟକର ହୋଇପଡ଼ିଛି ବୋଲି ବର୍ଷା କହିଛନ୍ତି।

ସୂଚନାଥାଉ କି, ଗତ ଗୁରୁବାର ଅନୁଭବ ୟୁଟ୍ୟୁବରେ 'ମନର ଅକୁହା କଥା' ନାମରେ ପ୍ରଥମ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ସେ ନ୍ୟାୟକୁ ଅପେକ୍ଷା କରିବାଠାରୁ ଭଲ ମୃତ୍ୟୁକୁ ଆପଣାଇ ନେବା ଏବଂ ଜୀବନ ସାଥୀ ବାଛିବାରେ ଭୁଲ କରିଛନ୍ତି ବୋଲି କହିଛନ୍ତି। ଏହି ଭିଡିଓ ପରେ ଅନୁଭବ ଓ ବର୍ଷା ସମର୍ଥକଙ୍କ



ମଧ୍ୟରେ ଅନେକ ମତ ପ୍ରକାଶ ପାଇଛି। ହଠାତ୍ ଅନୁଭବ ଭିଡିଓ ୟୁଟ୍ୟୁବ୍‌ରେ ଛାଡ଼ିବା ପଛରେ ବିଳମ୍ବିତ ନ୍ୟାୟ ନୁହେଁ, ବିଜେଡି ରାଜନୀତିରେ ସେ କୋଣଠେସା ହେବା ମୁଖ୍ୟ କାରଣ ବୋଲି କେତେକେ ସମାଲୋଚନା କରିଛନ୍ତି। ଏପରି କି ବର୍ଷା ଉଭୟ ବିଜେଡି ଓ ରାଜ୍ୟ କ୍ଷମତା କେନ୍ଦ୍ରର ନିକଟତର ହେଉଥିବା ଚର୍ଚ୍ଚା ହେଉଥିବାବେଳେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତି ଦେଖିବାକୁ ମିଳୁଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ବର୍ଷା ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଗତ ମଙ୍ଗଳବାର ମା' ତାରାତାରିଣୀଙ୍କ ପୀଠରେ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ପୁରୋଧା ଭାବେ ଯୋଗଦେଇଥିବାବେଳେ ବର୍ଷାଙ୍କୁ ସେଠାରେ ଦେଖିବାକୁ ମିଳିଛି। ବିଜେଡିରେ ବର୍ଷାଙ୍କ ପ୍ରଭାବ ବଢୁଥିବାରୁ ତାହା ଅନୁଭବଙ୍କୁ ବିଚଳିତ କରୁଥିବା ସମାଲୋଚକମାନେ କହୁଛନ୍ତି। ସେହିପରି ଚଳଚ୍ଚିତ୍ର ଜଗତକୁ ଫେରିଆସି ପୁଣି ଥରେ ସକ୍ରିୟ ରହିବାକୁ ଅନୁଭବଙ୍କୁ ତାଙ୍କ ପ୍ରଶଂସକମାନେ ସୋସିଆଲ ମିଡିଆରେ ନିବେଦନ କରୁଛନ୍ତି। ଏଭଳିସ୍ଥଳେ ପ୍ରଥମ ୟୁଟ୍ୟୁବ୍ ଭିଡିଓ ପରେ ବର୍ଷାଙ୍କ ପଛରେ ତାଙ୍କ ସମର୍ଥକମାନେ ଠିଆ ହୋଇ ଅନୁଭବଙ୍କୁ ନାନା ପ୍ରକାର ସମାଲୋଚନା କରୁଛନ୍ତି। ତେବେ ଗଣମାଧ୍ୟମରେ ପ୍ରକାଶିତ ଖବର ଏବଂ ସମାଲୋଚକଙ୍କ ବିଭିନ୍ନ କଥାକୁ ଦୃଷ୍ଟିରେ ରଖି ଅନୁଭବ ଶନିବାର 'ଅନ୍‌ଟୋଲ୍ଡ ଟ୍ରୁଥ୍' ନାମରେ ଆଉ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ ଗଣମାଧ୍ୟମ ତାଙ୍କ କଥାକୁ ବିଶ୍ୱାସକୁ ନ ନେଇ ବର୍ଷାଙ୍କ କଥାକୁ ଏକପାଖିଆ ପରିବେଷଣ କରୁଛନ୍ତି। ଏପରି କି କେତେକ ମନଗଢ଼ା କଥା ତାଙ୍କ ବିରୋଧରେ କୁହାଯାଉଛି ବୋଲି ଅନୁଭବ କ୍ଷୋଭ ପ୍ରକାଶ କରିବା ସହ ଏହି ଭିଡିଓ ମାଧ୍ୟମରେ ସେ ସତ କଥା ସାମ୍ନାକୁ ଆଣିଥିବା କହିଛନ୍ତି। ଏହି ଦ୍ୱିତୀୟ ଭିଡିଓରେ ସେ ନିଜର ୮ ବର୍ଷର ବୈବାହିକ ଜୀବନ ବିଷୟରେ କହିଛନ୍ତି। ସେ ନିଜକୁ ଜଣେ 'ମ୍ୟାରେଡ୍ ବ୍ୟାଚେଲର' ବୋଲି କହିଛନ୍ତି। ବିବାହ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ହେଉଛି ପବିତ୍ରର ସମ୍ପର୍କ। ହେଲେ ବର୍ଷା ସେଥିରୁ ତାଙ୍କୁ ବଞ୍ଚିତ କରିଛନ୍ତି ଓ ସ୍ୱାମୀର ଅଧିକାର ତାଙ୍କୁ ଦେଇନାହାନ୍ତି। ବିଭିନ୍ନ ଆଳ ଦେଖାଇ ତାଙ୍କଠାରୁ ବର୍ଷା ଦୂରେଇ ରହିଆସିଛନ୍ତି ବୋଲି ଅନୁଭବ ଭିଡିଓରେ କହିଛନ୍ତି।

ଭିଡିଓ ମାଧ୍ୟମରେ ଅନୁଭବ ତାଙ୍କର ଚରିତ୍ର ସଂହାର କରିଛନ୍ତି ବୋଲି ବର୍ଷା ଏତଲାରେ ଦର୍ଶାଇଛନ୍ତି। ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀଘାଟ ଥାନା ସବ୍‌ଇନ୍ସପେକ୍ଟର ସ୍ୱପ୍ନିଳା ସୁଚିତ୍ରା ସାହୁ କହିଛନ୍ତି। ବର୍ଷାଙ୍କ ଏତଲା ସଂକ୍ରାନ୍ତରେ ଅନୁଭବଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୟୁଜିସି ଏନ୍‌ଇଟି: ଆବେଦନ ଫର୍ମରେ ଏଡିଟ୍ କରିପାରିବେ ଛାତ୍ରୀଛାତ୍ର




**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ୟୁଜିସି ଏନ୍‌ଇଟି ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କୁ ଫର୍ମ ଏଡିଟ୍ ବା ପରିବର୍ତ୍ତନ କରିବା ଲାଗି ସୁଯୋଗ ଦିଆଯାଇଛି। ଛାତ୍ରୀଛାତ୍ରମାନେ ନିଜ ଅନ୍‌ଲାଇନ୍ ଆବେଦନ ଫର୍ମକୁ ପରିବର୍ତ୍ତନ କରିପାରିବେ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ugcnet.nta.nic.inରେ ଲଗ୍ ଇନ୍ କରି ନିଜ ଫର୍ମରେ ପରିବର୍ତ୍ତନ ତଥା ଏଡିଟ୍ କରିବାକୁ ପଡ଼ିବ। ଏନେଇ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ୟୁଜିସି ଏନ୍‌ଇଟି ଡିସେମ୍ବର ୨୦୨୧ ଓ ଜୁନ୍ ୨୦୨୨ ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗ ମିଳିବ। ତେବେ ୨୩ ତାରିଖ ରାତି ୯ଟା ସୁଦ୍ଧା ଛାତ୍ରୀଛାତ୍ରମାନେ ଆବେଦନ ଫର୍ମକୁ ଏଡିଟ୍ କରିପାରିବେ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।




# ବିକ୍ରି ପୂର୍ବରୁ ବଜ୍ରକାପ୍ତା ଉଦ୍ଧାର, ଶିକାରୀ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ ରୁପ୍ରା ରୋଡ୍, ୨୨।୫(ଡି.ଏନ୍.ଏ)**

ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ କେସିଙ୍ଗା ଥାନା ଅଞ୍ଚଳର ଜିତେନ୍ଦ୍ର କୁମାର। ତାଙ୍କଠାରୁ ଏସ୍‌ଟିଏଫ୍ ୧୩ କେଜି ୩୩୦ ଗ୍ରାମ ଓଜନର ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କଳାହାଣ୍ଡି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ସୁରକ୍ଷା ଦୃଷ୍ଟିରୁ ଉଦ୍ଧାର ବଜ୍ରକାପ୍ତାକୁ ଏସ୍‌ଟିଏଫ୍ କଳାହାଣ୍ଡି ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଜିତେନ୍ଦ୍ର ପାଖରେ ଥିବା ଏକ ବଜ୍ରକାପ୍ତାକୁ ବିକ୍ରି ପାଇଁ ଗ୍ରାହକ



ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସ୍ଥାନୀୟ ବନ ବିଭାଗକୁ ଜଣାଇ ଧରିବାକୁ ଯୋଜନା କରିଥିଲା। ଶନିବାର ରାତିରେ ଜିତେନ୍ଦ୍ର ଜଣେ ଗ୍ରାହକଙ୍କ ସହ ମୂଲଚାଲ କରି ବଜ୍ରକାପ୍ତା ବିକ୍ରି କରିବାକୁ ଭବାନୀପାଟଣା-ମଦନପୁର ରୋଡ ମଝିରେ ଥିବା କର୍ନିଖୁଣ୍ଟି ଗ୍ରାମ ନିକଟକୁ ଯାଇଥିଲେ। ଏସ୍‌ଟିଏଫ୍ ଓ ବନବିଭାଗର ମିଳିତ ଟିମ୍ ସେଠାରେ ଚଢ଼ାଉ କରି ଜିତେନ୍ଦ୍ରଙ୍କୁ କାବୁ କରିଥିବାବେଳେ ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ। ଜିତେନ୍ଦ୍ର ଧରିଥିବା ଏକ ବ୍ୟାଗକୁ ଯାଞ୍ଚ କରାଯିବାରୁ ସେଥିରୁ ଏକ ଜୀବନ୍ତ ବଜ୍ରକାପ୍ତା ମିଳିଥିଲା। ନିକଟ ଜଙ୍ଗଲରୁ ଉକ୍ତ ବଜ୍ରକାପ୍ତାକୁ ସେ ଧରିଥିବା ଅନୁମାନ କରାଯାଉଛି। ଏସ୍‌ଟିଏଫ୍ ରିପୋର୍ଟ ଅନୁଯାୟୀ, ବନ୍ୟଜନ୍ତୁ ଚାଲାଣକାରୀଙ୍କ ବିରୋଧରେ ୨୦୨୦ରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ୨୮ ବାଘ ଛାଲ, ୨୯ ବାଘ ନଖ, ୨୪ ହାତୀଦାନ୍ତ, ୭ ହରିଣ ଚମଡ଼ା, ୧୪ ଜୀବନ୍ତ ବଜ୍ରକାପ୍ତା, ୩୦ କେଜି ୪୦୦ ଗ୍ରାମ ବଜ୍ରକାପ୍ତା କାତି ଓ ୪୬ ଶୁଆ ଆଦି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୬୯ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ୪ବର୍ଷର ପୁଅ ପାଇଁ ଉଦ୍ଧାର ପାଇଲେ ମା'

## ଦୁର୍ବୃତ୍ତଙ୍କୁ କାବୁ କଲେ ଗ୍ରାମବାସୀ

**ବାଲେଶ୍ୱର ଅଫିସ, ୨୨।୫**

ବାଲେଶ୍ୱର ସଦର ଥାନା ଅଧୀନ ଅନନ୍ତପୁର ଗ୍ରାମରେ ଜଣେ ମହିଳାଙ୍କ ଘରେ ଦୁର୍ବୃତ୍ତ ପଶି ଲୁଟପାଟ୍ କରିବା ସହ ଆକ୍ରମଣ କରୁଥିବା ବେଳେ ତାଙ୍କ ୪ ବର୍ଷ ପୁଅ ପାଇଁ ସେ ରକ୍ଷା ପାଇଯାଇଛନ୍ତି। ଗ୍ରାମବାସୀ ଘର କବାଟ ଭାଙ୍ଗି ମହିଳାଙ୍କୁ ଉଦ୍ଧାର କରିବା ସହ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଘଟଣା ଘଟିଛି ଶନିବାର ରାତିରେ।

ରାତି ପ୍ରାୟ ୯ଟା ବେଳେ ଅନନ୍ତପୁର ଗାଁର ଉଜ୍ଜ୍ୱଳ ଜେନାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ମଧୁପୁରା ଗ୍ରାମର ଲିପନ ଜେନା ଘରେ ପଶି ଉଜ୍ଜ୍ୱଳଙ୍କ ସ୍ତ୍ରୀ ପଲ୍ଲବୀଙ୍କୁ ପାଣି ମାଗିଥିଲେ। ପଲ୍ଲବୀ ପାଣି ଆଣିବାକୁ ଯାଇଥିବା ବେଳେ ଲିପନ ତାଙ୍କ ଘର ଭିତରେ ପଶି ଆଲମାରୀ ଖୋଲିବାକୁ ଚେଷ୍ଟା କରିଥିଲେ। ଏହାଦେଖି ପଲ୍ଲବୀ ବିରୋଧ କରିବାରୁ ଲିପନ ଘର କବାଟ ଆଉଜେଇ ଦେଇ ତାଙ୍କୁ ମାଡ଼ ମାରି ସୁନା ଗହଣା ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପଲ୍ଲବୀଙ୍କ ୪ବର୍ଷର ପୁଅ ଘରୁ ବାହାରକୁ ପଳାଇ ଆସି ଲୋକଙ୍କୁ ଡାକିବାକୁ ଚେଷ୍ଟା କରିଥିଲେ। ସେ ଠିକ୍ ଭାବେ କଥା କହି ପାରୁ ନ ଥିବାରୁ ଲୋକେ ପ୍ରଥମେ କିଛି ବୁଝି ପାରି ନ ଥିଲେ। ହେଲେ ପିଲାଟି ବାରମ୍ବାର ଲୋକଙ୍କୁ ଡାକିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ସେମାନେ ଘରକୁ ଆସି ପଲ୍ଲବୀଙ୍କୁ ଘର ଭିତରେ ଲିପନ ମାଡ଼ ମାରୁଥିବା ଦେଖିଥିଲେ। ଲୋକେ ପଲ୍ଲବୀଙ୍କୁ ଉଦ୍ଧାର କରିବା ସହ ଏଥିସହ ଲିପନଙ୍କୁ କାବୁ କରି ମାଡ଼ ମାରିଥିଲେ। ସଦର ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲେ। ଅନ୍ୟପକ୍ଷେ ଗୁରୁତର ଆହତ ପଲ୍ଲବୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କୁନି ପୁଅର ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ବିପଦ ଟଳି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।



**ଆଜିର ମନ୍ତବ୍ୟ**

"ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଇଟାଲୀୟ ଚଷମା ଖୋଲିଲେ ଅରୁଣାଚଳ ପ୍ରଦେଶରେ ହୋଇଥିବା ବିକାଶ କାର୍ଯ୍ୟକୁ ଦେଖିପାରିବେ। -ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ପାୟଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପକାରିଆ ବନ୍ଧୁ**
**ଆମ୍ବ ଆଣିନାହିଁ ଶିମ୍ବ ଆଣିନାହିଁ**
**ଆଣିଅଛି କଷା କେନ୍ଦୁ।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ବନ୍ଧୁତ୍ୱର ମୂଲ୍ୟ ବୁଝି ନ ଥାନ୍ତି। ବନ୍ଧୁତ୍ୱକୁ ଟଙ୍କା ପଇସାରେ ତଉଲିବା ସହ ଯାହା ପାଖରେ ଟଙ୍କା ବା ଧନ ନ ଥାଏ ସେପରି ବନ୍ଧୁକୁ ହୀନ ଦୃଷ୍ଟିରେ ଦେଖିଥାନ୍ତି। ତେବେ ବନ୍ଧୁତ୍ୱରେ ଧନୀ ଗରିବ ବିଚାର୍ଯ୍ୟ ହେଉ ନ ଥିବା ସ୍ଥଳେ ବନ୍ଧୁର ସାମାନ୍ୟ ବା ତୁଚ୍ଛ ବେଭାର ପ୍ରତି ତାଚ୍ଛଲ୍ୟ ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଞ୍ଚ କପାଳୀ ଅସୁରୀ**
**ଧାଇଁ ଧାଇଁ ଖାଏ ଶଶୁରୀ।**

ଉଚ୍ଚ କପାଳୀ ବୋହୂ ଅଲକ୍ଷଣୀ ବୋଲି ଲୋକବିଶ୍ୱାସ ରହିଛି। ଏପରି ବୋହୂ ଶ୍ୱଶୁର ପକ୍ଷ ଲୋକଙ୍କର ଅହେତୁକ କ୍ଷତି ବା ହାନି ପହଞ୍ଚାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ତିନି ରଥର ଚକ, ଅଖ ଡେରା ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୨।୫**

ମହାପ୍ରଭୁଙ୍କ ଭଉଁରୀ ଯାତ୍ରା ଅବସରରେ ରବିବାର ତିନିରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥିବାବେଳେ ରଥଯାତ୍ରାର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ତିନିରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା। ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ପ୍ରାତଃ ୫.୫୦ରେ ହୋଇ ଭିତରଶୋଧ ପରେ ମଙ୍ଗଳ ଆଳତି ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ଧୂପ ପୂର୍ବାହ୍ନ ୧୧.୧୫ରେ ଶେଷ ହୋଇ ପାଣି ପଡ଼ିଥିଲା। ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଥିଲେ। ସେମାନେ ଆଜ୍ଞାମାଳ ଧରି ଘଣ୍ଟ, ଛତା, କାହାଳୀ ପଟୁଆରରେ ପୂର୍ବାହ୍ନ ପ୍ରାୟ ୧୧ଟା ୫୦ରେ ରଥଖଳାକୁ ଯାତ୍ରା କରିଥିଲେ। ପ୍ରଥମେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନଅରକୁ ଯାଇଥିଲେ। ପୂର୍ବରୁ ରଥଖଳାରୁ ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ପାଖରେ ରଖିଥିଲେ। ପାଣିଆ ଆପଟ ସେବକମାନେ ସେଗୁଡ଼ିକରେ ପାଣି ପକାଇବାପରେ କମାର ସେବକମାନେ ଚକ ପନ୍ଦାରୀରେ ଯୋଖିଆ କଣ୍ଟା ବାଡ଼େଇଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ରାଜନଅରରୁ ଆଜ୍ଞାମାଳ ଧରି ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହିତ ଚକଡେରା ସ୍ଥାନକୁ ଆସିଥିଲେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ଦେବା ପରେ ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଉପମୁଖ୍ୟପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ସମସ୍ତେ ପ୍ରାର୍ଥନା କରିଥିଲେ। ତେବେ ଚକ ଅଖ ଡେରା ନୀତି ସମୟରେ ଘଟିଥିବା ଏକ ଘଟଣାକୁ ସେବାୟତମାନେ ମହାପ୍ରଭୁଙ୍କ କରୁଣା ବୋଲି ବିବେଚନା କରିଛନ୍ତି। ଶନିବାର ରାତିରୁ ପ୍ରବଳ ବର୍ଷା ଲାଗିରହିଥିଲା। ରବିବାର ସକାଳେ ମଧ୍ୟ ବର୍ଷା ଲାଗିରହିଥିଲା। ମାତ୍ର ଆଜ୍ଞାମାଳ ବିଜେ ସମୟର କିଛି ସମୟ ପୂର୍ବରୁ ହଠାତ୍ ବର୍ଷା ଛାଡ଼ିଯାଇଥିଲା। ଏହାକୁ ମହାପ୍ରଭୁଙ୍କ କରୁଣା ବୋଲି ସେବାୟତମାନେ କହିବା ସହ ଚଳିତ ବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହେବା ନେଇ ଆଶାବ୍ୟକ୍ତ କରିଛନ୍ତି।


# classifieds Everyday
0674-2580101, 2549302

real estate

## SALE

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

**2526Sqft Corner Plot (Gharabari) immediately Sale at Keshara (Near SBI Colony), Bhubaneswar. Contact: 7978003248.** D-532

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73803

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

ଭୁବନେଶ୍ୱର କଳ୍ପନାଠାରୁ **10** କି.ମି. ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4** କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft.,** ସବ୍‌ବ୍ରାଞ୍ଚ ରୋଡ୍ **25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- **9938999317, 9938015353. SUVAM CONSTRUCTION.** D-475

ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ **KIIT College** ଛକ ପାଖରେ **3BHK Duplex/flat** ଅଛି। **9658122456, 8327785834.** D-73241

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

## GENERAL

## SALE

**2, Passenger LIFT sales and service. Contact: 9692527969.** D-468

to-let

3Bedrooms with 2Toilets, Dining and Drawing, Balcony and Kitchen for tolet, IRC Village, Nayapalli, Bhubaneswar. Contact No.- 7381035667. D-73802

healthcare

**Relax, Refresh your body, mind at Saikrupa Spa with best therapies. 8984068077.** D-488

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshing your mind and body with the best therapy, 7873794731. D-317

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage ladies and gents. 8327740003, 8093860513. D-73902

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Newly open SPA positively health benefits expert therapist, Kalpana. 7846814019. D-73608

Newly open full body massage ladies and gents. 7750077371. D-71900

education

Medical Exam. Registration- BAMS/BHMS/BUMS/GNM/D.Pharma. 9893869473. D-439

## AFFIDAVIT

I Pankaj Kumar Sipa, S/o Billiyan Sipa of Kosagumuda state that my name is wrongly mentioned as Pankaja Kumar Sipa instead of Pankaj Kumar Sipa in my educational certificates and pass port. Both Pankaj Kumar Sipa and Pankaja Kumar Sipa is one and same person. D-536


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୋ କଥାକୁ ମୋଡ଼ ଦିଆଯାଇଛି- ବିଷ୍ଣୁ ସେଠୀ

**ଭଦ୍ରକ ଅଫିସ, ୨୨।୫**

## ଖବରଦାତା ସମ୍ମିଳନୀରେ ସ୍ପଷ୍ଟୀକରଣ ଦେଲେ

୨୦୨୪ରେ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେବେ ଏକଥା ମୁଁ କେବେ କହିନାହିଁ। ମୋ କଥାକୁ ମୋଡ଼ ଦେଇ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରଚାର କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ନିଜର ଟିଆର୍‌ପି ବଢ଼ାଇବା ପାଇଁ ଆଉ ଜଣକୁ ହତ୍ୟା କରିବା ଗଣତାନ୍ତ୍ରିକ ଅଧିକାର ନୁହେଁ ବୋଲି ରବିବାର ପୂର୍ବାହ୍ନରେ ବିଧାନସଭାର ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭଦ୍ରକ ସ୍ଥିତ ତାଙ୍କ ବାସଭବନରେ ଆହୂତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶନିବାର ଭୁବନେଶ୍ୱରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ ମୋ କଥାକୁ ସରକାରୀ ଦଳର ପ୍ରାୟୋଜିତ ଏକ ଗଣମାଧ୍ୟମ ମୋଡ଼ ଦେଇ ପ୍ରଚାର କରୁଥିବା ମୁଁ ସୋସିଆଲ ମିଡିଆରେ ଦେଖିବାକୁ ପାଇଲି। ବିଜୁ ବାବୁଙ୍କ ପ୍ଲାଟଫର୍ମରେ ନବୀନ ବାବୁ ଠିଆ ହୋଇଛନ୍ତି। ନିଜେ ଓଡ଼ିଆ ବୁଝି ପାରୁ ନ ଥିବାରୁ ଅଣଓଡ଼ିଆ ଆଇଏସ୍‌ମାନେ ନବୀନ ବାବୁଙ୍କ ପାଖ ଲୋକ ହୋଇପାରିଛନ୍ତି। ପରୀ ହତ୍ୟାକାଣ୍ଡ, ମାହାଙ୍ଗା ଟ୍ରିପଲ୍ ମର୍ଡର, ମମିତା ମେହେର ହତ୍ୟା ଘଟଣା ଓ ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କୁ ନବୀନ ବାବୁ ଏ ପର୍ଯ୍ୟନ୍ତ ମନ୍ତ୍ରୀ ପଦରୁ ବହିଷ୍କାର କରି ପାରିନାହାନ୍ତି। ଭାଜପାରେ ମୋଦିଙ୍କ ଭଳି ଲୋକପ୍ରିୟ ନେତା ଥିବା ବେଳେ ମୁଁ ନବୀନ ଚାଳିଶା ପାଠ କରୁଛି ବୋଲି କୁହାଯିବା ହାସ୍ୟାସ୍ପଦ ଅଟେ। ଭାଜପା ବିଶ୍ୱରେ ସର୍ବବୃହତ ଏକକ ସଙ୍ଗଠନ ରାଜନୈତିକ ଦଳ ଅଟେ। ଓଡ଼ିଶାରେ ପ୍ରତି ବୁଥ୍‌ରେ ପହଞ୍ଚିବା ପାଇଁ ଭାଜପା ସଂଘର୍ଷ ଜାରି ରଖିଛି। ମୋଦି ବଙ୍ଗୋପସାଗର ହେଲେ ନବୀନ ଚିଲିକା ହ୍ରଦ ବୋଲି ବିରୋଧୀ ଦଳ ଉପନେତା ସେଠୀ କହିଥିଲେ। ଭାଜପା ଭଳି ବିଶ୍ୱର ବୃହତ ଦଳରେ ଥାଇ ମୁଁ କେବେ ନବୀନ ପଟ୍ଟନାୟକଙ୍କସ୍ତୁତି ଗାନ କରିନାହିଁ। ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ମୋ କଥାକୁ ରୂପ ଦେଇ ଏପରି ପ୍ରଚାର କରାଯାଉଛି ବୋଲି ଖବରଦାତା ସମ୍ମିଳନୀରେ ସେ ସ୍ପଷ୍ଟ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ।

## ପ୍ରଥମ ପୃଷ୍ଠାରୁ...

### ଏଏସ୍‌ଆଇ ଅଜାଣତରେ ...

କ'ଣ ଲୁଚାଇବାକୁ ଚାହୁଁଛି। ସେହିଭଳି ଶନିବାର ରାତିରେ ହୋଇଥିବା ଜିପିଆରଏସ୍ ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ଅତି ନିକଟ ଅଞ୍ଚଳରେ ହେଉଥିଲା। ଖନନସ୍ଥଳ ପାଖରେ ଜିପିଆରଏସ୍ କରାଯାଇନାହିଁ। ଏନେଇ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଜିପିଆର୍‌ଏସ୍ ନ କରି ରାଜ୍ୟ ସରକାର ବିରାଟ ଖନନ କରିସାରିଛନ୍ତି। ଏବେ ଜିପିଆରଏସ୍ କେବଳ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବା ଉଦ୍ଦେଶ୍ୟରେ କରାଯାଉଛି। ସରକାର ଐତିହ୍ୟ ଓ କୀର୍ତ୍ତିରାଜି ପ୍ରତି ଚିନ୍ତିତ ଥିଲେ ପ୍ରଥମେ ଜିପିଆର୍‌ଏସ୍ କରିଥାଆନ୍ତେ। ସେହିପରି ସୂଚନା ଅଧିକାର କର୍ମୀ ତଥା ହାଇକୋର୍ଟରେ ଏ ସମ୍ପର୍କିତ ଆବେଦନ କରିଥିବା ଦିଲୀପ ବରାଳ କହିଛନ୍ତି, ଏଭଳି ରାତିଅଧରେ ଜିପିଆର୍‌ଏସ୍ ଯୋଗୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପଦାରେ ପଡ଼ିଛି। ସମ୍ପ୍ରତି କରାଯାଉଥିବା ସର୍ଭେରେ ଶ୍ରୀମନ୍ଦିର ଚୌହଦ୍ଦିର ନିର୍ମାଣସ୍ଥଳୀରେ କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜିର ସନ୍ଧାନ ମିଳିଲେ କ'ଣ କରାଯିବ। ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଦିଗରେ ସରକାର ଆଦୌ ଚିନ୍ତିତ ନୁହନ୍ତି। ହାଇକୋର୍ଟରେ ଆସନ୍ତା ଦିନରେ ସତ୍ୟପାଠ କରିବାକୁ ଥିବାରୁ ପ୍ରଶାସନ କୌଶଳକ୍ରମେ ଜିପିଆର୍‌ଏସ୍ କରି ଏହାକୁ ପ୍ରକଳ୍ପ କାର୍ଯ୍ୟ ପୂର୍ବର ସର୍ଭେ ବୋଲି କହିବାକୁ ପ୍ରୟାସ କରୁଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଜିଲା ପ୍ରଶାସନ, ଓବିସିସି କିମ୍ବା ଟାଟା କମ୍ପାନୀ କେହି ମୁହଁ ଖୋଲୁନାହାନ୍ତି।

### ନିର୍ମାଣ ଆଢୁଆଳରେ ...

ସୁରକ୍ଷାକୁ ନେଇ ପ୍ରଶ୍ନ କଲେ କୁହାଯାଉଛି, ଶଙ୍କରାଚାର୍ଯ୍ୟ ବିକାଶକୁ ବିରୋଧ କରୁଛନ୍ତି। ଜନତା ମୌନ ରହୁଛନ୍ତି। ତପୋଭୂମିକୁ ଭୋଗଭୂମିରେ ପରିଣତ କରିବା ଶାସନତନ୍ତ୍ରର ଅଭ୍ୟାସ। ପୁରୀକୁ ତୀର୍ଥକ୍ଷେତ୍ର ନୁହେଁ ପର୍ଯ୍ୟଟନକ୍ଷେତ୍ର କରାଯାଉଛି। ଶ୍ରୀମନ୍ଦିର କୌଣସି ନିର୍ମାଣର ଆଢୁଆଳରେ ନ ରହୁ। ଶ୍ରୀମନ୍ଦିର ମରାମତି ହେବାରେ ଅସୁବିଧା ନାହିଁ, ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ବଡ଼ ନିର୍ମାଣ ହେବା ଉଚିତ୍ ନୁହେଁ। ୨୫ବର୍ଷ ତଳେ ଶ୍ରୀମନ୍ଦିର ମରାମତି ହୋଇଥିଲା, ସେସମୟରେ ମୁଁ ହିଁ ପ୍ରଶ୍ନ ଉଠାଇଥିଲି। ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ପ୍ରକାର ନିଷ୍ପତ୍ତି ପୂର୍ବରୁ ମୋତେ ପଚରାଯିବା ଦରକାର। ମୁଁ ଆଖି ବନ୍ଦ କରି କୌଣସି ନିଷ୍ପତ୍ତି ନିଏ ନାହିଁ। ବିଶେଷଜ୍ଞଙ୍କ ପରାମର୍ଶ ନେଇ ସବୁ ନିଷ୍ପତ୍ତି କରାଯିବା ଉଚିତ୍। ସେହିଭଳି ମୁଁ କୌଣସି ରାଜନୈତିକ ଦଳର ନୁହେଁ, ଏଣୁ ଆଖି ବନ୍ଦ କରି ସରକାରଙ୍କୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ। ନା ସମର୍ଥନ କରାଯିବ ନା ବିରୋଧ କରାଯିବ, ଶ୍ରୀମନ୍ଦିର ପାଇଁ ଯାହା ଠିକ୍ ତାହାକୁ ସମର୍ଥନ ରହିବ। ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କରେ ବିଶେଷଜ୍ଞମାନେ ଅଧିକ ଭଲ ଭାବେ କହିପାରିବେ। ବିଶେଷଜ୍ଞମାନଙ୍କ କଥା ଶୁଣିବା ପରେ ସ୍ପଷ୍ଟ ଭାବେ ଏସମ୍ପର୍କରେ କୁହାଯାଇପାରିବ। ତେବେ ଧର୍ମଶାସ୍ତ୍ରରେ ମଧ୍ୟ ମନ୍ଦିର ଚାରିପାଖର ପରିବେଶ କିଭଳି ହେବ ସେ ସମ୍ପର୍କରେ ଉଲ୍ଲେଖ ରହିଛି। ଶୁକ୍ରନୀତି ନାମକ ପୁସ୍ତକରେ ଶ୍ରୀମନ୍ଦିର ଚାରିପାଖର ପରିବେଶ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଛି। ବିଶେଷଜ୍ଞମାନେ ଧାର୍ମିକ ବ୍ୟାପାର ସମ୍ପର୍କରେ ଜ୍ଞାନ ରଖିନାହାନ୍ତି। ଏଣୁ ଧାର୍ମିକ ହସ୍ତକ୍ଷେପ ନ ରହିଲେ ଧାର୍ମିକ ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ତେବେ ଶ୍ରୀମନ୍ଦିର ଭିତ୍ତିଭୂମି ସୁରକ୍ଷିତ ରହୁ, ଶ୍ରୀମନ୍ଦିର କାହାରି ଆଢୁଆଳରେ ଲୁଚି ନ ଯାଉ, ଚାରିପାଖରେ ଖାଲି ଜାଗା ରହୁ ଓ ଆଧ୍ୟାତ୍ମିକ କ୍ଷେତ୍ର ଭାବେ ବିକଶିତ ହେଉ। ଏହି ସବୁ ଦିଗରେ ଧ୍ୟାନ ଦେଇ କାର୍ଯ୍ୟ କରାଯାଉ ବୋଲି ଶଙ୍କରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

### ସିସିଟିଭିରେ ହତ୍ୟାର...

ଶ୍ରୀକାନ୍ତ ଓ ଆହତ ସାନୁଙ୍କ ପରିବାର ଲୋକେ ଟାଉନ୍ ଥାନାରେ ଚିତ୍ତରଞ୍ଜନ ମହାନ୍ତି ମିନିଟ୍ରକ୍‌ରେ ଧକ୍କା ଦେଇ ହତ୍ୟା କରିଥିବା ଲିଖିତଭାବେ ଜଣାଇଥିଲେ। ଚିତ୍ତରଞ୍ଜନ ମହାନ୍ତିଙ୍କ ବିରୋଧରେ ଲାଗିଛି ଦଫା ୩୦୨, ୩୦୭, ୧୨୦ବିରେ ଏକ ମାମଲା(୨୫୩/୨୨)ରୁଜୁ ହୋଇଛି। ଦୁର୍ଘଟଣା ପରେ ଚିତ୍ତରଞ୍ଜନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସେ ୱାଲଟିଅର ଯାଉଥିବା ଖବର ପାଇବା ପରେ ପୋଲିସ ଥେରୁବାଲି ନିକଟରୁ ତାଙ୍କୁ ବଲାଙ୍ଗୀର ଫେରାଇ ଆଣିଛି। ସିସିଟିଭି ଫୁଟେଜ୍‌ରେ ଦେଖାଯାଉଛି ଯେ ମିନିଟ୍ରକ୍‌ଟି କ୍ଷିପ୍ରଗତିରେ ଆସି ବାଇକ୍‌କୁ ଧକ୍କା ଦେଇଛି। ଏହି ବାଇକ୍‌ରେ ସାନୁ ଓ ଶ୍ରୀକାନ୍ତ ବସିଥିଲେ। ଇଡ୍‌କୋ ଏବଂ ସରକାରୀ ଜମି ଅକ୍ତିଆରକୁ ନେଇ ସାନୁ ଓ ଚିତ୍ତରଞ୍ଜନଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। କିଛିଦିନ ପୂର୍ବରୁ ସାନୁଙ୍କ ବଡ଼ଭାଇ ମଧ୍ୟ ସମାନ ଷ୍ଟାଇଲରେ ଦୁର୍ଘଟଣାରେ ଆହତ ହୋଇଥିଲେ। ଏହା ମଧ୍ୟ ହତ୍ୟା ଷଡଯନ୍ତ୍ର ଥିଲା ବୋଲି ଚର୍ଚ୍ଚା ଜୋର ଧରିଛି। ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ପଚାରିବାରୁ ଆର୍‌ଟିଓ ଅଫିସ ଦୁର୍ଘଟଣା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ପୋଲିସ ହେପାଜତରେ ଏକ ନର୍ସିଂହୋମ୍‌ର ରଖି ଚିକିତ୍ସା କରୁଛି। ଅନ୍ୟ ଦୁଇ ସନ୍ଦିଗ୍ଧଙ୍କୁ ଏ ନେଇ ପଚରାଉଚରା କରାଯାଉଛି ବୋଲି କହିଛନ୍ତି।

### କେନ୍ଦ୍ର ହ୍ରାସ ପରେ ...

ରାଜସ୍ୱ ମିଳେ, ସେଥିରୁ ରାଜ୍ୟଗୁଡ଼ିକର ଅଂଶ ରହିଛି। ଶନିବାର କେନ୍ଦ୍ର ସରକାର ଯେଉଁ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରିଛନ୍ତି, ତାହା ଆର୍‌ଆଇସିରୁ ହ୍ରାସ କରାଯାଇଛି। ଫଳରେ ରାଜ୍ୟଗୁଡ଼ିକୁ ମିଳୁଥିବା ଅଂଶରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତାହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ରାଜସ୍ୱ ହ୍ରାସ ହେଉଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଏକ ବିବୃତିରେ କହିଛନ୍ତି। ଏଥିସହ ରାଜ୍ୟ ସରକାରମାନଙ୍କୁ ପେଟ୍ରୋଲ, ଡିଜେଲ୍ ଉପରୁ ଭାଟ ହ୍ରାସ କରି ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବାକୁ ଅନୁରୋଧ କରିଛନ୍ତି। ଗତ ନଭେମ୍ବର ୩ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୫ ଏବଂ ୧୦ଟଙ୍କା ହ୍ରାସ କରିବା ପରେ ଓଡ଼ିଶା ସମେତ ୮ରୁ ଊର୍ଦ୍ଧ୍ୱ ରାଜ୍ୟ ଭାଟ୍ କମାଇଥିଲେ। ଫଳରେ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଥିଲା। ହେଲେ ଏବେ ଭାଟ୍ ହ୍ରାସ କଲେ ଅଧିକ ରାଜସ୍ୱ ଭାର ପଡ଼ିବାର ଆଶଙ୍କା କରି ରାଜ୍ୟଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି।

### ବିଦେଶୀ ପିଲାଙ୍କ ...

ଶିକ୍ଷାନୁଷ୍ଠାନରେ ୩,୯୦୦ ଅଣ୍ଡର ଗ୍ରାଜୁଏଟ୍ ଏବଂ ୧,୩୦୦ ପୋଷ୍ଟ ଗ୍ରାଜୁଏଟ୍ ସିଟ୍ ସଂରକ୍ଷିତ ରହିବ। ବିଦେଶୀ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟକ୍ଷ ନାମଲେଖା ଯୋଜନା (ଡିଏଏସ୍‌ଏ)ରେ ଏହି ପିଲାମାନଙ୍କୁ ଆଡ୍‌ମିଶନ ସୁଯୋଗ ଦିଆଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ପରିଚାଳିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି), ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍‌ନୋଲୋଜି (ଏନ୍‌ଆଇଆଇଟି), ପ୍ଲାନିଂ ଆଣ୍ଡ ଆର୍କିଟେକ୍ଟ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାର ସୁଯୋଗ ପାଇବେ। ତେବେ ଏହି ବ୍ୟବସ୍ଥା ଆଇଆଇଟିଗୁଡ଼ିକ ପାଇଁ ଲାଗୁ ହେବନାହିଁ। କାରଣ ଡିଏଏସ୍‌ଏରୁ ଆଇଆଇଟିକୁ ବାଦ୍ ଦିଆଯାଇଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**: ଆଜି କର୍ମାଧିପଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**: ପାପଗ୍ରହଙ୍କ ଚତୁର୍ଥଭାବପ୍ରତି ଦୃଷ୍ଟି ପ୍ରଭାବରେ ପାରିବାରିକ ସ୍ଥିତି ଚିନ୍ତାଜନକ ହୋଇପାରେ। ହାତକୁ ନେଇଥିବା କାମ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବର ପରିବର୍ତ୍ତନ ଯୋଗୁ ଖୁସି ରହିବେ।

**ମିଥୁନ**: ଆଜି ଯାହା ନିଷ୍ପତ୍ତି ନେବେ ଶେଷ ସମୟରେ ଅନ୍ୟମାନଙ୍କ ବିରୋଧ କାରଣରୁ ଓଲଟ ପାଲଟ ହୋଇଯିବ। ମିତ୍ରମାନେ ପୂର୍ବ ଶତ୍ରୁତା କଥା ସ୍ମରଣ କରି ମତ ବଦଳାଇ ଅସହଯୋଗ କରିବେ। ପୁନର୍ବସୁ ନକ୍ଷତ୍ରର ବନ୍ଧୁ ମିଳନ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଫଳ ପାଇପାରନ୍ତି।

**କର୍କଟ**: ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ପୁଷ୍ୟା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବା ଯୋଗୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁ ପରିଜନଙ୍କ ସହ କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହେବେ।

**ସିଂହ**: କର୍ମକ୍ଷେତ୍ରର ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**କନ୍ୟା**: ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ଆନୁଷ୍ଠାନିକ ବନ୍ଧୁମିଳନ ସମୟରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ।

**ତୁଳା**: କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ପାଇବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**: ଅନୁକୂଳ ଗ୍ରହଯୋଗରୁ ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**: କେତେକ ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ କ୍ଷେତ୍ର ଭଲ ରହିବ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର**: ସହାନୁଭୂତି ଦେଖାଇ ନିକଟ ସମ୍ପର୍କୀୟମାନେ ପାଖେଇ ଆସିବେ। ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ପାରିବାରିକ କ୍ଷେତ୍ରରେ ଟେନସନ୍ କିଛିମାତ୍ରାରେ କମିଯିବା ସାଙ୍ଗକୁ ମାଙ୍ଗଳିକ କାମରୁ ଖୁସି ରହିବେ। ଆଲୋଚନା ପରିସରରେ ବିତର୍କ ଜନିତ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**: ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। ଅଫିସ୍‌ରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସୂଚନା ରହିଛି।

**ମୀନ**: କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଯାହାକି ଆଗାମୀ ସମୟ ପାଇଁ ଲାଭଦାୟକ ହେବ। ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାର ପ୍ରଯତ୍ନ କରି ପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇପାରନ୍ତି।

## ୬୪୫ କୋଟିରୁ ଅଧିକ ଆୟ କରିଛି ପିଏନ୍‌ବି

ନୂଆଦିଲ୍ଲୀ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଗତ ଆର୍ଥିକ ବର୍ଷରେ ଗ୍ରାହକଙ୍କଠାରୁ ଏଟିଏମ୍ କାରବାର ଶୁଳ୍କ ବାବଦରେ ୬୪୫ କୋଟିରୁ ଅଧିକ ଟଙ୍କା ଆଦାୟ କରିଛି। ଜଣେ ସୂଚନାଧିକାରୀ କର୍ମୀ ସୂଚନା ଅଧିକାର ଆଇନ ବଳରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବ୍ୟାଙ୍କ ମୁଖ୍ୟାଳୟଠାରୁ ଆବଶ୍ୟକ ସୂଚନା ପ୍ରଦାନ ପାଇଁ ଆବେଦନ କରିଥିଲେ। ଉକ୍ତ ସୂଚନା ଅନୁସାରେ ପିଏନ୍‌ବି ତା'ର ଏଟିଏମ୍ କାରବାର ଆଦିରୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୬୪୫.୬୭ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଅଧିକାର (ଆରଟିଆଇ) ଅଧିନିୟମ ଅନୁଯାୟୀ ସୂଚନା ପ୍ରଦାନ କରିଛନ୍ତି।

## ଏନ୍‌ଆଇଏଫ୍‌ଟି ପରୀକ୍ଷା ସର୍ବଭାରତୀୟ ସ୍ତରରେ କୋରାପୁଟ ଝିଅ ଅନ୍ୱେଷା ଅର୍ପିତା

**କୋରାପୁଟ,୨୨।୫(ସ୍ୱ.ପ୍ର.):** ନ୍‌ଆଇଏଫ୍‌ଟି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନ ଟେକ୍ନୋଲୋଜି) ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୬୨ତମ ର୍‍ୟାଙ୍କ ପାଇଛନ୍ତି କୋରାପୁଟ ଝିଅ ଅନ୍ୱେଷା ଅର୍ପିତା ପାତ୍ର। ଏନେଇ ଅନ୍ୱେଶାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଅନ୍ୱେଷା ଏହି ସଫଳତାର ଶ୍ରେୟ ବାପା ଅଞ୍ଜନ କୁମାର ପାତ୍ର ଓ ମା' ରଶ୍ମିତା



ବେହେରାଙ୍କୁ ଦେଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟରୁ ଯୁକ୍ତ ୨ ଶେଷ କରିବା ପରେ ଅନ୍ୱେଷା ଭୁବନେଶ୍ୱରସ୍ଥିତ ଏକାଡେମୀ ଅଫ୍ ଫ୍ୟାଶନ ଆଣ୍ଡ ଆର୍ଟ (ଏଏଫଏ)ରେ କୋଚିଂ ନେଉଥିଲେ। ଡ୍ରଇଂ, ପେଣ୍ଟିଂ, ଆର୍ଟ୍ସିଂ, ମେକ୍‌ଅପ ଆଦିରେ ରୁଚି ରଖିଥିବା ଅନ୍ୱେଷା ଭବିଷ୍ୟତରେ ଫ୍ୟାଶନ ଉପରେ ଅଧିକ ପଢିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

# 'ମଣିଷ ବଞ୍ଚିବା ପାଇଁ ଜୈବବିବିଧତାର ସଂରକ୍ଷଣ ଜରୁରୀ'




ଓଡ଼ିଶାର ଜୈବବିବିଧତା ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଅନ୍ତର୍ଜାତୀୟ ଜୈବବିବିଧତା ଦିବସ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)** ମଣିଷ ସମାଜ ପାଇଁ ସମଗ୍ର ଜୀବଜଗତ ବିପଦ ମଧ୍ୟକୁ ଟାଣି ହୋଇଆସୁଛି। ଆମେ ହେଉଛୁ ସୃଷ୍ଟିର ଗୋଟିଏ ଅଂଶ ଓ ଆମ ପାଇଁ ସୃଷ୍ଟି ରହି ନାହିଁ। ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ବଳରେ ଆମେ ନିଜେ ହିଁ ନିଜକୁ ବଞ୍ଚାଇବାକୁ ପଡ଼ିବ ବୋଲି ଜଙ୍ଗଲ ମନ୍ତ୍ରଣାଳୟର ପୂର୍ବତନ ମହାନିର୍ଦ୍ଦେଶକ ତଥା ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି। ଶନିବାର ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଇମେଜ୍ ପରିସରରେ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଦ୍ଧାନ୍ତ କହିଲେ, ଆମର ସ୍ୱାର୍ଥ ପାଇଁ ଜୈବବିବିଧତାର ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏହାକୁ ହୃଦୟଙ୍ଗମ କରି ଏ ଦିଗରେ ସଂକଳ୍ପ ନେବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଛନ୍ତି।

ପୂର୍ବତନ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ କହିଲେ, ଖାଦ୍ୟଠାରୁ ଆରମ୍ଭ କରି ପାଣି, ପବନ ପର୍ଯ୍ୟନ୍ତ ମଣିଷର ସମସ୍ତ ଆବଶ୍ୟକତା ଜୈବବିବିଧତାରୁ ମିଳିଥାଏ। ତେଣୁ ଜଳବାୟୁ ପରିବର୍ତ୍ତନ ହେଉଛି ଜୈବବିବିଧତା ପାଇଁ ବଡ଼ ବିପଦ। ଓଡ଼ିଶା ଜୈବବିବିଧତାରେ ସମୃଦ୍ଧ। ତେଣୁ ତା'ର ସଂରକ୍ଷଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ବୋର୍ଡ ଅଧ୍ୟକ୍ଷ ରାଜୀବ କୁମାର କହିଲେ, ଭାରତରେ ଦେଖାଯାଉଥିବା ୧୬ ପ୍ରକାରର ପ୍ରମୁଖ ଜଙ୍ଗଲ ମଧ୍ୟରୁ ୫ ପ୍ରକାର ଓଡ଼ିଶାରେ ଦେଖାଯାଏ। ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ପାଇଁ ରାଜ୍ୟ ସରକାର ୧୯ ବନ୍ୟପ୍ରାଣୀ ଅଭୟାରଣ୍ୟ ସହିତ ଗୋଟିଏ ଜାତୀୟ ଉଦ୍ୟାନ, ପ୍ରସ୍ତାବିତ ଜାତୀୟ ଉଦ୍ୟାନ, ଜୈବମଣ୍ଡଳ ଏବଂ ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟରେ ୫୧୭୪ ପ୍ରଜାତିର ଉଦ୍ଭିଦ ଚିହ୍ନଟ ଓ ନାମକରଣ କରାଯାଇଥିବାବେଳେ ୨୮ ସ୍ଥାନୀୟ ପ୍ରଜାତି ଓ ୧୫୭ଟି ବିଲୁପ୍ତପ୍ରାୟ ପ୍ରଜାତି ଉଦ୍ଭିଦ ରହିଥିବା ରାଜୀବ କୁମାର ସୂଚନା ଦେଇଛନ୍ତି।

ଏହି ଅବସରରେ ଓଡ଼ିଶାର ଜୈବବିବିଧତା ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର, ଦେବୀ ମୁହାଣର ସମୁଦ୍ର କଙ୍କଡ଼ା ସମ୍ପର୍କିତ ଏକ ପୁସ୍ତିକା ଏବଂ ବନ୍ୟଜନ୍ତୁ ପରିଚାଳନା ପାଇଁ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା। ସେହିପରି ରାଜ୍ୟର ୧୦ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା, ପିସିସିଏଫ୍(ବନ୍ୟପ୍ରାଣୀ) ଶଶି ପଲ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଜୈବବିବିଧତାର ସ୍ଥିତି ଉପରେ ଆଲୋକପାତ କରିଥିଲେ। ବୋର୍ଡ ସଦସ୍ୟସଚିବ ନୀହାର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# 'ଶିଳ୍ପ ବାତାବରଣକୁ ରୂପାନ୍ତରିତ କରିଛି ଓସିସିଏଲ୍'

### ଓଡ଼ିଶା ନିର୍ମାଣ ନିଗମର ପ୍ରତିଷ୍ଠା ଦିବସ

- ୪୫୦ କୋଟିର ୧୮ ପ୍ରକଳ୍ପ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)** ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍)ର ୬୦ତମ ପ୍ରତିଷ୍ଠା ଦିବସ ଶନିବାର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରରେ ପାଳିତ ହୋଇଯାଇଛି। ଆଧୁନିକ ଓଡ଼ିଶା ନିର୍ମାଣରେ ଓସିସିଏଲ୍‌ର ଅବଦାନ ଓ ପ୍ରମୁଖ ଭୂମିକାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୬୦ ବର୍ଷରେ ଏହା ଜଳ ବିଦ୍ୟୁତ୍, ଜଳସେଚନ, ତାପଜ ବିଦ୍ୟୁତ୍, ଶିଳ୍ପାୟନ, ବନ୍ଦର, ରେଳ ଏବଂ ଇନ୍‌ଷ୍ଟିଚ୍ୟୁଶନାଲ ବିଲ୍ଡିଂ ଭଳି ବହୁ ପ୍ରମୁଖ ପ୍ରକଳ୍ପ ହାତକୁ ନେଇଛି। ଏହି ପ୍ରକଳ୍ପଗୁଡ଼ିକରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏହାସହ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ଜଳ, ବିଦ୍ୟୁତ୍ ଏବଂ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିଛି। ଓସିସିଏଲ୍ ରାଜ୍ୟର ସାମାଜିକ-ଅର୍ଥନୈତିକ ଓ ଶିଳ୍ପ ବାତାବରଣକୁ ରୂପାନ୍ତରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓସିସିଏଲ୍ ଗଠନରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣ କରି ସେ କହିଲେ, ବହୁ ପ୍ରତିଷ୍ଠିତ ପ୍ରତିଷ୍ଠାନ ଭଳି ୧୯୬୨ ମେ' ୨୨ରେ ରାଜ୍ୟର ଏହି ପିଏସ୍‌ୟୁ ଦୂରଦର୍ଶୀ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ୫-ଟି ଉପକ୍ରମ ଆପଣାଇବା ସହ ଏକବିଂଶ ଶତାବ୍ଦୀରେ ଓଡ଼ିଶାର ରୂପାନ୍ତରଣ ଦିଗରେ ଏହି ନିଗମ ଅଧିକ ଦକ୍ଷତା ଏବଂ ବୃତ୍ତିଗତତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୫୦ କୋଟି ଟଙ୍କାର ୧୮ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହାସହ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ରାଜ୍ୟର ଜଳସେଚନ ଭିତ୍ତିଭୂମିର ଉନ୍ନତି ଆଣିବାରେ ପିଏସ୍‌ୟୁର ଭୂମିକା ଉପରେ ଆଲୋକପାତ କରିଥିଲେ। ପରେ ମନ୍ତ୍ରୀ ଦାସ ଓସିସିଏଲ୍‌ର ଲାଭାଂଶ ସ୍ୱରୂପ ୧୪.୭୫ କୋଟି ଟଙ୍କାର ଚେକ୍ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓସିସିଏଲ୍‌ର ଅଧ୍ୟକ୍ଷା ଅନୁ ଗର୍ଗ ଏବଂ ଓସିସିଏଲ୍ ଏମ୍‌ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଭଉଁରି ଯାତ୍ରା ସମ୍ପନ୍ନ

**ପୁରୀ ଅଫିସ, ୨୨।୫** ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଲିଥିବା ୨୧ଦିନ ବ୍ୟାପୀ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସକୁ ଭଉଁରି ଯାତ୍ରା କୁହାଯାଏ। ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷ ପରି ଜଳକ୍ରୀଡ଼ା କରିଥାନ୍ତି। ଅକ୍ଷୟ ତୃତୀୟା ତିଥିରୁ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା। ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ରବିବାର ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ପରେ ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ କରାଯାଇଥିଲା। ପରେ ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ଚାପଡଙ୍ଗା ନନ୍ଦା ଓ ଭଦ୍ରାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନ କୁଣ୍ଡକୁ ବିଜେ କରିଥିଲେ। ଏହାପରେ ବେଶ ହୋଇ ଭୋଗ ମଣୋହି କରାଯାଇଥିଲା। ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିଥିଲେ। ଠାକୁରମାନେ ଚାପଡଙ୍ଗାରେ ୨୧ ଘେରା ଲେଖାଏ ବୁଲିଥିଲେ। ଭଉଁରୀ ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସୂଚନାଯୋଗ୍ୟ, କୋଭିଡ୍ କଟକଣା ପାଇଁ ଗତ ଦୁଇବର୍ଷ ହେବ ଏହି ଚନ୍ଦନ ଯାତ୍ରା ଦେଖିବାରୁ ଶ୍ରଦ୍ଧାଳୁ ବଞ୍ଚିତ ହେଉଥିଲେ। କିନ୍ତୁ ଚଳିତବର୍ଷ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାରେ ଭକ୍ତମାନେ ସାମିଲ ହୋଇଥିଲେ। ଭଉଁରୀ ଯାତ୍ରା ଅବସରରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିରଠାରୁ ନରେନ୍ଦ୍ର ପୁଷ୍କରିଣୀ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ପାରମ୍ପରିକ ବାଦ୍ୟ ତଥା ଭଜନ କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା ମେଢ଼, ବାଡ଼ିଖେଳ, ପର୍ଶୁରାମ ନାଗା, ନବ ଶିରା, ହନୁମାନ, କାଳୀମେଢ଼, ଖୋଲା ମେଢ଼ ଆଦି ବାହାରିଥିଲା। କୁନି କୁନି ପିଲାଙ୍କ ମେଢ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

## ବଜ୍ରପାତରେ ୨ ମୃତ, ୪ ଆହତ

**ବାଲୁଗାଁ/ନିରାକାରପୁର/ଟାଙ୍ଗୀ/ଆନନ୍ଦପୁର୨୨।୫(ଡି.ଏନ୍.ଏ./ସ୍ୱ.ପ୍ର.)** କାଳବୈଶାଖୀ ପ୍ରଭାବରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ନଈରୀ ଗ୍ରାମର ମତ୍ସ୍ୟଜୀବୀ ନାରାୟଣ ବେହେରା(୫୭) ଓ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ହରଡ଼ଭୋଳ ଗ୍ରାମର ପାଲ ଦିଗି(୧୨)। ରବିବାର ପ୍ରତିକୂଳ ପାଗ ଯୋଗୁ ନାରାୟଣ ମାଛ ମାରିବାକୁ ଯାଇନପାରି ଗ୍ରାମ ନିକଟ ଚିଲିକା ଘାଟକୁ ମାଛ କିଣିବା ପାଇଁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ନାରାୟଣଙ୍କ ସମେତ ୩ଜଣ ଆହତ ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ନାରୁଣୀ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା (ନଂ.୧୬/୨୨)ରୁଜୁକରି ତଦନ୍ତ ଚଳାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସେହିପରି ହରଡ଼ଭୋଳ ଗ୍ରାମର ଦିଗି ଘର ବାରଣ୍ଡାରେ ଖାଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଦିଗି ଗୁରୁତର ହୋଇ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଠାକୁରମୁଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଣିଆଯୋଡ଼ି ଗ୍ରାମରେ ବଜ୍ରପାତ ଘଟି ୨ଜଣ ଆହତ ହୋଇଛନ୍ତି। ଆହତ ଗହ୍ଣା ଗଡ଼ସେରା ଓ କେଲା ଗଡ଼ସେରାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବୁଗୁଡ଼ାରେ ଖୋଲିବ ଗୋଷ୍ଠୀ ବେତାର କେନ୍ଦ୍ର

**ବୁଗୁଡ଼ା,୨୨।୫(ଡି.ଏନ.ଏ.)** ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ କମ୍ୟୁନିକେଶନ୍ ଡିପାର୍ଟମେଣ୍ଟ ଅଫ୍ ଟେଲି କମ୍ୟୁନିକେଶନ୍, ୱେୟାରଲେସ୍, ପ୍ଲାନିଂ ଆଣ୍ଡ୍ କୋଅର୍ଡିନେଶନ ୱିଙ୍ଗ୍ ତରଫରୁ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା, ଇଣ୍ଡିଆକୁ ଗଞ୍ଜାମ ଜିଲା ବୁଗୁଡ଼ାରେ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲିବା ପାଇଁ ଅନୁମତି ମିଳିଛି। ଏହା ରେଡିଓ ଘୁମୁସର ନାମରେ କାର୍ଯ୍ୟ କରିବା ସହ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, ସଂସ୍କୃତି, କୃଷି, ଦୈବୀ ଦୁର୍ବିପାକ, ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା, ପ୍ରାଣୀ ସମ୍ପଦ ସମେତ ଆଦିବାସୀ ଭାଷା ଓ ସଂସ୍କୃତି ସମ୍ପର୍କରେ କାର୍ଯ୍ୟ କରିବ ବୋଲି ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥାର ନିର୍ଦ୍ଦେଶକ ଡ. କୁମୁଦ ଚନ୍ଦ୍ର ବେହେରାଙ୍କଠାରୁ ପ୍ରକାଶ। ଏହି ଗୋଷ୍ଠୀ ବେତାର କେନ୍ଦ୍ର ମାଧ୍ୟମରେ ଅବହେଳିତ ଗ୍ରାମାଞ୍ଚଳ ଓ ବନାଞ୍ଚଳର ସାମଗ୍ରିକ ବିକାଶ ଦିଗରେ ସର୍ବଦା ଆଲୋଚନା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଜଣାପଡିଛି। ଏହି କେନ୍ଦ୍ରଟି ୯୦.୪ ମେଗା ହର୍ସ ଯୋଗେ ଇଣ୍ଡିଆ କାର୍ଯ୍ୟାଳୟରୁ ପ୍ରଚାର ଓ ପ୍ରସାର କରାଯିବା ସହ ସେଠାରୁ ପରିଚାଳନା କରାଯିବ ବୋଲି ସୂଚନା ମିଳିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ବେଶ୍ ସ୍ୱାଗତ କରାଯାଇଛି।

## ବାଣ ବିସ୍ଫୋରଣରେ ୪ ନାବାଳକ ଗୁରୁତର

### ଚନ୍ଦନଯାତ୍ରା ଶୋଭାଯାତ୍ରା ପରେ ଅଘଟଣ

**ତିର୍ତ୍ତୋଲ, ୨୨।୫ (ଡି.ଏନ୍.ଏ.)** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ଗ୍ରାମରେ ରବିବାର ଚନ୍ଦନଯାତ୍ରା ଶୋଭାଯାତ୍ରା ପରେ ଏକ ଅଘଟଣ ଘଟିଛି। ୪ ନାବାଳକ ବାଣ ବିସ୍ଫୋରଣରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ବଳରାମ ନାୟକ (୧୧), ଟୁବୁଲ ମହାରଣା (୧୧), କାହ୍ନା ମହାରଣା (୧୪) ଏବଂ ସାହିଲ ମହାରଣା (୪)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

କନକପୁର ଗ୍ରାମରେ ଅପରାହ୍ନରେ ଚନ୍ଦନ ଯାତ୍ରା ପାଇଁ ଶୋଭାଯାତ୍ରା ହୋଇଥିଲା। ଏହି ସମୟରେ ବାଣ ଫୁଟାଯାଇଥିଲା। ସେଥିରୁ କିଛି ବାଣ ଦରଫୁଟା ରହିଯାଇଥିଲା। କିଛି ପିଲା ସେଗୁଡ଼ିକୁ ଗୋଟାଇ ଅଗ୍ନି ସଂଯୋଗ କରିଥିଲେ। ସେଥିରୁ ଗୋଟିଏ ବାଣ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫୁଟିବାରୁ ଉପରୋକ୍ତ ନାବାଳକମାନେ ବାଣ ପାଖକୁ ଯାଇ ନଇଁ ପଡ଼ି ଦେଖିଥିଲେ। ଏହି ସମୟରେ ହଠାତ୍ ବାଣଟି ବିସ୍ଫୋରଣ ହେବାରୁ ସେମାନେ ଗୁରୁତର ହୋଇଥିଲେ।

## ସ୍ତ୍ରୀଙ୍କୁ ମାରି ସ୍ୱାମୀ ଫେରାର

### ୩ ଶିଶୁ ଅସହାୟ

**ଏମ୍‌ଭି ୭୯,୨୨।୫(ଡି.ଏନ.ଏ.)** ପାରିବାରିକ କଳହରୁ ୩ ଶିଶୁଙ୍କୁ ଅସହାୟ ହେବାକୁ ପଡିଛି। ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଛନ୍ତି। ଏପରି ଘଟଣା ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ଏମ୍‌ପିଭି-୫୫ ଗ୍ରାମରେ ଘଟିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡିଛି, ପଶ୍ଚିମବଙ୍ଗର ଅନୁପ ରାୟ କିଛି ବର୍ଷ ତଳେ ଏମ୍‌ପିଭି-୫୫ ଗ୍ରାମକୁ ଆସି ରହିବା ସହ ବ୍ୟବସାୟ କରି ଚଳୁଥିଲେ। ସମୟକ୍ରମେ ସେ ଏମ୍‌ଭି -୧୩୧ ଗ୍ରାମର ଆଶାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ବର୍ଷ ଠିକ୍‌ଠାକ୍ ପରିବାର ଚଳିଥିଲା। ତାଙ୍କର ୩ଟି ଝିଅ ହୋଇଥିଲେ। ଅନୁପ ପ୍ରତ୍ୟହ ମଦ୍ୟପାନ କରି ଆସି ଆଶାଙ୍କ ସହ ଗଣ୍ଡଗୋଳ କରୁଥିଲେ। ଗତ ୧୦ ତାରିଖରେ ଆଶାଙ୍କ ସହ ଝଗଡା କରି ଏକ ଲୁହା ଛଡରେ ତାଙ୍କ ମୁଣ୍ଡକୁ ପିଟି ଦେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଆଶାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ଭି-୭୯ ପରେ କୋରାପୁଟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ଆଶାଙ୍କ ଭାଇ ଜଗବନ୍ଧୁ ବର୍ମାନ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଫେରାର ଅନୁପଙ୍କୁ ଧରିବାକୁ ତନାଘନା ଚଳାଇଛି। ବର୍ତ୍ତମାନ ପରିସ୍ଥିତିରେ ଆଶାଙ୍କ ତିନି ସନ୍ତାନ ଅନାଥ ହୋଇପଡିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ମାମୁ ଜଗବନ୍ଧୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ମାମୁ ଜଗବନ୍ଧୁ କୁଲି କରି ନିଜ ପରିବାର ଚଳାଉଛନ୍ତି। ଏପରି ସ୍ଥିତିରେ ୩ ଭାଣିଜୀଙ୍କୁ ନେଇ ପାଳିବା ତାଙ୍କ ପାଇଁ କଷ୍ଟକର ହୋଇପଡିଛି।

FORM No.- 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA.
O.A.NO. 216 OF 2019

Canara Bank - SME Mancheswar ...Applicant
Versus
Manmath Dash ...Defendant(s)

To,
**MANMATH DASH**, S/o.: Prasana Dash, At/PO.: Plot No.: LIG-90, Phase - 5, Dumduma Housing Board Colony, Bhubaneswar, Dist.: Khurda, PIN - 751019, Odisha (Defendant)

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No.-216/2019** in the court of the Debts of Recovery Tribunal, Cuttack for recovery of **Rs.33,84,503.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **04.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 20th day of May 2022.

Sd/- (M. K. Patnaik)
REGISTRAR

FORM No.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR -7 CDA, CUTTACK, ODISHA
O.A. NO. 177 OF 2022

Branch Manager, Punjab National Bank, Udit Nagar Branch ...Applicant
Versus
Mr.Nirmal Lakra & others ...Defendant(s)

To,
1. **Shri Nirmal Lakra**, S/o.: Shri Bagi Lakra, At.: Jagada, Near Saraswati Sishu Mandir, Rourkela, Dist: Sundargarh-769042.
2. **Ms. Sarojini Lakra**, D/o.: Sri Bagi Lakra, At.: Jagada, Near Saraswati Sishu Mandir, Rourkela, Dist: Sundargarh-769042.


SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 177 of 2022** in the Court of the Debts of Recovery Tribunal, Cuttack for recovery of **Rs.32,33,019/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **14/6/2022** at 10:30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 29th day of April of 2022.

Sd/- (M.K. Patnaik)
Registrar



ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ



# ବାଧରେ ନଇଁଛନ୍ତି

ଦେଶରେ ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧିଜନିତ ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଛି। ୨୦୨୨ ମେ' ୨୧ ସନ୍ଧ୍ୟାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଟୁଇଟ୍ କରିଥିଲେ, ସରକାର ପେଟ୍ରୋଲ ଉପରୁ ୮ ଟଙ୍କା ଓ ଡିଜେଲରେ ୬ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଏହି ଟିକସ ହ୍ରାସ ଫଳରେ ପେଟ୍ରୋଲ ଦର ଲିଟର ପିଛା ୯.୫୦ ଓ ଡିଜେଲ ୭ ଟଙ୍କା କମିବ ବୋଲି ସେ ସୂଚନା ଦେଇଥିଲେ। ଅର୍ଥମନ୍ତ୍ରୀଙ୍କ ଏହି ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିଟୁଇଟ୍ କରିଥିଲେ। ଏହା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କଠୁ ନେଇ ଏସ୍. ଜୟଶଙ୍କର, ରାଜନାଥ ସିଂ ଓ ଅମିତ୍ ଶାହାଙ୍କ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଏବଂ ଯୋଗୀ ଆଦିତ୍ୟ ନାଥ ଓ ଶିବରାଜ ସିଂ ଚୌହାନଙ୍କ ଭଳି ମୁଖ୍ୟମନ୍ତ୍ରୀମାନେ ଟୁଇଟ୍ କରି ଲେଖିଥିଲେ 'ଥ୍ୟାଙ୍କ ୟୁ ମୋଦି ଜୀ'। ଭାଜପାର ଏହି ନେତାମାନଙ୍କ ଟୁଇଟ୍‌କୁ ଦେଖି ମନେହେଲା ସତେଯେମିତି ମୋଦି ହିଁ ଏପରି ଜନ ମଙ୍ଗଳକାରୀ ଐତିହାସିକ ନିଷ୍ପତ୍ତି ନେଇପାରନ୍ତି।

୨୦୧୪ ମେ' ୨୬ ପୂର୍ବରୁ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ସବୁବେଳେ ପୂର୍ବ କେନ୍ଦ୍ର ସରକାରଙ୍କୁ ଆକ୍ରମଣ କରିଆସୁଥିଲେ। 'ଗାତର ଦୋଷ' ଗପ ଯେଉଁମାନେ ଶୁଣିଥିବେ, ସେମାନେ ମୋଦିଙ୍କ ପରିସ୍ଥିତି ଭଲଭାବେ ବୁଝିପାରୁଥିବେ। କାରଣ କେବଳ ତେଲ ଦର ବୃଦ୍ଧି ନୁହେଁ, ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ମୋଦିଙ୍କ ପୂର୍ବ ମତ ଆଉ ତାଙ୍କୁ ମନେପଡୁ ନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ବାବଦକୁ ମୋଟ ୨୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିସାରିଛନ୍ତି। ଅପରପକ୍ଷେ ସୀତାରାମନ୍ କହିଛନ୍ତି ଯେ, ୨୧ ମେ'ରେ କରାଯାଇଥିବା ଶୁଳ୍କ ହ୍ରାସ ଦ୍ୱାରା କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କା ହରାଇବେ। ଏଥିରୁ ସାଧାରଣ ନାଗରିକ ଭାବିପାରନ୍ତି ଯେ, ଏହି ଶୁଳ୍କ ହ୍ରାସ ପରେ ଏବଂ ଆସନ୍ତା ୧୨ ମାସ ଭିତରେ ତେଲ ଦର ବୃଦ୍ଧି କରାଯିବ ନାହିଁ। ଅର୍ଥନୀତିରେ ଚାଲବାଜିର ସ୍ଥାନ ନାହିଁ। ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପର ସିଧା ପ୍ରଭାବ ସର୍ବନିମ୍ନ ସ୍ତରରେ ଥିବା ଗରିବଙ୍କଠାରୁ ଆରମ୍ଭକରି ମଧ୍ୟବିତ୍ତଙ୍କୁ ଜୀବନମୂର୍ଚ୍ଛା ମାଡ଼ କରିସାରିଲାଣି। ଏହା ସ୍ୱୀକାରଯୋଗ୍ୟ ଯେ, ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଦ୍ୱାରା ରାଜ୍ୟ ଟିକସ ହ୍ରାସ ମଧ୍ୟ କରାଯାଉଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଅବଶ୍ୟ ଓଡ଼ିଶା ସରକାର ସେ ଦିଗରେ କୌଣସି ପଦକ୍ଷେପ ନେବାକୁ ଉଚିତ ମନେକରି ନାହାନ୍ତି। ମନେରଖିବାକୁ ହେବ ଯେ, ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁ ପ୍ରତ୍ୟେକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି। କିନ୍ତୁ ସାଧାରଣ ନାଗରିକଙ୍କ ଜୀବନଶୈଳୀରେ ଘଟିଥିବା କ୍ଷତି କେବଳ ଏବେକାର ତେଲ ଦର ବୃଦ୍ଧି ଯୋଗୁ ହୋଇନାହିଁ। ୨୦୧୬ ନଭେମ୍ବର ବିମୁଦ୍ରୀକରଣଠାରୁ ଆରମ୍ଭକରି ପ୍ରତ୍ୟେକଟି ସରକାରୀ ନିଷ୍ପତ୍ତି ଦେଶର ଅର୍ଥନୀତି ସହିତ ଅଯଥାରେ ଖେଳୁଥିବା ଭଳି ମନେହେଉଛି। ହୁଏତ ସେଥିପାଇଁ ଦେଶର କେତେକ ବ୍ୟବସାୟିକ ମହାସଂଘ ବିଭିନ୍ନ ହାଇକୋର୍ଟରେ ଇଣ୍ଟରନେଟ୍ ନିଷେଧ ଭଳି ସରକାରୀ ନିଷ୍ପତ୍ତିକୁ ବିରୋଧ କରି ଦର୍ଶାଇଛନ୍ତି ଯେ, ଏଭଳି ପଦକ୍ଷେପ ଅର୍ଥନୀତିକୁ ଦୁର୍ବଳ କରୁଛି। ସେଥିପାଇଁ ତେଲ ଉପରୁ ଏହି ଟିକସ ହ୍ରାସ ରାତାରାତି କୌଣସି ପ୍ରଭାବ ପକାଇବ ବୋଲି ବିଶ୍ୱାସ କରିହେଉ ନାହିଁ। ଅପରପକ୍ଷେ ପୂର୍ବର କେତେକ ଉଦାହରଣକୁ ଦେଖିଲେ କହିହେବ ଯେ, ତେଲ ଉପରେ ହ୍ରାସ କରାଯାଇଥିବା ଟିକସକୁ ଅଳ୍ପ କେତେମାସ ଭିତରେ ପୁନର୍ବାର ବଢ଼ାଇ ଦିଆଯିବ। ଏବେ ମୁଦ୍ରାସ୍ଫୀତି ଏବଂ ବିଶେଷକରି ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଥିବାରୁ ମୋଦି ସରକାର ବାଧରେ ନଇଁଛନ୍ତି।

# ବଞ୍ଚିତଙ୍କୁ ଅଣଦେଖା

ନବରଙ୍ଗପୁର ଜିଲା ଉଦୟପୁର ଗ୍ରାମରେ ରାଜୀବ ପାତ୍ର ଓ ତାଙ୍କ ବଡ଼ ଭାଇ ଦେବ ପାତ୍ର ଉଭୟ ଦିବ୍ୟାଙ୍ଗ। ଦେବ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ ରାଜୀବ ଶାରୀରିକ ଭିନ୍ନକ୍ଷମ। ସରକାରଙ୍କ ନିୟମ ଅନୁଯାୟୀ ଦେବ ମାସକୁ ୫୦୦ ଟଙ୍କା ଭତ୍ତା ପାଉଥିବା ବେଳେ ରାଜୀବ ୪୦୦ ଟଙ୍କା ପାଇଥାଆନ୍ତି। ତେବେ ଏତିକି ପରିମାଣର ଅର୍ଥ ପାଇବା ପାଇଁ ଦୁଇ ଭାଇ ୩ କିଲୋମିଟର ଟ୍ରାଇସାଇକେଲରେ ପ୍ରତି ମାସ ପଞ୍ଚାୟତ କାର୍ଯ୍ୟାଳୟକୁ ଅତି କଷ୍ଟରେ ଯାଇଥାଆନ୍ତି। ସେମାନଙ୍କ ଦୁର୍ଦ୍ଦଶା ଦେଖି ତେନ୍ତୁଲିଖୁଣ୍ଟି ବ୍ଲକର ସମ୍ପୃକ୍ତ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ସେମାନଙ୍କ ଘରେ ଦିବ୍ୟାଙ୍ଗ ପେନସନ୍ ଦେବା ଲାଗି ଦାବି କରିଛନ୍ତି।

ଖବରଟି ଏତିକିରେ ସରୁଛି। ତେବେ ପ୍ରଶ୍ନ ଉଠୁଛି ଓଡ଼ିଶା ପ୍ରଶାସନ ପ୍ରତି ମୁହୂର୍ତ୍ତରେ ଦାବି କରୁଛି ଯେ, ଡିଜିଟାଲ ଯୁଗରେ ଦିବ୍ୟାଙ୍ଗଙ୍କୁ ହଇରାଣହରକତ କରା ନ ଯାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପଠାଇ ଦିଆଯାଉଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବା ଡିବିଟି ଏ ଦିଗରେ ସହାୟକ ହେଉଛି। ହେଲେ ବାସ୍ତବ ସ୍ଥିତି ଦେବ ଓ ରାଜୀବଙ୍କ କଷ୍ଟ ଦେଖିଲେ ବୁଝିହେଉଛି। ଦିବ୍ୟାଙ୍ଗଙ୍କ ଘରେ ପ୍ରଶାସନ ପହଞ୍ଚି ସେମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାର ସରକାରୀ ନିର୍ଦ୍ଦେଶ ରହିଛି। ଅବଶ୍ୟ ଏହା ମଧ୍ୟ ଦେଖାଯାଉଛି ଯେ ଯେଉଁ ଦିବ୍ୟାଙ୍ଗମାନେ ଶାରୀରିକ ଦୃଷ୍ଟିରୁ ଭିନ୍ନକ୍ଷମ ଓ ସେମାନଙ୍କ ମଧ୍ୟରୁ ଯାହାଙ୍କର ଆଧାର କାର୍ଡ କରାଯାଇପାରି ନାହିଁ, ସେଭଳି କ୍ଷେତ୍ରରେ ସେମାନଙ୍କୁ ଡିବିଟି ସୁବିଧା ମିଳିପାରୁ ନାହିଁ। ତେଣୁ ପଞ୍ଚାୟତ ସ୍ତରର କର୍ମଚାରୀ ପ୍ରତି ମାସ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ଘରକୁ ଯାଇ ସେମାନଙ୍କୁ ପେନ୍‌ସନ ଅର୍ଥ ଦେବା କଥା। ସରକାର ବଞ୍ଚିତ ବର୍ଗଙ୍କ ସାମାଜିକ ଓ ଆର୍ଥିକ ନିରାପତ୍ତା ଲାଗି ଯେତେ ଯୋଜନା କରୁଛନ୍ତି, ତାହାକୁ ପ୍ରଶାସନ ଠିକ୍ ଭାବେ କାର୍ଯ୍ୟକାରୀ ନ କଲେ ସେହି ଲୋକମାନେ ହଇରାଣ ହୋଇଯିବା ସ୍ୱାଭାବିକ। ଯଦି ରାଜୀବ ଓ ଦେବଙ୍କ କଥା ଦେଖାଯାଏ, ଖରାବର୍ଷାରେ ଦୁଇ ଭାଇ ମାସକୁ ୯୦୦ ଟଙ୍କା ପାଇବା ପାଇଁ ୩ କିଲୋମିଟର ଯାତ୍ରା କରୁଛନ୍ତି। ଏଥିରୁ ପଞ୍ଚାୟତ ଅଧିକାରୀଙ୍କ ଦାୟିତ୍ୱହୀନତା ବୁଝାପଡୁଛି। ଏହି ଦୁଇ ଭାଇଙ୍କ ଉଦାହରଣ 'ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିଲା' ଭଳି ପ୍ରତୀୟମାନ ହେଉଛି। ଅନ୍ୟପକ୍ଷରେ ଠିକାଦାରି କାର୍ଯ୍ୟଠାରୁ ଆରମ୍ଭ କରି ଅଧିକାରୀମାନଙ୍କ ପାଇଁ ଲାଭ ଦେଇପାରୁଥିବା ପ୍ରକଳ୍ପ କ୍ଷେତ୍ରରେ ତତ୍ପରତା ଅଧିକ ଦେଖିବାକୁ ମିଳୁଛି।

ଏଭଳି ଦୃଶ୍ୟ କେବଳ ଓଡ଼ିଶାରେ ସୀମିତ ନୁହେଁ। ଦେଶବ୍ୟାପୀ ଏପରି ଦୃଷ୍ଟାନ୍ତ ଦେଖାଯାଉଥିଲେ ମଧ୍ୟ କ୍ୱଚିତ୍ ଘଟଣା ପଦାକୁ ଆସୁଛି। ସରକାର କରଦାତାଙ୍କ ଅର୍ଥରୁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିବାରୁ ଅଧିକାରୀ ଓ କର୍ମଚାରୀମାନଙ୍କ ଉପରେ ନିର୍ଭର କରିଥାଏ ସେମାନେ ଜନସାଧାରଣଙ୍କୁ କିଭଳି ସେବା ଯୋଗାଇବେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ କାର୍ଯ୍ୟ ସୁରୁଖୁରୁରେ କରିବା ସକାଶେ ଯେଉଁ ତତ୍ପରତା ସରକାରୀ କର୍ମଚାରୀ ଦେଖାଇଥାଆନ୍ତି, ଗରିବଙ୍କ ମଙ୍ଗଳ ସେମାନଙ୍କୁ ଦୃଶ୍ୟମାନ ହୋଇ ନ ଥାଏ। ଯେତେବେଳେ ଗଣମାଧ୍ୟମରେ କୌଣସି ଅସଙ୍ଗତି ବିଷୟରେ ଖବର ପ୍ରକାଶ ପାଏ, ତା'ପରେ କିଛି ସମୟ ପାଇଁ ତତ୍ପରତା ଦେଖାଦିଏ। ପରେ 'ପୋଲ ଯେଉଁଠି ଅଛି ସେଇଠି ଥାଏ' ନ୍ୟାୟରେ କାର୍ଯ୍ୟ ହୁଏ। ଥିଲାବାଲା ଲୋକ ଅସହାୟଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ପାଇବା ସକାଶେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ବା ଧରାଧରି କରି କାର୍ଯ୍ୟ କରି ନେଉଥିବା ବେଳେ ଯୋଜନା ବା କାର୍ଯ୍ୟକ୍ରମର ବାସ୍ତବ ହିତାଧିକାରୀ ତାହା ପାଇବାରୁ ବଞ୍ଚିତ ହେଉଥିବା ଅଧିକାଂଶ ସମୟରେ ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ରାଜୀବ ଓ ଦେବଙ୍କ ଭଳି ବ୍ୟକ୍ତି ଯେଉଁମାନେ ଦୁର୍ଦ୍ଦଶା ଭୋଗୁଛନ୍ତି, ସେହିଭଳି ଘଟଣାକୁ ଗମ୍ଭୀରତାର ସହ ବିଚାର କରାଯିବା ଉଚିତ ଏବଂ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବିଭାଗୀୟ ତାଗିଦ କରାଗଲେ ହୁଏତ ପରିବର୍ତ୍ତନ ଆସିପାରନ୍ତା।


# ରାଜନୈତିକ ଅସହିଷ୍ଣୁତା ଓ ପୋଲିସରାଜ୍



ସହଦେବ ସାହୁ

ଶାସକ ଦଳର ଛତ୍ରଛାୟାରେ ରହିଲେ ପୋଲିସ ଡର ନାହିଁ। ସମ୍ପୃକ୍ତ ପୋଲିସକୁ ଘୁସ୍ ଦେବାର ପଇସା ଥିଲେ କୋର୍ଟ କଚେରିକୁ ଡର ନାହିଁ – ଏ ଏକ ଲୋକୋକ୍ତି ହୋଇଗଲାଣି। ଘୁସ୍ କାରବାର ଉପରେ ଆଲୋଚନା କରିବା ବୃଥା, ତାହା ତ ଆମର ଚଳଣି ହୋଇଗଲାଣି ବରଂ ଦଳୀୟ ରାଜନୀତିରେ କିପରି 'ଆଇନର ଶାସନ' ଓ 'ଗଣତନ୍ତ୍ର' ଏ ଦୁଇଟି ପଦ ଆଉ ସମାନାର୍ଥକ ହୋଇ ରହିନାହିଁ ସେ ବିଷୟରେ ଆଲୋଚନା କରିବା ବେଳ ଆସିଗଲାଣି।

୧୦ ବର୍ଷ ହେଲା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥାଇ ଅରବିନ୍ଦ କେଜ୍‌ରିୱାଲ ଅସହିଷ୍ଣୁତା ପ୍ରଦର୍ଶନ କରି ନ ଥିବାର କାରଣ ଏବେ ଜଣାପଡ଼ିଗଲା। ଦିଲ୍ଲୀ ପୋଲିସ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିୟନ୍ତ୍ରିତ। ପଶ୍ଚିମବଙ୍ଗରେ ମମତା ଦିଦିଙ୍କ ତୃଣମୂଳ କଂଗ୍ରେସ ସରକାର ଭଳି କେଜ୍‌ରିୱାଲ ବି ବିରୋଧ ଓ ବିରୋଧୀଙ୍କୁ ସହ୍ୟ କରନ୍ତି ନାହିଁ। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ନିୟନ୍ତ୍ରିତ ବୋଲି କେଜ୍‌ରିୱାଲଙ୍କ ଚେହେରା ଭିନ୍ନ ଥିଲା, ଏବେ ତାଙ୍କ ଆପ୍ ଦଳ ପଞ୍ଜାବରେ ସରକାର ଗଢ଼ିଲା ପରେ ସେ ଦିଲ୍ଲୀରେ ଥାଇ, ଅର୍ଥାତ୍ ରିମୋଟ୍ କଣ୍ଟ୍ରୋଲରେ ପଞ୍ଜାବ ସରକାରଙ୍କ ଜରିଆରେ ପଞ୍ଜାବ ପୋଲିସ ଦ୍ୱାରା ତାଙ୍କ ବିରୋଧୀମାନଙ୍କ ଉପରେ ଦାଉ ସାଧିପାରୁଛନ୍ତି। ପାୱାର ପାଇଲେ ଭଲ ମଣିଷ ବି ଭେଲ ହୋଇପାରେ ବୋଲି ଚିନ୍ତା କରିପାରୁଥିବା ମହାତ୍ମା ଗାନ୍ଧୀ ପରାମର୍ଶ ଦେଇଥିଲେ ଯେ ସ୍ୱାଧୀନତା ଲାଭ ପରେ ଜାତୀୟ କଂଗ୍ରେସ ଦଳ ଭାଙ୍ଗି ଦିଆଯାଉ ଓ ଶାସନ କରିବା ପାଇଁ ନୂଆ ମୁହଁ ବାହାରୁ, ନୂଆ ଦଳ ତିଆରି ହେଉ। ତା' ହେଲେ ଭଲ ସଂଗ୍ରାମୀମାନେ ଭେଲ ନେତା ହେବାର ପରିବେଶ ପାଇବେ ନାହିଁ। ପଞ୍ଜାବ ପୋଲିସ କେଜ୍‌ରିୱାଲଙ୍କ ଇଙ୍ଗିତରେ ସମ୍ପ୍ରତି ଦିଲ୍ଲୀକୁ ଆସି ଭାଜପା ନେତା ତାଜିନ୍ଦର ପାଲ୍ ସିଂହ ବାଗ୍‌ଗାଙ୍କୁ ଗିରଫ ଉଦ୍ୟମ କରିବା ଗାନ୍ଧୀଙ୍କ ସେହି ପରାମର୍ଶକୁ ମନେ ପକାଇଦେଉଛି। କେଜ୍‌ରିୱାଲଙ୍କ ଅସହିଷ୍ଣୁତା ଦେଖନ୍ତୁ: (୧) ଆପ୍ ପାର୍ଟିରେ ଦିନେ ଉଚ୍ଚ ଆସନ ମଣ୍ଡନ କରିଥିବା ଓ କବି ଭାବରେ ଜଣାଶୁଣା କୁମାର ବିଶ୍ୱାସଙ୍କ ଦିଲ୍ଲୀ ବାସଭବନକୁ ପଞ୍ଜାବ ପୋଲିସ ପଠାଇ ଭୟଭୀତ କରାଇ ଥିଲେ, (୨) ଆପ୍ ଦଳ ଛାଡ଼ିଥିବା ଆଉ ଜଣେ ନେତା ଅଲ୍‌କା ଲାମ୍ବାଙ୍କୁ ନେବା ପାଇଁ ତାଙ୍କ ଦିଲ୍ଲୀ ବାସଭବନକୁ ପଞ୍ଜାବ ପୋଲିସ ଆସିଥିଲେ, (୩) ପୁଣି ଭାଜପାର ବାଗ୍‌ଗା। ଗୋଟିଏ ତୁଚ୍ଛ କି କ୍ଷୁଦ୍ରମନା ଅପରାଧୀଙ୍କୁ ଯେମିତି ବାନ୍ଧି ପୋଲିସ ଗାଡ଼ି ଭିତରକୁ ଠେଲି ଦିଆଯାଏ ସେମିତି ବାଗ୍‌ଗାଙ୍କ ଭଳି ଜଣେ ଜଣାଶୁଣା ଧର୍ମାନୁରକ୍ତ ଶିଖକୁ ତାଙ୍କ ଧର୍ମର ଚିହ୍ନ ପଗଡ଼ି ବାନ୍ଧିବାକୁ, ଏପରିକି ଚପଲ ପିନ୍ଧିବାକୁ, ସମୟ ନ ଦେଇ ତାଙ୍କ ଦିଲ୍ଲୀ ବାସଭବନରୁ ପଞ୍ଜାବ ପୋଲିସ ଗାଡ଼ି ଭିତରକୁ ଟେକିନେବା ଭଳି ଘଟଣା ସମ୍ଭବତଃ ଖାଲିସ୍ତାନୀ ବିଦ୍ରୋହୀଙ୍କ ଦମନ କାଳରେ ବି ଘଟି ନ ଥିବ! ଭେଣ୍ଡେଟା (ପ୍ରତିହିଂସା) ରାଜନୀତିରେ କେଜ୍‌ରିୱାଲ ଏମିତି ପାରଦର୍ଶୀ ବୋଲି ଆମେ ଭାବି ନ ଥିଲେ!



ଉତ୍ତରପଶ୍ଚିମ ଦିଗର ପଞ୍ଜାବ ସରକାର ସାଙ୍ଗେ ଉତ୍ତରପୂର୍ବ ଦିଗର ଆସାମ ସରକାର କଥା ତୁଳନା କରନ୍ତୁ। ଆସାମ ପୋଲିସ ଗୁଜରାଟ ଯାଇ ସେଠାକାର ବିଧାୟକ ଜିଗ୍ନେଶ ମେଭାନୀଙ୍କୁ ଗିରଫ କଲା। କାରଣ ସେ କେନ୍ଦ୍ର ସରକାରକୁ ସମାଲୋଚନା କରିଛନ୍ତି ବୋଲି ଆସାମର ଜଣେ ଲୋକ ଏତଲା ଦେଇଥିଲେ। ମହାରାଷ୍ଟ୍ରରେ ରାଣା ଦମ୍ପତିକୁ ଗିରଫ କରାଗଲା। କାରଣ ସେମାନେ କହିହେଲେ ଶବ୍ଦ ପ୍ରଦୂଷଣ ପାଇଁ ଲାଉଡ୍ ସ୍ପିକର ଦାୟୀ। ତେଣୁ ତାହା ବନ୍ଦ କରାଯାଉ, ତା' ନ ହେଲେ ସେମାନେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଲାଉଡ୍ ସ୍ପିକର ଲଗାଇ ହନୁମାନ ଚାଳିଶା ପଢ଼ିବେ। ଏହା କୁଆଡ଼େ ଦେଶଦ୍ରୋହ ଅପରାଧ! 'ଦଳ' ମାନେ 'ଦେଶ'। ମହାରାଷ୍ଟ୍ରର ମହାଗଣ୍ଠବନ୍ଧନ ସରକାରର ଦଳ ଏହା ନ କହିଥିଲେ ପୋଲିସ ଏପରି କରିଥାନ୍ତା କି? ଆଇନ ଲାଗୁକରୁଥିବା ଏଜେନ୍ସିକୁ ଦଳ କାମରେ ଲଗାଇଲେ ଏପରି ଘଟେ! ରାଜ୍ୟ ରାଜ୍ୟ ଭିତରେ ପୋଲିସ ଗିରଫଦାରି ପ୍ରକ୍ରିୟାର ଆଇନ ଅଛି। ତାହା ସମ୍ପୃକ୍ତ ରାଜ୍ୟଗୁଡ଼ିକ ଭିତରେ ସହଯୋଗ ଉପରେ ଜୋର୍ ଦିଏ, ଏହାର ଖିଲାପ ହେଉଛି ପୋଲିସରାଜ୍। ଶୁକ୍ରବାର ସକାଳୁ ସକାଳୁ ଭାଜପା ନେତା ତାଜିନ୍ଦର ପାଲ୍ ସିଂ ବାଗ୍‌ଗାଙ୍କୁ ପଞ୍ଜାବ ପୋଲିସ ବୋହିନେଉଥିବା ବାଟରେ ହରିୟାଣା ରାଜ୍ୟ ପଡ଼ିଲା। ହରିୟାଣାର ଭାଜପା ସରକାର ତାଙ୍କ ପୋଲିସ ପଠାଇ ଅଟକାଇଲା ଓ ବାଗ୍‌ଗାଙ୍କୁ ଦିଲ୍ଲୀକୁ ଫେରାଇ ଆଣିଲା। ଭାଜପା–ଆପ୍ କାଦୁଅ ଫୋପଡ଼ା ଫୋପଡ଼ିରେ ପୋଲିସ ହେଉଛି ଅସ୍ତ୍ର। ଆମ ସମ୍ବିଧାନର ୭ମ ସିଡ୍ୟୁଲର ଦ୍ୱିତୀୟ ତାଲିକାରେ ୨ୟ ଲେଖା ହେଉଛି ପୋଲିସ। ତେଣୁ ପୋଲିସ ରାଜ୍ୟ ସରକାରମାନଙ୍କ ଅଧୀନରେ। ସିଆର୍‌ପିସି ବା ଅପରାଧ ପ୍ରକ୍ରିୟା ସଂହିତାର ୪୧ରୁ ୬୦ ଧାରାରେ ପୋଲିସର ଗିରଫ କରିବାର କ୍ଷମତା ଉଲ୍ଲେଖ ଅଛି। ୭୮ ରୁ ୮୧ ଧାରାରେ ବର୍ଣ୍ଣନା ଅଛି କିପରି ରାଜ୍ୟ ବାହାରେ ଓ ଥାନା ପରିସର ବାହାରେ ଗିରଫ କରାଯିବ। ଅନ୍ୟ ରାଜ୍ୟରୁ କାହାକୁ ଗିରଫ କରିବାକୁ ହେଲେ ସ୍ଥାନୀୟ ପୋଲିସର ସହାୟତା ନିଆଯିବ। ଅଭିଯୁକ୍ତଙ୍କ ସ୍ଥାନୀୟ ଥାନାରେ ସମସ୍ତ କଥା ଉଲ୍ଲେଖକରି ସାରି ବାହାର ରାଜ୍ୟର ପୋଲିସ ଅଭିଯୁକ୍ତଙ୍କୁ ବାହାରକୁ ନେଇପାରିବ। ସ୍ଥାନୀୟ ପୋଲିସ ଯଥାର୍ଥତା ଦେଖି ସହାୟତା ଦିଏ ଏବଂ ବାହାର ରାଜ୍ୟର ପୋଲିସ ସାଙ୍ଗରେ ରହେ। ଗିରଫ ହୋଇଥିବା ବ୍ୟକ୍ତଙ୍କୁ ତାଙ୍କ ଘରୁ ବାହାରକୁ ନେବା ପୂର୍ବରୁ ସେ ଯେପରି ତାଙ୍କ ଓକିଲଙ୍କୁ ଯୋଗାଯୋଗ କରିପାରିବେ ଓ ତାଙ୍କଠାରୁ ପରାମର୍ଶ ନେବେ ତାହାର ସୁବିଧା କରିବାକୁ ପୋଲିସ ବାଧ୍ୟ। ମତପାର୍ଥକ୍ୟ ଥିବା ଦଳର ସରକାରରେ ପୋଲିସ ସହଯୋଗ ମିଳେ ନାହିଁ, କାରଣ ଶାସକ ଦଳର ଇଙ୍ଗିତରେ କାମ କରିଥାଏ। ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟ 'ରିଆ ଚକ୍ରବର୍ତ୍ତୀ ବନାମ ବିହାର ରାଜ୍ୟ ଓ ଅନ୍ୟମାନେ' ମାମଲାରେ ରାୟ ଦେଇଛନ୍ତି ଯେ ସତ୍ୟ ଅନୁସନ୍ଧାନ ପାଇଁ ଏକ ସ୍ୱାଧୀନ ୩ୟ ପକ୍ଷ ଦରକାର, ତାହା ସିବିଆଇ ପୂରଣ କରିବ ବୋଲି ଆଦେଶ ଦେଲେ। କେନ୍ଦ୍ରରେ ରାଜୁତି କରୁଥିବା ଭାଜପା ବିହାରରେ ରାଜୁତି କରୁଥିବା ସରକାରୀ ଦଳର ସମର୍ଥକ କେନ୍ଦ୍ରରେ ଅଛି ବୋଲି ସୁପ୍ରିମକୋର୍ଟ ଲକ୍ଷ୍ୟ କଲେ ନାହିଁ।

କେନ୍ଦ୍ରରେ ଶାସକ ଦଳ ଭିନ୍ନ ହେଲେ ସେମାନେ ସିବିଆଇକୁ ଦନ୍ତହୀନ କରିପାରନ୍ତି, ଯଥା ତଦନ୍ତ କରୁଥିବା ଅଫିସର୍‌କୁ ତଦନ୍ତ ମଝିରେ ଟ୍ରାନ୍ସଫର୍ କରିଦେବା ଉଦାହରଣ ତ କଂଗ୍ରେସ୍ ଶାସନ ସମୟରୁ ଚଳିଆସିଛି। ସିବିଆଇ କେନ୍ଦ୍ର ସରକାରଙ୍କ କର୍ତ୍ତୃତ୍ୱରେ ଥିଲେ ବି ଦିଲ୍ଲୀ ପୋଲିସ୍ ଏଷ୍ଟାବ୍ଲିସମେଣ୍ଟ ହୋଇଥିବାରୁ ଅନ୍ୟ କୌଣସି ରାଜ୍ୟରେ ତଦନ୍ତ ପାଇଁ ଉକ୍ତ ରାଜ୍ୟର ସମ୍ମତି ଲୋଡନ୍ତି, ନିଜର ଯଥେଷ୍ଟ ପୋଲିସ୍ ବଳ ନ ଥିବାରୁ ସେ ରାଜ୍ୟର ପୋଲିସ୍‌ର ସହାୟତା ନିଅନ୍ତି, ଏହି କାରଣରୁ ଜାନକୀବଲ୍ଲଭ ମୁଖ୍ୟମନ୍ତ୍ରୀ ଥିବା ଯାଏ ଅଞ୍ଜନା ମିଶ୍ର ତତ୍କାଳୀନ ଆଡଭୋକେଟ ଜେନେରାଲଙ୍କ ବିରୁଦ୍ଧରେ ଧର୍ଷଣ ଅଭିଯୋଗର ସିବିଆଇ ତଦନ୍ତ ସରୁ ନ ଥିଲା, ଧର୍ଷଣ କରିଥିବା ବ୍ୟକ୍ତିତ୍ରୟ ଜାନକୀବଲ୍ଲଭ ସରକାରଙ୍କ ପୋଲିସ୍ ଦ୍ୱାରା ସୁରକ୍ଷିତ ଥିଲେ। ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ହେଲେ ଏବଂ ମୁଁ ମୁଖ୍ୟ ଶାସନସଚିବ ହେବା ପରେ ହିଁ ସିବିଆଇ ଫାଇନାଲ୍ ରିପୋର୍ଟ ହାଇକୋର୍ଟଙ୍କୁ ଦେଇଥିଲେ ଏବଂ ଧର୍ଷକ–ବ୍ୟକ୍ତିତ୍ରୟ ଦଣ୍ଡିତ ହେଲେ। ଏବର ମମତା ମେହେର ମାମଲା ବା ନୟାଗଡ କି ଜଗତସିଂପୁର ମାମଲା କଥା ନ କହିଲେ ଭଲ। ପୋଲିସ୍‌ର ଦାୟିତ୍ୱବୋଧ କିପରି ରାଜନୈତିକ ନେତାମାନଙ୍କ ପ୍ରଭାବରେ ହଜିଯାଏ, ଏସବୁ ତା'ର ପ୍ରମାଣ। ପାଗଳାମି ସଂକ୍ରାମକ ରୋଗ ନୁହେଁ, କିନ୍ତୁ ରାଜନୈତିକ ପାଗଳାମି ସବୁ ଦଳକୁ ସଂକ୍ରମିତ କରୁଛି!

sahadevas@yahoo.com

# ବାର୍ଦ୍ଧକ୍ୟର ସାହାରା: ପୁରାତନ ପେନ୍‌ସନ



ଇପ୍ସିତା ମହାନ୍ତି

ଘରୋଇକରଣ ବିରୋଧରେ, ନିୟମିତ ଦାବିରେ ସରକାରୀ କର୍ମଚାରୀମାନେ ଆଜି ଆନ୍ଦୋଳନକୁ ଓହ୍ଲାଉଛନ୍ତି। ପୁଣି ସରକାରୀ ନିର୍ଦ୍ଦେଶନାମା ବିରୋଧରେ ଓ ବେତନ ବୃଦ୍ଧି ପାଇଁ ଧାରଣା ପ୍ରଦର୍ଶନ କରୁଛନ୍ତି। ପ୍ରଶ୍ନ ହେଉଛି, ନୀତି ନିର୍ଦ୍ଧାରଣ ବେଳେ ସରକାର କାହିଁକି ଏପରି ନିଷ୍ପତ୍ତି ନେଉଛନ୍ତି; ଯେଉଁଥିପାଇଁ ସରକାର ସମସ୍ୟାରେ ପଡୁଛନ୍ତି। ଲାଗୁଛି, ଏଭଳି ନୀତି ନିର୍ଦ୍ଧାରଣ କରୁଥିବା ସରକାରଙ୍କ ପାଇଁ ନିଜ ବ୍ୟକ୍ତିଗତ ସ୍ୱାର୍ଥ ହିଁ ସର୍ବେସର୍ବା। ଜନକଲ୍ୟାଣ କଥା ଗୌଣ। ନଚେତ୍ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅନୁପାଳନ କରୁଥିବାର ଦ୍ୱାହି ଦେଇ ସରକାର ଆଜି ଚୁକ୍ତିଭିତ୍ତିରେ ଏବଂ ଠିକାରେ ଅବା ୩ୟ ପକ୍ଷ (ଆଉଟ ସୋର୍ସିଂ) ଦ୍ୱାରା ବିଭିନ୍ନ ବିଭାଗରେ କର୍ମଚାରୀଙ୍କୁ ନିଯୁକ୍ତି ଦେଇ ନ ଥାନ୍ତେ। ଏଭଳି ବ୍ୟବସ୍ଥାରେ ସ୍ୱଳ୍ପ ବେତନ ପ୍ରଦାନ ଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ସଞ୍ଚିତ ହେଉଛି ସତ, କିନ୍ତୁ କର୍ମଚାରୀଙ୍କୁ ଏହା ଚାପଗ୍ରସ୍ତ କରୁଛି। ଅପରପକ୍ଷେ ଉଚ୍ଚତମ ନ୍ୟାୟାଳୟଙ୍କ ସମାନ କାମକୁ ସମାନ ବେତନ ନିର୍ଦ୍ଦେଶକୁ ସରକାର ଯେପରି ଅନୁପାଳନ କରନ୍ତି, ସେଥିପ୍ରତି ନ୍ୟାୟାଳୟ କଠୋର ହେବା ଆବଶ୍ୟକ।

ଦିନ ଥିଲା ସେବାରେ ଯୋଗ ଦେଉଦେଉ ସରକାରୀ କର୍ମଚାରୀଟିଏ ନିଜ ଭବିଷ୍ୟତକୁ ନେଇ ନିଶ୍ଚିତ ରହୁଥିଲା। ପେନ୍‌ସନ ଥିଲା ତା' ସାହା ଭରସା। ସେବାରେ ଯୋଗଦେବା ମାତ୍ରେ ଜଣେ ସରକାରୀ କର୍ମଚାରୀ ସ୍ୱୟଂକ୍ରିୟ ଭାବେ ଏହି ଅଧିକାର ପାଉଥିଲା। କିନ୍ତୁ ରାଷ୍ଟ୍ରୀୟ ପେନ୍‌ସନ ବ୍ୟବସ୍ଥା ଲାଗୁ ସହ ସରକାରୀ କର୍ମଚାରୀଙ୍କ ଅବସର ପରବର୍ତ୍ତୀ ଦୁର୍ଦ୍ଦଶା ବଢ଼ି ଚାଲିଲା। ରାଷ୍ଟ୍ରୀୟ ପେନ୍‌ସନ ଯୋଜନା ଶେୟାର ବଜାର ଆଧାରିତ ବ୍ୟବସ୍ଥା; ଯାହା ସେବାନିବୃତ୍ତ କର୍ମଚାରୀଙ୍କୁ ଏକ ସୁନିଶ୍ଚିତ ମାସିକ ପେନ୍‌ସନ ପ୍ରଦାନ କରେନାହିଁ। ଏଥିରେ ପୁରାତନ ପେନ୍‌ସନ ଭଳି ଚୂଡ଼ାନ୍ତ ବେତନର ପଚାଶ ପ୍ରତିଶତ ମୂଳ ପେନ୍‌ସନ ରୂପେ ସ୍ଥିରୀକୃତ ହୁଏନାହିଁ। ଏଥିରେ ମହଙ୍ଗା ଭତ୍ତାର ବ୍ୟବସ୍ଥା ନାହିଁ। ଦରଦାମ ବୃଦ୍ଧି ସହ ଅର୍ଥନୈତିକ ସ୍ଥିତିକୁ ନେଇ କର୍ମଚାରୀମାନେ ଆଜି ଶଙ୍କାଗ୍ରସ୍ତ। ତେଣୁ ସେମାନେ ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ରହିବା ସ୍ୱାଭାବିକ। ପୁରାତନ ପେନ୍‌ସନ ସେବାନିବୃତ୍ତ କର୍ମଚାରୀଙ୍କୁ ସମ୍ମାନର ଅଧିକାର ପ୍ରଦାନ କରୁଥିବା ବେଳେ ରାଷ୍ଟ୍ରୀୟ ପେନ୍‌ସନ ଯୋଜନା ସେମାନଙ୍କୁ ଅପମାନିତ କରୁଛି। ସେବାନିବୃତ୍ତ ଭବିଷ୍ୟତକୁ ନେଇ ଚିନ୍ତିତ ରହୁଥିବା ଜଣେ ସରକାରୀ କର୍ମଚାରୀ; ନିଜ କାର୍ଯ୍ୟକ୍ଷେତ୍ରରେ ଶତ ପ୍ରତିଶତ ଯୋଗଦାନ ଦେବା ଆଦୌ ସମ୍ଭବ ନୁହେଁ। ଏଥିପାଇଁ ଜଣେ କର୍ମଚାରୀ ନିଜ କାର୍ଯ୍ୟକୁ ଯେତେ ନିଷ୍ଠାର ସହିତ ସମ୍ପାଦନ କଲେ ମଧ୍ୟ ସେଥିରେ ସର୍ବଦା ଉତ୍ସାହର ଅଭାବ ରହିବ। ବିଶ୍ୱସ୍ତ, ନିଷ୍ଠାବାନ ଓ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ ତିଆରି କରିବା ଏବଂ ସେମାନଙ୍କ ମଧ୍ୟରେ ଉତ୍ସାହ ଭରିବା; ସରକାରଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ। କର୍ମଚାରୀଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖି ସେମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ ପାଇଁ ସରକାରଙ୍କୁ ଯତ୍ନବାନ ହେବାକୁ ପଡିବ। କର୍ମଚାରୀଙ୍କ ଆବଶ୍ୟକତା ଏବଂ ସମସ୍ୟା ବିଷୟରେ ସରକାର ସମ୍ବେଦନଶୀଳ ହେବା ଉଚିତ। ସରକାରଙ୍କ



ଏହି ସଫଳତା ଦେଶରେ ପ୍ରଗତି ଆଣିଦେବ।

ଅନେକ ସମୟରେ ନ୍ୟାୟସଙ୍ଗତ ଏବଂ ଅସଙ୍ଗତ ଦାବି ହାସଲ ପାଇଁ କର୍ମଚାରୀ ସଂଗଠନଗୁଡ଼ିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ସରକାରଙ୍କ ଉପରେ ଅଯଥା ଚାପ ପ୍ରୟୋଗ କରନ୍ତି। ଅବଶ୍ୟ ଦେଶ ସ୍ୱାଧୀନତା ପରେ କୌଣସି ସରକାର ବିନା ଆନ୍ଦୋଳନରେ କର୍ମଚାରୀଙ୍କ ନ୍ୟାୟୋଚିତ ଦାବିକୁ ଗ୍ରହଣ କରି ନାହାନ୍ତି। ଏହା ହିଁ ବିଡମ୍ବନା। ଦୀର୍ଘ ଦିନର ଆନ୍ଦୋଳନ ପରେ କର୍ମଚାରୀଙ୍କ ଦଶ କୋଡିଏଟି ଦାବି ମଧ୍ୟରୁ ଗୋଟିଏ ଦୁଇଟି ଦାବିକୁ ସରକାର କଷ୍ଟରେ ଗ୍ରହଣ କରନ୍ତି। ତେଣୁ କର୍ମଚାରୀ ବର୍ଗ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେଉଛନ୍ତି। କର୍ତ୍ତବ୍ୟ ଅପେକ୍ଷା ସେମାନେ ନିଜ ଦାବି ଓ ଆନ୍ଦୋଳନ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଏଭଳି ପରମ୍ପରା ନିରନ୍ତର ଚାଲି ଆସୁଛି।

ରାଷ୍ଟ୍ରୀୟ ପେନ୍‌ସନ ଯୋଜନାର ସହାୟତା ରାଶି ସମୁଦ୍ରକୁ ଶଙ୍ଖେ। ଏହା ସେବାନିବୃତ୍ତ କର୍ମଚାରୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଛି। ଏଥିରେ ସ୍ଥିରତା ନ ଥିବାରୁ ଭବିଷ୍ୟତକୁ ନେଇ ସନ୍ଦିହାନ ଥିବା ସରକାରୀ କର୍ମଚାରୀମାନେ ନିଜ ସେବା ଅବଧିରେ ଅସାଧୁ ଉପାୟ ଅବଲମ୍ବନ ପାଇଁ ଆଗଭର ହେଉଛନ୍ତି। ଅସଦ୍ ଉପାୟରେ ଭବିଷ୍ୟତ ପାଇଁ ଧନ ସଞ୍ଚୟର ପ୍ରବୃତ୍ତି ଯୋଗୁ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଉଛି। ସରକାର ଯଦି ବିନା ଆନ୍ଦୋଳନରେ କର୍ମଚାରୀଙ୍କ ସମସ୍ୟାକୁ ବୁଝୁଥାନ୍ତେ, ତେବେ ଦାବି ହାସଲ ପାଇଁ ଏମାନେ ଅଯଥାରେ ଆନ୍ଦୋଳନକୁ ଓହ୍ଲାନ୍ତେ ବା କାହିଁକି ? ଏଥିପାଇଁ କର୍ମଚାରୀ ବର୍ଗ ନିଜ କାର୍ଯ୍ୟକ୍ଷେତ୍ରରେ କମ୍ ଏବଂ ରାଜରାସ୍ତାରେ ଅଧିକ ସମୟ ବିତାଉଛନ୍ତି। କେଉଁଠି ବନ୍ଦ ପାଳନ ତ ଆଉ କେଉଁଠି ଧାରଣା ପୁଣି କେଉଁଠି ଧର୍ମଘଟ, ରାସ୍ତାରୋକୋ, ରେଳରୋକୋ– ଚାରିଆଡୁ ଶୁଭୁଛି କେବଳ ଦାବି ଓ ଅଧିକାର ସମ୍ପର୍କିତ ଚିତ୍କାର। ବ୍ୟକ୍ତିଗତ ସ୍ୱାର୍ଥ ହେତୁ ଉଭୟ ସରକାର ଏବଂ କର୍ମଚାରୀ ବର୍ଗ ଧର୍ମଘଟ, ଧାରଣା ଓ ଆନ୍ଦୋଳନରେ ନଷ୍ଟ ହେଉଥିବା ସମୟର ମୂଲ୍ୟ ବୁଝନ୍ତି ନାହିଁ। ଆମଦେଶରେ ଏଭଳି ସମୟର ଯଦି ସଦୁପଯୋଗ ହୋଇପାରନ୍ତା, ତେବେ ଜାପାନ ବଦଳରେ ଭାରତ ଆଜି ଉଦାହରଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତା। କିନ୍ତୁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଏହା ସମ୍ଭବ ହେଉନାହିଁ।

ରାଷ୍ଟ୍ରୀୟ ପେନ୍‌ସନ ଯୋଜନା କର୍ମଚାରୀଙ୍କ ଭବିଷ୍ୟତ ସହ ଏକ ଛଳନା। ବିପକ୍ଷରେ ଥିବାବେଳେ ସମସ୍ତ ରାଜନୈତିକ ଦଳ ଏହି ପ୍ରସଙ୍ଗରେ ସହମତ ହୋଇଥାନ୍ତି। କିନ୍ତୁ କ୍ଷମତାକୁ ଆସିବା ମାତ୍ରେ ଏହାକୁ ଭୁଲିଯା'ନ୍ତି। ପୁରୁଣା ପେନ୍‌ସନ ବ୍ୟବସ୍ଥା କର୍ମଚାରୀଙ୍କ ସମ୍ମାନକୁ କେବଳ ପୁନଃ ସ୍ଥାପନ କରିବ ନାହିଁ ବରଂ ସେମାନଙ୍କ ବୃଦ୍ଧାବସ୍ଥାକୁ ମଧ୍ୟ ସୁରକ୍ଷା ଦେବ। ସରକାର ଯଦିପ୍ରକୃତରେ ଜନକଲ୍ୟାଣ ଉଦ୍ଦେଶ୍ୟ ପୂରଣ କରିବାକୁ ଚାହୁଁଥାନ୍ତି; ତେବେ ତାଙ୍କୁ କର୍ମଚାରୀଙ୍କ ପୂର୍ବ ସମ୍ମାନ ଫେରାଇ ଆଣିବାକୁ ପଡିବ। ଏଥିପାଇଁ ସରକାରଙ୍କୁ ରାଷ୍ଟ୍ରୀୟ ପେନ୍‌ସନ ଯୋଜନାକୁ ହଟାଇ ପୁଣିଥରେ ପୁରାତନ ପେନ୍‌ସନ ବ୍ୟବସ୍ଥା ପ୍ରଚଳନ କରିବାକୁ ହେବ। ବିଧାୟକ ଏବଂ ସାଂସଦମାନେ ଯେତେବେଳେ ମୋଟା ଅଙ୍କର ପେନ୍‌ସନ ଏବଂ ଅନ୍ୟାନ୍ୟ ଭତ୍ତା ପାଇପାରୁଛନ୍ତି, ସେତେବେଳେ କର୍ମଚାରୀମାନଙ୍କୁ ପୁରାତନ ପେନ୍‌ସନ ପ୍ରଦାନରେ ଅସୁବିଧା କେଉଁଠି ? ରାଜସ୍ଥାନ, ଛତିଶଗଡ ଭଳି ରାଜ୍ୟ ନିଜ କର୍ମଚାରୀଙ୍କ ପାଇଁ ପୂର୍ବଭଳି ପୁରାତନ ପେନସନ ବ୍ୟବସ୍ଥା ଲାଗୁ କରିବା ଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରିଦେଲେଣି।

**ବୈପାରୀଗୁଡ଼ା, କୋରାପୁଟ**
**ମୋ– ୬୩୭୦୬୭୯୪୦୫**

## ଏଇ ଭାରତରେ

ନିଶାସକ୍ତ ଜୀବନର ଅନ୍ଧକାରମୟ ଭବିଷ୍ୟତକୁ ଭଲଭାବେ ନିରୀକ୍ଷଣ କରିଛନ୍ତି ନାଗପୁରର ବିଜୟ ବର୍ଷେ। ସେଥିପାଇଁ ସେ ଅନେକ ହଜାର ବସ୍ତିପିଲାଙ୍କୁ ଫୁଟବଲ ମାଧ୍ୟମରେ ନିଶା କବଳରୁ ଉଦ୍ଧାର କରି ଉନ୍ନତ ଜୀବନ ଜିଇବାରେ ସାହାଯ୍ୟ କରିଛନ୍ତି। ବିଜୟ ୨୦୦୧ରୁ 'ଝୋପଡ଼ପଟ୍ଟି ଫୁଟବଲ' ଯାହା 'ସ୍ଲମ୍ ସସର' ନାମରେ ଜଣାଶୁଣା, ତା' ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି ଏବଂ ନିଶା ରାସ୍ତାକୁ ଆପଣାଉଥିବା ବସ୍ତିର ପିଲାମାନଙ୍କର ଫୁଟବଲ ପ୍ରତି ଆଗ୍ରହ ଜନ୍ମାଇ ପାରିଛନ୍ତି। ପିଲାମାନେ ପ୍ରତିଦିନ ବିଜୟଙ୍କ ତତ୍ତ୍ୱାବଧାନରେ ପଢ଼ିଆକୁ ଆସି ଖେଳ ଶିଖୁଛନ୍ତି। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବା ସହ ଶିକ୍ଷା ପ୍ରତି ମନ ବଳୁଛି। ବିଜୟ ମଧ୍ୟ ଶିକ୍ଷା କ୍ଷେତ୍ରରେ ସେମାନଙ୍କୁ ସହଯୋଗ କରୁଛନ୍ତି। କେବଳ ଫୁଟବଲ ନୁହେଁ, ପିଲାମାନଙ୍କୁ ବାସ୍କେଟବଲ, ଟେବୁଲଟେନିସ, ବ୍ୟାଡ୍‌ମିଣ୍ଟନ ଆଦି ଖେଳ ମଧ୍ୟ ଶିଖାଉଛନ୍ତି। ବିଜୟ ସ୍କୁଲ ଓ କଲେଜ ଶିକ୍ଷା ଶେଷ କରି ନାଗପୁରର ହିସ୍‌ଲପ କଲେଜରୁ ଫିଜିକାଲ ଏଜୁକେଶନରେ ପ୍ରଶିକ୍ଷଣ ନେଇଛନ୍ତି। କଲେଜ ସମୟରେ ସେ ହ୍ୟାଣ୍ଡବଲ୍‌ରେ ଦେଶର ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଏକ କଲେଜରେ ଖେଳଶିକ୍ଷକ ଭାବେ ଯୋଗ ଦେଇଥିଲେ। ଚାକିରି ସମୟରେ ଖେଳ ମାଧ୍ୟମରେ ସେ ବସ୍ତି ପିଲାଙ୍କ ଜୀବନ ବଦଳାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଦୁଇ ଦଶନ୍ଧି ହେବ ସେ ନିଜସ୍ୱ ଖର୍ଚ୍ଚରେ ପିଲାମାନଙ୍କୁ ଖେଳାଉଛନ୍ତି। ତାଙ୍କ ଦ୍ୱାରା ପ୍ରଭାବିତ ବହୁ ପିଲା ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଖେଳୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୯୭

- ଉତ୍ତର ଚୀନ୍‌ରେ ଏକ ଆଣବିକ ଶକ୍ତିକେନ୍ଦ୍ର ପ୍ରତିଷ୍ଠା ପାଇଁ ଏହାର ଏକ ଡିଜାଇନ ଯୋଗାଇଦେବାକୁ ରୁଷିଆ ଓ ଚୀନ ମଧ୍ୟରେ ଏକ ଆଣବିକ ଚୁକ୍ତି ସ୍ୱାକ୍ଷରିତ।
- ମଧ୍ୟପ୍ରଦେଶର ଜବଲପୁର ସମେତ ପ୍ରାୟ ୭ଟି ଅଞ୍ଚଳରେ ବଡ଼ ଧରଣର ଭୂମିକମ୍ପ ଘଟି ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ।
- ୧୪ ଜଣ ସଦସ୍ୟ ବିଶିଷ୍ଟ ଆନ୍ନାଡିଏମ୍‌କେ ସଂସଦୀୟ ଦଳର ୭ ଜଣ ସଦସ୍ୟ ଦଳରୁ ବହିଷ୍କୃତ ନେତା ଏସ୍.ଥିରୁନାଭାକାରାସୁଙ୍କ ପ୍ରତି ସେମାନଙ୍କର ସମର୍ଥନ ଜ୍ଞାପନ କରିବା ଫଳରେ ଆନ୍ନାଡିଏମ୍‌କେ ବିଭାଜିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 5 | | 7 | | 2 |
| | | | 7 | | | | 9 | |
| | | 2 | | 9 | | | | |
| | | 9 | 5 | | | | | |
| | 2 | | 1 | | | | | 7 |
| | 8 | | 4 | | | | | 3 |
| | 6 | 8 | | | | | 2 | |
| | 3 | | | | 1 | | | 6 |
| | | | | 7 | | | | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 9 | 4 | 5 | 3 | 8 | 6 |
| 9 | 6 | 8 | 7 | 3 | 1 | 2 | 4 | 5 |
| 5 | 3 | 4 | 2 | 6 | 8 | 1 | 9 | 7 |
| 8 | 9 | 3 | 6 | 1 | 2 | 5 | 7 | 4 |
| 6 | 5 | 2 | 4 | 8 | 7 | 9 | 3 | 1 |
| 4 | 7 | 1 | 3 | 5 | 9 | 6 | 2 | 8 |
| 3 | 8 | 6 | 5 | 9 | 4 | 7 | 1 | 2 |
| 7 | 4 | 5 | 1 | 2 | 3 | 8 | 6 | 9 |
| 1 | 2 | 9 | 8 | 7 | 6 | 4 | 5 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ମୁତୟନ ହେଉ

ମହାଶୟ,

ନିକଟରେ ଆନ୍ଧ୍ରର ବିଜୟନଗରମ ରେଳ ଷ୍ଟେଶନରେ ଓହ୍ଲାଇ ସେଠାରୁ ଓଡ଼ିଶା ସରକାରଙ୍କ ଏକ ବସ୍‌ରେ ରାତି ଦଶଟାରେ ଚଢ଼ିଲି। ମୁଁ ନବରଙ୍ଗପୁର ଜିଲା ଉମରକୋଟକୁ ଯାଉଥାଏ। ବସଟି ରାତି ୨ଟାରେ କୋରାପୁଟ, ରାତି ୩ଟାରେ ଜୟପୁର, ରାତି ୪ଟାରେ ନବରଙ୍ଗପୁର ଓ ଭୋର ୫ଟାରେ ଉମରକୋଟରେ ପହଞ୍ଚିଲା। ଯାତ୍ରୀମାନେ ଚା ପିଇବା ପାଇଁ ବସ କୋରାପୁଟ, ଜୟପୁର ଓ ନବରଙ୍ଗପୁରରେ ୧୫ ମିନିଟ୍ ଲେଖାଏ ରଖୁଥାଏ। ଏହି ସମୟରେ ନିଶାଗ୍ରସ୍ତ ଯୁବକମାନେ ବସ୍ ପହଞ୍ଚିଗଲେ ଯାତ୍ରୀଙ୍କ ପାଖକୁ ଆସି ଟଙ୍କା ମାଗୁଛନ୍ତି। ନ ଦେଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥାନ୍ତି। ବୟସ୍କା ମହିଳା ଓ ଶିଶୁମାନେ ମଧ୍ୟ ବସରୁ ଓହ୍ଲାଇଥାନ୍ତି। ଏମାନଙ୍କ ଜୀବନ ପ୍ରତି ବିପଦ ରହୁଛି। ତେଣୁ ଷ୍ଟପେଜ୍‌ରେ ପୋଲିସ ମୁତୟନ ହେଉ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ କି ବିକଳ!
ଭରସି ନ ପାରେ କିନ୍ତୁ କେହି
ଯିବ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ!
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୪ମାସରେ ୧୦୬ ଦୁର୍ଘଟଣାରେ ୪୭ ମୃତ

■ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ
■ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟ

ରାୟଗଡ ଅଫିସ, ୨୨।୫

ରାୟଗଡ଼ା ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଅନୁଷ୍ଠିତ ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା, ସିଡିଏମ୍‌ଓ ଡ଼ାକ୍ତର ଲାଲମୋହନ ରାଉତରାୟ ଉପସ୍ଥିତ ଥିଲେ। ସଡକ ଦୁର୍ଘଟଣାରେ ଅନେକ ଲୋକଙ୍କ ଧନ ଜୀବନ ହାନି ଘଟୁଛି। ତେଣୁ ଦୁର୍ଘଟଣାଗ୍ରସ୍ତଙ୍କ ପାଖରେ ସାଙ୍ଗେସାଙ୍ଗେ ପହଞ୍ଚି ସେମାନଙ୍କ ଜୀବନ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ ଉପରେ ବୈଠକରେ ଆଲୋଚନା ହୋଇଥିଲା।

ଜିଲାରେ ବହୁଳ ଭାବରେ ଘଟୁଥିବା ସଡ଼କ ଦୁର୍ଘଟଣା ସ୍ଥାନ, କେଉଁ ସମୟରେ ଏବଂ କେଉଁ ମାସରେ ଅଧିକ ଦୁର୍ଘଟଣା ଘଟୁଛି ସେ ଉପରେ ୨ବର୍ଷର ତଥ୍ୟ ଉପସ୍ଥାପନ କରାଯାଇଥିଲା। ତାହାର ନିରାକରଣ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ୨୦୨୦ରେ ୨୭୨ଟି ଦୁର୍ଘଟଣାରେ ୧୧୦ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୧ରେ ୨୯୭ଟି ଦୁର୍ଘଟଣାରେ ୧୩୩ଜଣ ଏବଂ ଚଳିତ ବର୍ଷର ୪ମାସ ଭିତରେ ୧୦୬ଟି ଦୁର୍ଘଟଣାରେ ୪୭ଜଣ ପ୍ରାଣ ହରାଇଥିବା ରିପୋର୍ଟରୁ ପ୍ରକାଶ। ଏହି ରିପୋର୍ଟକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାର ରାୟଗଡ଼ା, ଶେଷଖାଲ, ଚାନ୍ଦିଲ, ଆମ୍ବଦଳାରେ ବିଶେଷଭାବେ ଡିସେମ୍ବର, ଜାନୁୟାରୀ, ଫେବୃୟାରୀ, ଜୁନ ଏବଂ ସେପ୍ଟେମ୍ବର ମାସରେ ଅଧିକାଂଶ ଭାବରେ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ଅପରାହ୍ନ ୩ଟାରୁ ୯ ମଧ୍ୟରେ ଘଟୁଥିବା ତଥ୍ୟରୁ ଜଣାପଡିଛି। ଦୁର୍ଘଟଣା ଘଟିବାର ମୁଖ୍ୟକାରଣ ଉପରେ ଆଲୋଚନା କରାଯାଇଥିଲା। ସଡ଼କ ନିର୍ମାଣ ତ୍ରୁଟି ସୁଧାରିବା ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ଗ୍ରାମୀୟ ନିର୍ମାଣ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟିକିରି ଥାନା ଅଧୀନ କାଳିଆପଡ଼ା ଘାଟିରେ ସଡ଼କ ଦୁର୍ଘଟଣା ଘଟୁଛି। ସଡ଼କ ନିର୍ମାଣ ତ୍ରୁଟି ସୁଧାରିବା ନିମନ୍ତେ ଜଏଣ୍ଟ କମିଟି ମାଧ୍ୟମରେ ଅନୁଧ୍ୟାନ କରିବାକୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ହେଲମେଟ ବ୍ୟବହାର, ନିଶାଖାଇ ଗାଡ଼ି ଚଳାଉଥିବା ଚାଳକଙ୍କୁ ଯାଞ୍ଚ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଉଥିବା ଲୋକଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ଦିଆଯିବ ବୋଲି ଆଲୋଚନା ହୋଇଛି। ଉଦ୍ଧାରକାରୀଙ୍କୁ କୌଣସି ଥାନାକୁ ଡାକାଯିବ ନାହିଁ ବୋଲି ଜିଲାପାଳ ଏସ୍‌ପି କହିଛନ୍ତି। ଏହି ବୈଠକରେ ସଡ଼କ ସୁରକ୍ଷା କମିଟି ସଦସ୍ୟ, ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ହେମେନ୍ଦ୍ର ନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପେନ୍‌ସନ ସଂଘ ପକ୍ଷରୁ ନବରଙ୍ଗପୁର ପୌରାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୨୨।୫ (ନି.ପ୍ର.)-ନବରଙ୍ଗପୁର ପୌର ଅଧକ୍ଷ କୁନୁ ନାୟକ ଜୟପୁର ଷ୍ଟେଟ୍‌ବ୍ୟାଙ୍କ ପେନ୍‌ସନ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସ୍ଥାନୀୟ ଲାଲସାହିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ପେନ୍‌ସନ ଉପଭୋକ୍ତା ଉପସ୍ଥିତ ଥିଲେ। ସଂଘ ସଭାପତି ଶଶୀନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ଷ୍ଟେଟ ବ୍ୟାଙ୍କ ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ତଥା ସଂଘ ସମ୍ପାଦକ ଜି. ଭି. ରେଡ୍ଡି ପରିଚଳନା କରିଥିଲେ। ସୂଚନାଯୋଗ୍ୟ, କୁନୁ ଜଣେ ବ୍ୟାଙ୍କ କର୍ମଚାରୀ ଥିଲେ। ଏହି ଅବସରରେ ସେ ନବରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ସକାଶେ ଉଦ୍ୟମ କରିବେ ବୋଲି କହିଥିଲେ। ଉପଦେଷ୍ଟା ସୁରେଶ, ପ୍ରକାଶ ଚନ୍ଦ୍ର ନନ୍ଦ, ସୋମନାଥ ମିଶ୍ର, କେ. ଭାନୁ କୁମାର, ମୁରଲୀଧର ସାବତ, ରଘୁ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ସଭ୍ୟ ରମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

ଭଞ୍ଜନଗର, ୨୨।୫ (ଡି.ଏନ.ଏ.)- ତାରସିଂ ପୋଲିସ ସ୍ତ୍ରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୁଢ଼ାବାରିର ସ୍ୱାମୀ ଦିଲୀପ ଦାସଙ୍କୁ ରବିବାର ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଦିଲୀପ ଶନିବାର ସ୍ତ୍ରୀ ମାଳାଙ୍କୁ କୌଣସି କାରଣରୁ ଆକ୍ରମଣ କରିଥିଲେ। ଫଳରେ ମାଳାଙ୍କ ହାତ ଗୋଡ଼ରେ ପ୍ରବଳ ଆଘାତ ଲାଗିଥିଲା। ଏହି ସମୟରେ ମାଳାଙ୍କ ଶାଶୁ ଶଶୁର ମଧ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ଆହତମାନେ ଭଞ୍ଜନଗର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିଲୀପଙ୍କୁ ଗିରଫ କରିଛି ବୋଲି ଥାନାଧିକାରୀ କହିଛନ୍ତି।

### ଛାତରୁ ଖସି ରଙ୍ଗ ମିସ୍ତ୍ରି ମୃତ

ଗଞ୍ଜାମ, ୨୨।୫(ଡି.ଏନ.ଏ.)

ଗଞ୍ଜାମ ଥାନା ଛତ୍ରପୁର ଓଏସ୍‌ଏପି ଅଷ୍ଟମ ବାଟାଲିୟନରେ ଜଣେ ରଙ୍ଗ କାରିଗରଙ୍କ ଶନିବାର ବିଳମ୍ବିତ ରାତିରେ ଛାତରୁ ଖସି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଯାଜପୁର ଅଞ୍ଚଳର ମଳୟ ବରାଳ(୩୧)। ଯାଜପୁର ଅଞ୍ଚଳର ୬ ରଙ୍ଗ କାରିଗର ଗତ ୨୦ ଦିନ ହେଲା ଅଷ୍ଟମ ବାଟାଲିୟନରେ ବିଲଡିଂ ଗୁଡ଼ିକରେ ଚୁନ ଦେବା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ରାତିରେ ସେମାନେ ଛାତ ଉପରେ ଶୋଇଥିବା ବେଳେ ଅସାବଧାନତା ଯୋଗୁ ଖସିପଡି କାରିଗର ଜଣଙ୍କ ଗୁରୁତର ହୋଇଥିଲେ। ତାଙ୍କୁ ଗଞ୍ଜାମ ଓ ପରେ ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭତ୍ତା, ୫ କିଲୋ ଚାଉଳ ଭରସାରେ କଟୁଛି ଜୀବନ

### ପରିଣତ ବୟସରେ ମଉଳି ଯାଉଛି ଆବାସଗୃହ ସ୍ୱପ୍ନ

ନବରଙ୍ଗପୁର, ୨୨।୫(ବି.ପ୍ର.)

କଚ୍ଚା ଘର ରହିବ ନାହିଁ। ସମସ୍ତ ଗରିବ ଶ୍ରେଣୀର ଲୋକଙ୍କୁ ମିଳିବ ପକ୍କା ଘର। ରାଜ୍ୟ ସରକାର ଜନସାଧାରଣଙ୍କୁ ଏଭଳି ଆଶ୍ୱାସନା ଦେଉଥିବାବେଳେ ନବରଙ୍ଗପୁର ଜିଲାରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରତ୍ୟେକ ପଞ୍ଚାୟତରେ ମଧ୍ୟସ୍ଥଙ୍କ ଯୋଗୁ ଅନେକ ବୃଦ୍ଧାବୃଦ୍ଧ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ହେଇପାରୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଚିର୍ମା ପଞ୍ଚାୟତର ଜାଗନିଗୁଡା ଗାଁରେ।

ଜାଗନିଗୁଡା ଗାଁର ସ୍ୱର୍ଗତ ପୁରନ ଭାତନାୟକଙ୍କ ସ୍ତ୍ରୀ ସୁନାମଣୀ ଭାତନାୟକ (୮୦)। ୨୦୧୯-୨୦ବର୍ଷରେ ଆବାସ ହିତାଧିକାରୀ ଚୟନ ପରେ କାର୍ଯ୍ୟାଦେଶ ସହ ଘର ନିର୍ମାଣ ପାଇଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୧ଲକ୍ଷ ଟଙ୍କା ଅନୁଦାନ ପାଇଲେ। ତେବେ ବାର୍ଦ୍ଧକ୍ୟବସ୍ଥା ଯୋଗୁ କର୍ଚାମାଳ ଗାଁର ବିନୋଦ ମାଳି ସୁନାମଣୀଙ୍କ ଘର ନିର୍ମାଣ କରିଦେବାକୁ କହିଲେ।


ସୁନାମଣି ଭାତନାୟକ ଚୁଲିରେ ରୋଷେଇ କରୁଛନ୍ତି ।

ଏହାପରେ ବିନୋଦ ସୁନାମଣୀଙ୍କ ପାସବୁକ୍, ଆଧାର କାର୍ଡ ଓ ଭୋଟ ପରିଚୟପତ୍ର ନେଇ ନିଜ ପାଖରେ ରଖି ଘର କାମ ଆରମ୍ଭ କଲେ। ମୂଳଦୁଆ ସହ ଝରକା ଲେବଲ ପର୍ଯ୍ୟନ୍ତ ଘର କାମ କରି ଛାଡି ଦେଲେ। ୨ ବର୍ଷ ପରେ ମଧ ଘର କାମ ଆଉ ଆଗଉ ନାହିଁ। କାମ ପାଇଁ ରଖାଯାଇଥିବା ସିମେଣ୍ଟ ପଥର ବାନ୍ଧି ଦେଲାଣି। ବିନୋଦଙ୍କ ଦେଖା ମିଳୁନାହିଁ ବୋଲି ସୁନାମଣୀ କହିଛନ୍ତି। ସୁନାମଣୀଙ୍କ ନିଜସ୍ୱ ଘର ନ ଥିବାରୁ ଦୀର୍ଘ ୨୦ ବର୍ଷ ହେବ ବାରଦ୍ୱାରରେ ରହୁଛନ୍ତି। ଦୁଇ ବର୍ଷ ତଳେ ସୁନାମଣୀଙ୍କ ଅବସ୍ଥା ଦେଖି ଗାଁର ଲମ୍ବୋଦର କୁମଝରିଆ ନିଜ ଘରେ ଆଶ୍ରୟ ଦେଇଛନ୍ତି। ସୁନାମଣୀଙ୍କ ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା, ରାଶନ କାର୍ଡର ୫କିଲୋ ଚାଉଳ ସରକାରୀ ସହାୟତା ଜୀବନ ଭରସା ହୋଇ ରହିଛି। ଆବାସ ଘର ସ୍ୱପ୍ନ ମଉଳି ଯାଉଛି। ସରକାର ପର୍ଯ୍ୟାୟ କ୍ରମେ ଅନୁଦାନ ଜିଓ ଟ୍ୟାଗ ପରେ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ସ୍ଲାପ ଲେବଲ ପର୍ଯ୍ୟନ୍ତ କାମ ହୋଇଥିଲେ ତୃତୀୟ ପର୍ଯ୍ୟାୟ ଅନୁଦାନ ମିଳିବା କଥା। କିନ୍ତୁ ଚଞ୍ଚକତା କରି ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ହିତାଧିକାରୀଙ୍କ ଖାତାକୁ ଯାଇଛି। ତେବେ ହିତାଧିକାରୀ ନିଜ ପାଖରେ ପାସବୁକ ନ ଥିବାରୁ ତାହା ମଧ୍ୟ ଜାଣିପାରୁନାହାନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମ୍ମୁରୁ ଭତ୍ରାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ବିନୋଦ ମାଳିଙ୍କ ସହ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ତାଙ୍କ ଘର କାମ ଆରମ୍ଭ କରିବେ। ନଚେତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରପଞ୍ଚ ଦଶମୀ ଚାଲାଣ କହିଛନ୍ତି। ବିନୋଦ ମାଳିଙ୍କ ସହ ଯୋଗାଯୋଗ କରିବାରୁ ଜଲଦି କାମ ଆରମ୍ଭ କରି ଅତି ଶୀଘ୍ର ଶେଷ କରିବି ବୋଲି କହିଛନ୍ତି।

# ଭଉଁରି ଯାତ୍ରା ଅବସରରେ ରଥଚକ ସଂଯୋଗ


ରଥରେ ଅଖ ସଂଯୋଗ ନିମନ୍ତେ ପୂଜାର୍ଚ୍ଚନା କରାଯାଉଛି।

ଚନ୍ଦାହାଣ୍ଡି, ୨୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ା ଜଗନ୍ନାଥ ମନ୍ଦିର ସେବା ସମିତି ପକ୍ଷରୁ ରଥଯାତ୍ରା ପାଇଁ ନିର୍ମାଣ ହେଉଥିବା ନୂତନ ରଥ ଅଖରେ ରବିବାର ଚକ ସଂଯୋଗ କରାଯାଇଛି। ଏ ନେଇ ଜମାଦାରପଡ଼ା ଜଗନ୍ନାଥ ସେବା ସମିତି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ବାହାର ଚନ୍ଦନ ଯାତ୍ରାର ପରିସମାପ୍ତି ତଥା ଭଉଁରି ଯାତ୍ରା ଅବସରରେ ଜମାଦାରପଡ଼ା ଜଗନ୍ନାଥ ମନ୍ଦିର ସେବା ସମିତି ପକ୍ଷରୁ ପୂଜକ ରାମଯଶ ମିଶ୍ରଙ୍କ ଦ୍ୱାରା ରଥଚକ ପୂଜାର୍ଚ୍ଚନା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସରପଞ୍ଚ କୃଷ୍ଣ ଯାନୀ, ତୁଳସୀରାମ ବାଘ, ରବି ହାତୀ, ଶ୍ରୀଧର ହାତୀ, ଇନ୍ଦ୍ର ହାତୀ, ବିଜୟ କୁମାର ଦଳେଇ, ତୁଳାରାମ ହାତୀ, ସୋମନାଥ ହାତୀ, ବଳଦେବ ହାତୀ, ଗୋବର୍ଦ୍ଧନ ହାତୀ, ଅଭିରାମ ହାତୀ, ଫନୀନ୍ଦ୍ର ଜଗତ, ରମେଶ ଚୌହାନ, ପ୍ରଦୀପ ପାଢ଼ୀ, ବଳଦେବ ହରିନା, ନର ହରିନା, ରଥ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନସାଧାରଣ ପୋଲିସକୁ ଭୟ ନ କରି ସହଯୋଗ କରନ୍ତୁ

### ଆମ ପୋଲିସ ସମିତି ବୈଠକ

ଉମରକୋଟ, ୨୨।୫(ସ୍ୱ.ପ୍ର.)

ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ପକ୍ଷରୁ ହୀରାପୁରଠାରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ ଲୋକଙ୍କ ନିକଟତର ହେବା ପାଇଁ ପ୍ରୟାସ କରିଛି। ଯେକୌଣସି ଘଟଣା ଘଟିଲେ ପୋଲିସ ଉପରେ ଭରସା ରଖି ଖବର ଦେବା ଓ ପୋଲିସଙ୍କୁ ବନ୍ଧୁ ରୂପେ ଗ୍ରହଣ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରିଛି।

ଏଥିରେ ବ୍ଲକ ଅଧକ୍ଷା ସୁଶୀଳା ମାଝି, ସ୍ଥାନୀୟ ସରପଞ୍ଚ ଲମ୍ବା ନାୟକ, ଉମରକୋଟ ସିଡିପିଓ ଦୀପ୍ତି ସିଂ ପ୍ରମୁଖ ଯୋଗ ଦେଇଥିବା ବେଳେ ଉମରକୋଟ ଥାନା ଅଧିକାରୀ ନରେଶ କୁମାର ପ୍ରଧାନ ସଭାରେ ସଭାପତିତ୍ୱ କରିଥିଲେ। ଥାନା ଅଧିକାରୀ ନିଜ ବକ୍ତବ୍ୟରେ ପୋଲିସକୁ ଭୟ ନ କରି ଅପରାଧକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିବାକୁ ଗ୍ରାମବାସୀଙ୍କୁ ବୁଝାଇଛନ୍ତି। ସେହିପରି ସାଇବର କ୍ରାଇମ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଶିଶୁ ବିବାହକୁ ବିରୋଧ କରିବା, ଅନ୍‌ଲାଇନ୍ ଠକେଇରୁ ଜନସାଧାରଣ କିପରି ଦୂରେଇ ରହିବେ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପୋଲିସ ସମ୍ପର୍କିତ ସମସ୍ତ ନୀତି ନିୟମ ବିଷୟରେ ବୁଝାଇଥିଲେ।


ପୋଲିସ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ଯେତେ ଜବତ କଲେ ସରୁନି ଗଞ୍ଜେଇ

### ପଦ୍ମପୁର ଅଞ୍ଚଳରୁ ପୁଣି ୩୦୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ପଦ୍ମପୁର, ୨୨।୫(ଡି.ଏନ୍.ଏ.)

ସମଗ୍ର ରାୟଗଡ଼ା ଜିଲାରେ ଗଞ୍ଜେଇ କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପୋଲିସ ବାରମ୍ବାର ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ମାଫିଆମାନଙ୍କୁ ଗିରଫ କରୁଛି। ତଥାପି ଜିଲାରୁ ଗଞ୍ଜେଇ ସରୁନି। ଗଞ୍ଜେଇ ଜବତ ଘଟଣା ଜିଲାରେ ସବୁଦିନିଆ ପାଲଟିଲାଣି। ବିଶେଷକରି ପଦ୍ମପୁର ଅଞ୍ଚଳର ଗଞ୍ଜେଇ ପେଣ୍ଠସ୍ଥଳୀ ପାଲଟିଛି। ଶନିବାର ପଦ୍ମପୁର ନିକଟସ୍ଥ ମଦିଗୁଡ଼ା ଗ୍ରାମ ପାଖରୁ ପୋଲିସ ଏକ କୀଟନାଶକ ଔଷଧ ବୋଝେଇ ଟ୍ରକରୁ ୩ ଶହ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଗାଡ଼ିକୁ ଜବତ କରିଛି। ଦୁଇ ଅଭିଯୁକ୍ତ ହେଲେ ଉତ୍ତର ପ୍ରଦେଶ ହାପୁର ଜିଲାର ଯଶ୍‌ବୀର୍ ସିଂ(୬୦) ଏବଂ ଏଟା ଜିଲାର ପନ୍ନାଲାଲ୍ ବାସୁଦେବ(୫୭)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

ଅନୁସନ୍ଧାନରୁ ଜଣାଯାଏ, ରାୟଗଡ଼ା ଓ ଗଜପତି ସୀମାନ୍ତ ଘଞ୍ଚ ଜଙ୍ଗଲ ଉତ୍କୃଷ୍ଟ ମାନର ଗଞ୍ଜେଇ ଚାଷ ପାଇ ପ୍ରକୃଷ୍ଟ ସ୍ଥାନ ହୋଇଛି। ଏହି କାରଣରୁ ଗଞ୍ଜେଇ ମାଫିଆ ମାନେ ଚାଷ ପାଇଁ ଆଦିବାସୀମାନଙ୍କୁ


ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ଉତ୍ସାହିତ କରୁଛନ୍ତି। ବାହାର ରାଜ୍ୟର ଅପରାଧୀ ମାନେ ଆସି ଗଞ୍ଜେଇ ବେପାର କରିବା ସହ ଅଭିନବ ଉପାୟରେ ବିଭିନ୍ନ ଅପରାଧ ଘଟାଉଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏବେ ଦୁର୍ଗମ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରୁ ଗଞ୍ଜେଇ ମାଫିଆ କମ୍ ଧରାପଡୁଥିବାବେଳେ ଅଧିକ ବାହାର ରାଜ୍ୟର ଧରାପଡୁଛନ୍ତି। ସେହିପରି ବଡ଼ ବ୍ୟାବସାୟୀ, ଗାଡ଼ି ମାଲିକ ଏବଂ ପୋଲିସ କର୍ମଚାରୀ ମଧ୍ୟ ଗିରଫ ହୋଇ କୋର୍ଟ ଚାଲାଣ ହେଉଛନ୍ତି। ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତଥାପି ପୋଲିସ ପକ୍ଷରୁ ପ୍ରତ୍ୟେକ ଦିନ ଚଢ଼ାଉ କରି ଗଞ୍ଜେଇ ଜବତ କରାଯାଉଛି।


**OFFICE OF THE SUPERINTENDING ENGINEER**
**RURAL WORKS DIVISION No-I, KEONJHAR**
**"e" Procurement Notice for Road Works**
**Identification No. Online NCB - 01/2022-23**

No.O-296:
1. Name of the Work : 27 Nos. Road Work
2. Total Number of Work : 27 Nos.
3. Estimated Cost : Rs. 5.31 Lakhs to 61.94 Lakhs
4. Class of Contractor : As per Annexure
5. Period of Completion : As per Annexure.
6. Other Details

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W.Divn.No.I, Keonjhar | Road Works Online N.C.B. 01/2022-23 | 26.05.2022 11.00 A.M. | 02.06.2022 5.00 P.M. | 03.06.2022 At 11.30 A.M. |

Further details can be seen from the Website www.tenderorissa.gov.in.
Sd./- Superintending Engineer
R.W.Divn.No.-I, Keonjhar
OIPR-25110/11/0001/2223



**NOTICE INVITING TENDER** No.C-343:
**OFFICE OF THE NOTIFIED AREA COUNCIL, ODAGAON**
At/Po - Odagaon, Dist - Nayagarh, Pin - 752081
Phone:06753-260062
Email : nacodagaon@gmail.com
Tender Call Notice No 1013. dt 20/05/2022
Tender Reference/E - Procurement Notice No - NAC-ODG- 07-2022-23
Bid Identification No. 2022_ORULB_77863

| | | | |
|---|---|---|---|
| 1 | Name of the Work | | As per DTCN (ANNEXURE - 1) |
| 2 | No. of Works | | As per DTCN (ANNEXURE - 1) |
| 3 | Value of Work | | As per DTCN (ANNEXURE - 1) |
| 4 | Class of Contractor | | D&C |
| 5 | Period of Completion | | As per DTCN (ANNEXURE - 1) |
| 6 | Date of Publication | | Dt. 23/05/2022 |
| 7 | Date and Time of availability of document in the portal | | From dt.23/05/2022 at 10.00 A.M to dt.1/06/2022 upto 1.00 P.M. |
| 8 | Last date/ Time for receipt of bids in portal | | 1/06/2022 upto 1.00 P.M. |
| 9 | Submission of or original documents in this office | | On date 01/06/2022 upto 1.00 P.M. |
| 10 | Date and time of opening the BID | | On dt.02/06/2022 at 09.00 A.M. |
| 11 | Name and address of the officer inviting Bid | | Executive Officer, NAC, Odagaon |

Further details can be seen from e-Procurement portal https://tendersodisha.gov.in

Sd./- Executive Officer, NAC, Odagaon
OIPR-13142/11/0005/2223



DSPL-42
କୃଷକ ଓଡ଼ିଶା
GO SUGAM
Government of Odisha - Single Window Unified Gateway for Agrarian Management

**କୃଷକ ଓଡ଼ିଶା**
- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

**ଗୋ-ସୁଗମ**
- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ
- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'ରେ ୩୧ଜୁଲାଇ ୨୦୨୨ ସୁଦ୍ଧା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପ୍‌ଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01102/13/0002/2223

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ



ଜୟପୁର,୨୨।୫ (ନି.ପ୍ର.)- ଜଣେ ଫେରାର ଅଭିଯୁକ୍ତ ଜୟପୁର ସଦର ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ବାରିଗୁମର ମାଧବ ଜାନୀ (୩୭)। ମାଧବଙ୍କ ନାମରେ ସଦର ଥାନାରେ ୨୦୧୫ ମସିହାରୁ ଏକ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ସେ ବାରିଗୁମ ଆସିଥିବା ସୂଚନା ପାଇ ରବିବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶଶୀ ଦାଶ କହିଛନ୍ତି।

### ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ

ଏମ୍‌ଭି ୭୯,୨୨।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଏମଭି-୮୨ ଗ୍ରାମ ଛକ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଡିଆ ବ୍ଲକ ଅନ୍ତର୍ଗତ ନିଲିଗୁଡ଼ା ଗ୍ରାମର ରବୀନ୍ଦ୍ର ପଡ଼ିଆମୀ। ରବୀନ୍ଦ୍ର ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ବେଳେ ଏମ୍‌ଭି-୮୨ ଗ୍ରାମ ଛକ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ମୋଟୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତାଙ୍କ ସହ ଥିବା ଗଙ୍ଗା ପଡିଆମୀ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

### ନାଗରିକ କମିଟି ନିର୍ବାଚନ

ଜୟପୁର, ୨୨।୫ (ନି.ପ୍ର.)- ଲାୟନ୍ସ ବ୍ଲକଠାରେ ଜୟପୁର ନାଗରିକ କମିଟିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ମୀନକେତନ ଦାସ, ଉପ ସଭାପତି ମଦନମୋହନ ନାୟକ, ଜାନକୀ ପାଣିଗ୍ରାହୀ, ଦେବେନ୍ଦ୍ର ବାହିନୀପତି, ସାଧାରଣ ସମ୍ପାଦକ ଭାବେ ଜି.ଭେଙ୍କଟ ରାଓ, ଯୁଗ୍ମ ସମ୍ପାଦକ ରତ୍ନାକର ଚୌଧୁରୀ, ସୁବାସ ପଣ୍ଡା, ଭୀମସେନ ଅଗ୍ରୱାଲ, କୋଷାଧକ୍ଷ ଗୌରହରି ନାୟକ, ସଙ୍ଗଠନ ସମ୍ପାଦକ ରୂପେ ଗୀତା ପ୍ରକାଶ ମିଶ୍ର ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଭାବେ ନରସିହଂ ଚୌଧୁରୀ, ଯାଦବ ସୁବୁଦ୍ଧି, ଭବାନୀ ଶଙ୍କର ଆଚାର୍ଯ୍ୟ, ପରମେଶ୍ୱର ପାତ୍ର, ଶଙ୍କର ପ୍ରହରାଜ, ରାମ ନାୟକ, ଉମାକାନ୍ତ ଶତପଥୀ, ବିନୋଦିନୀ ସାନ୍ତ୍ରାପାତ୍ର, ଜୟନ୍ତୀ ସାହୁ ଓ ନୀଳାଚଳ ପ୍ରଧାନ ମନୋନୀତ ହୋଇଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଗଙ୍ଗାଧର ନନ୍ଦ, ପ୍ରକାଶ ନାୟକ, ଭଜନ ସିଂ, କାଉନ୍‌ସିଲର ଶ୍ରୀଦେବୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳା ଶ୍ରମଜୀବୀ ସଙ୍ଗଠନର ଆମ ପାଇଁ ପାଣି ଅଭିଯାନ

ମାଲକାନଗିରି, ୨୨।୫ (ଡି.ଏନ୍.ଏ.)- ମାଲକାନିଗିରି ଜିଲାର ୭ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶ୍ରମଜୀବୀ ସଙ୍ଗଠନ ଓ ମହିଳା ଶ୍ରମଜୀବୀ ସଙ୍ଗଠନ ପକ୍ଷରୁ 'ଆମ ପାଇଁ ପାଣି ' ଅଭିଯାନ ଆରମ୍ଭ କରାଯାଇଛି। ୧୬୦ରୁ ଅଧିକ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ସଙ୍ଗଠନର ସଦସ୍ୟାସଦସ୍ୟମାନେ ସରପଞ୍ଚମାନଙ୍କୁ ପତ୍ର ଦେଇଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଜିଲାର ବିଭିନ୍ନ ଗ୍ରାମ ଓ ପଡାରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ନଳକୂପ ଅଚଳ, ଖରାପ ପାଣି ବାହାରିବା, ପାଇପ ପାଣି ଓ ସୋଲାର ଟାଙ୍କି ଦୀର୍ଘ ଦିନ ଧରି କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ଲୋକମାନେ ନଦୀ, ଝରଣା ଓ ଚୁଆ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସଙ୍ଗଠନର ଆବାହକ ଘାସିରାମ ଗୁଟା, ଏରେ ମାଡି, ଭାଗୀରଥି ପାଟନିଆ, ଗାଙ୍ଗି ସୋଡି ପ୍ରମୁଖ କହିଛନ୍ତି।

# ବ୍ୟାଙ୍କ ଜରିଆରେ ବାର୍ଦ୍ଧକ୍ୟ ଭତ୍ତା ଏକ ପ୍ରହସନ

ବୈପାରୀଗୁଡ଼ା,୨୨।୫ (ଡି.ଏନ୍.ଏ.)

■ ବ୍ୟାଙ୍କୁ ଗଲେ ମିଳୁନି ସହଯୋଗ
■ ଜମାଖାତା ଯାଞ୍ଚ ନ କରି କହୁଛନ୍ତି ଟଙ୍କା ଆସିନି
■ ବ୍ୟାଙ୍କ, ବ୍ଲକ ପ୍ରଶାସନ ମଧ୍ୟରେ ରହୁନି ସମନ୍ୱୟ

ସାମାଜିକ ସୁରକ୍ଷା ଯୋଜନାରେ ଅସହାୟ ଗରିବ ବୃଦ୍ଧବୃଦ୍ଧାଙ୍କୁ ସରକାରଙ୍କ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ମାସିକ ୫୦୦ ଟଙ୍କା ମିଳିଥାଏ। ଉକ୍ତ ସହାୟତା ରାଶି ପାଇବା ପାଇଁ ବୃଦ୍ଧାବୃଦ୍ଧମାନେ ପ୍ରତ୍ୟେକ ମାସରେ ଚାହିଁ ରହିଥାନ୍ତି। ମାତ୍ର ବିଭାଗ ପକ୍ଷରୁ କେତେକ ହିତାଧିକାରୀଙ୍କ ଭତ୍ତା ବ୍ୟାଙ୍କ ଜରିଆରେ ଦେବାକୁ ନିଷ୍ପତ୍ତି ହେବା ପରେ ବହୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ପ୍ରତି ମାସ ୧୫ ତାରିଖରେ ପଞ୍ଚାୟତ ଅଫିସରେ ସଂପୃକ୍ତ ନିର୍ବାହୀ ଅଧିକାରୀ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରୁଥିଲେ। ଗତ ୬ ମାସ ତଳେ ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ କରିବା ନେଇ ନିଷ୍ପତ୍ତି ନେବା ପରେ ହିତାଧିକାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକର ଦୂର ଦୂରାନ୍ତରେ ଥିବା ବାର୍ଦ୍ଧକ୍ୟ ଲୋକଙ୍କ ଅବସ୍ଥା ଚିନ୍ତା ନ କରି ବ୍ଲକ ସଦର ମହକୁମାରେ ଥିବା ବ୍ୟାଙ୍କମାନଙ୍କରେ ଜମାଖାତାକୁ ଏହି ଭତ୍ତା ଟଙ୍କା ପଠାଯାଉଛି। ଏସବୁ ଜମାଖାତାରେ ପୂର୍ବରୁ କାରବାର ନ ଥିବାରୁ ଏବେ କେୱାଇସି ଅଥବା ଅନ୍ୟ କୌଣସି ଆଳ ଦେଖାଇ ଦୂର ଦୂରାନ୍ତରୁ ଆସୁଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଫେରାଇ ଦେଉଛି। ବ୍ୟାଙ୍କରେ ଭିଡ଼ ରହୁଥିବାରୁ ଅନେକ ସମୟରେ ଜମାଖାତା ଯାଞ୍ଚ ନ କରି ଟଙ୍କା ଆସି ନ ଥିବା କୁହାଯାଉଛି। ହିତାଧିକାରୀମାନେ ବ୍ଲକ ଅଫିସ୍ ଅଥବା ପଞ୍ଚାୟତ ଅଫିସ ଗଲେ କିଛି ସୁଫଳ ମିଳୁନାହିଁ। ଏପରି ଅଭିଯୋଗ ଆଣିଥିବା ଜଣେ ହିତାଧିକାରୀ ହେଲେ ଚେରକା ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିଗାଁ ଗ୍ରାମର ମଦନ୍ ନାଗ। ବୟସ ତାଙ୍କର ୭୨ ଟପିଲାଣି। ଗତ ୬ ମାସ ହେଲା ଭତ୍ତା ନ ପାଇ ସେ ଦୁଃଖରେ ଦିନ କାଟୁଛନ୍ତି। ବୈପାରୀଗୁଡ଼ା ଆଇଓବି ଶାଖାରେ ତାଙ୍କର ଜମାଖାତା ରହିଛି। ତେବେ ପ୍ରତି ମାସରେ ଭତ୍ତା ପାଇଁ ସେ ପଞ୍ଚାୟତକୁ ଯାଇ ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଭେଟୁଛନ୍ତି। ସେଠାରୁ ତାଙ୍କୁ ବ୍ୟାଙ୍କ ଯିବାକୁ କୁହାଯାଉଛି। ସେଠାରୁ ୫୦ କିମି ଦୂର ବୈପାରୀଗୁଡ଼ାକୁ ବସ୍ ଭଡ଼ା ଦେଇ ଆସୁଛନ୍ତି। ବ୍ୟାଙ୍କରେ ପଚାରିଲେ ଟଙ୍କା ଆସିନ ଥିବା ଉତ୍ତର ମିଳୁଛି। ଏ ନେଇ ଗତ ସପ୍ତାହରେ ନବୀନଙ୍କ ସଂପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣାର ଅନୁଧ୍ୟାନ କରିବେ। ଏବେ ଚଳିତ ମାସର ଭତ୍ତା ନଗଦ ଟଙ୍କା ହିସାବରେ ଦେବାକୁ ସଂପୃକ୍ତ ନିର୍ବାହୀ ଅଧିକାରୀଙ୍କୁ କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ତାରିଖରେ ନବୀନ ନିର୍ବାହୀ ଅଧିକାରୀଙ୍କୁ ଭେଟି ନିରାଶ ହୋଇଛନ୍ତି। ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ କାହ୍ନୁ ଦସ୍ତସେନାଙ୍କୁ ପଚାରିବାରୁ ବ୍ୟାଙ୍କରେ କେୱାଇସି ଫର୍ମ ଦାଖଲ ହୋଇ ନ ଥିବାରୁ ଭତ୍ତା ଟଙ୍କା ମିଳୁ ନ ଥିବା ସେ କହିଥିଲେ। ସେହିପରି ପରି ପଞ୍ଚାୟତରେ ୧୦ରୁ ଅଧିକ ହିତାଧିକାରୀଙ୍କ ସମାନ ସମସ୍ୟା ରହିଛି। ଅନ୍ୟପକ୍ଷରେ ଭତ୍ତା ଟଙ୍କା ନେଇ ଉଭୟ ବ୍ୟାଙ୍କ ଓ ବ୍ଲକ ପ୍ରଶାସନ ମଧ୍ୟରେ ସମନ୍ୱୟ ରହୁ ନ ଥିବା ହେତୁ ହିତାଧିକାରୀ ହଇରାଣ ହେଉଛନ୍ତି। ଗତ ସପ୍ତାହରେ ଏନେଇ ବ୍ଲକ ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ମାତ୍ର ସେଥିରେ ଅନେକ ପ୍ରମୁଖ ବ୍ୟାଙ୍କ କର୍ତ୍ତୃପକ୍ଷ ଯୋଗ ଦେଇ ନ ଥିଲେ।

# ଏମ୍‌ପିଙ୍କୁ ଭେଟି ଆଦିବାସୀ ମାନ୍ୟତା ନେଇ ଆଲୋଚନା କଲେ ଦୋରା ସମ୍ପ୍ରଦାୟ



ଦୋରା ମହାସଂଘ ପକ୍ଷରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଟାଙ୍ଗୀ,୨୨।୫(ଡି.ଏନ୍.ଏ.)

କୋରାପୁଟ ଜିଲାରେ ବସବାସ କରୁଥିବା ଦୋରା ସମ୍ପ୍ରଦାୟର ପରିବାର ବର୍ଗ ଆଦିବାସୀ ମାନ୍ୟତା ପାଇଁ ଦୀର୍ଘ ବର୍ଷ ହେଲା ସଂଘର୍ଷ କରୁଥିଲେ ମଧ୍ୟ ଏନେଇ ସରକାରୀ ସ୍ତରରେ ବିଳମ୍ବ ହେଉଛି। ଯାହା ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ସମସ୍ୟା ନେଇ ସେମାନେ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ସାକ୍ଷାତ କରି ଦୋରା ମହାସଂଘ ଜିଲା ସଭାପତି ବୈଦ୍ୟନାଥ ଗେମେଲ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ସମ୍ପ୍ରଦାୟର ଲୋକେ ଆଦିବାସୀ ରୀତିନୀତି ଅନୁସାରେ ପର୍ବପର୍ବାଣିମାନ ପାଳନ କରୁଛନ୍ତି। ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିବାରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଦୋରା ସମ୍ପ୍ରଦାୟ ପ୍ରକୃତରେ ଆଦିବାସୀ ମାନ୍ୟତା ପାଇବା ଉଚିତ କି ନାହିଁ ସେନେଇ କେନ୍ଦ୍ର ତଥା ରାଜ୍ୟ ସରକାର ନିକଟରୁ ଜିଲା ପ୍ରଶାସନକୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇ ଚିଠି ଆସୁଥିବା ବେଳେ ଏଦିଗରେ ପ୍ରଶାସନ କ୍ଷେତ୍ରରେ ଆଗ୍ରହ ପ୍ରକାଶ ପାଉନାହିଁ। ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉପସ୍ଥାପନ କରି ଉକ୍ତ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବାରେ ସହଯୋଗ କରିବାକୁ ଦୋରା ମହାସଂଘ ଆବାହକ ଡାଉଡୁ ଦୋରା ଏବଂ ସମ୍ପାଦକ ଶଙ୍କର ପାଙ୍ଗି କହିଛନ୍ତି। ଏ ସମ୍ପର୍କରେ ବ୍ୟକ୍ତିଗତ ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ଏମ୍‌ପି ଉଲାକା ପ୍ରତିଶ୍ରୁତି ଦେଇଛନ୍ତି।

# ନାଗରିକ ଭବନ ଲୋକାର୍ପିତ

ଜୟପୁର, ୨୨।୫ (ନି.ପ୍ର.)

ଜୟପୁର ନାଗରିକ କମିଟିର ନାଗରିକ ଭବନ ରବିବାର ଲୋକାର୍ପଣ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଛନ୍ତି । ଏମ୍‌ଜି ରୋଡ଼ ଶିରିଡି ସାଇମନ୍ଦିର ପଛପଟେ ଏହି ଭବନ ନିର୍ମାଣ ହୋଇଛି । ଏହି ଅବସରରେ ସୂଚନା ଦେଇ ବିଧାୟକ ବାହିନୀପତି କହିଥିଲେ, ଜଗନ୍ନାଥ ସାଗର ପୁନରୁଦ୍ଧାର ଜାରି ରହିଛି । ସହରର ନୀଳକଣ୍ଠ ସାଗରର ମଧ ବିକାଶ ହେବ। ଯୁବପିଢ଼ି କୁଟିର ଓ କ୍ଷୁଦ୍ର ଶିଳ୍ପ ପ୍ରତି ଆଗ୍ରହ ପ୍ରକାଶ କରିବାକୁ ସେ ପରାମର୍ଶ ଦେଇଥିଲେ।



ବିଧାୟକ ତାରାପ୍ରସାଦ ବାହିନୀପତି ନାଗରିକ ଭବନ ଉଦ୍‌ଘାଟନ କରିଛନ୍ତି।

# କ୍ୟାରିୟର କାଉନ୍‌ସେଲିଂ, ନିଯୁକ୍ତିମେଳା

ମାଲକାନଗିରି,୨୨।୫(ଡି.ଏନ.ଏ.)

ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଏକ ଦିନିକିଆ କ୍ୟାରିୟର କାଉନସେଲିଂ ଓ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଇକ୍ୟୁଏସି ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ଯୁକ୍ତ ତିନି ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଓ ସେମାନଙ୍କ କ୍ୟାରିୟର ସମ୍ପର୍କରେ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ମେଳାରେ ଆଇକ୍ୟୁଏସି ସଂଯୋଜକ ଡ. ରଞ୍ଜନ ସ୍ୱାଇଁ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପିନାସ୍କି କମ୍ପାନୀ ପକ୍ଷରୁ ଆୟୋଜିତ ଉକ୍ତ କ୍ୟାରିୟର କାଉନସେଲିଂ ମେଳାରେ ୭୫ଜଣ ଯୁକ୍ତ୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ.ହେନେରୀତା ମିଶ୍ର, ପ୍ରମିୟ ମହାନ୍ତି, ଦୀପ୍ତିରେଖା ମିଶ୍ର, ଆରତି ଲୁଗୁନ, ଗୌତମ ନାୟକ, ତପନ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ରାସ୍ତାରୋକୋ



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକୋ କରିଛନ୍ତି ।

ମାଲକାନଗିରି,୨୨।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଗୋଟିଯୋଡି ଗ୍ରାମଠାରେ ଏକ ବାଇକ୍‌କୁ ଏକ କାର ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଗୁରୁ ହନ୍ତାଳଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ମାଲକାନଗିରି ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଗୁରୁ ପାଣ୍ଡ୍ରିପାଣିରେ ବିଭିନ୍ନ ସାମଗ୍ରୀ କିଣି ରାତିରେ ନିଜ ଗ୍ରାମ ଭାଲୁଗୁଡାକୁ ଫେରୁଥିଲେ। ଏହି ସମୟରେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଗାଡିମୋଟର ଅଟକି ରହିଥିଲା।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ସୁନାବେଡ଼ା,୨୨।୫(ସ୍ୱ. ପ୍ର.)

କୋରାପୁଟ ଜିଲା ପଦ୍ମପୁର ପଞ୍ଚାୟତର ନିଘାମାନିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରିତା କୁମାରୀ ଦାସଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଉମା ଶଙ୍କର ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପକାରିତା, ଜଳବାୟୁ ପରିବର୍ତ୍ତନ, ରକ୍ତଦାନ ଏବଂ କ୍ୟାରିୟର କାଉନସେଲିଂ ସମ୍ପର୍କରେ ମତ ରଖିଥିଲେ। ନିଘାମାନିଗୁଡା ଗ୍ରାମରୁ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜସମିନ ବେହେରା, ସୁଶୀଳା ଭେଂଗ୍ରା, ସବିତା ବେହେରା, ସସ୍ମିତା ସାହୁ, ହେମଲତା ଖେମୁଣ୍ଡୁ, ସ୍ମରଣିକା ତରାଇ, ବିଶ୍ୱରଞ୍ଜନ ଭୂୟାଁ, ଭବାନୀ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ହକି ପ୍ରଶିକ୍ଷଣ

ମାଲକାନଗିରି,୨୨।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟଠାରେ ତାର୍ଲାକୋଟା, ବାଲିମେଲା, କୋରୁକୋଣ୍ଡା, ଏମ୍‌ଭି-୩୪ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ହକି ଖେଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷକ ଭାବେ ଶେଖର ଚନ୍ଦ୍ର ବେହେରା ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ହକି ଖେଳର ତାଲିମ ଦେଇଥିଲେ । ଜିଲା କ୍ରୀଡା ନିରୀକ୍ଷକ ରତିକାନ୍ତ ରାଉତ, କ୍ରୀଡା ଶିକ୍ଷକ ଭାଗୀରଥି ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ ଓ ଗଙ୍ଗାଧର ବାରିକ ସହଯୋଗ କରିଥିଲେ। ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ଏପରି ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ହକି ଖେଳ ପ୍ରତି ଆଗ୍ରହ ବଢିବ।



ପଡିଆରେ ଛାତ୍ରୀଛାତ୍ରଙ୍କୁ ହକି ପ୍ରଶିକ୍ଷଣ ଦିଆଯାଉଛି ।

ସେମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇପାରିବେ ବୋଲି ମତ ପ୍ରକାଶ ପାଇଥିଲା।

# ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଦେବାକୁ ଦାବି କଲା ସିପିଆଇ

କୋରାପୁଟ,୨୨।୫(ସ୍ୱ.ପ୍ର.)

ରାଜ୍ୟର ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ପକ୍ଷରୁ ରବିବାର ଦାବି କରାଯାଇଛି । ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବି ଜଣାଇ ପ୍ରତିବାଦ ସଭା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ଦେଇଥିଲେ। ଓଡିଶା ଦେଶରେ ବଳକା ବିଦ୍ୟୁତ୍ ଉତ୍ପାଦାନକାରୀ ରାଜ୍ୟ ରୂପେ ପରିଚିତ। ଏଠାରେ ୨୦୦ ୟୁନିଟ ପରେ ବିଦ୍ୟୁତ ଦେୟ ୟୁନିଟ ପିଛା ୨ ଟଙ୍କା କରିବାକୁ ଦଳର ପ୍ରମୋଦ ମହାନ୍ତି ଦାବି କରିଥିଲେ। ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, କୁନା ବାରିକଙ୍କ ସମେତ ଅନ୍ୟମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ମୋନାଲିସା ଦେବତାଙ୍କୁ ଦାବିପତ୍ର ଦେଇଥିଲେ।

# ବିଏସ୍‌ସି ନର୍ସିଂ, ଜିଏନ୍‌ଏମ୍ ଟ୍ରେନିଂ କଲେଜର ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

କୋରାପୁଟ,୨୨।୫(ସ୍ୱ.ପ୍ର.)

କୋରାପୁଟ ସହରର ଜାନିଗୁଡାସ୍ଥିତ ବିଏସସି ନର୍ସିଂ କଲେଜ ଓ ଜିଏନ୍‌ଏମ୍ ଟ୍ରେନିଂ କଲେଜ ପକ୍ଷରୁ ମିଳିତ ଭାବେ ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ପରିଚାଳକ ବସନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ଯୋଗଦେଇ ଲୋକଙ୍କ ସେବା କରିବାକୁ ଆସିଥିବା ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଅଗ୍ନିଶମ ଅଧିକାରୀ ବଳଭଦ୍ର ଟୁଡୁ, ସହକାରୀ ଅଧିକାରୀ ସଞ୍ଜୟ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ସେମାନଙ୍କ ଉନ୍ନତି କାମନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ, ୭ ଜଣଙ୍କ ନାମରେ ମାମଲା

ଜୟପୁର,୨୨।୫ (ନି.ପ୍ର.)

ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଡୁମୁରିପଦର ଗ୍ରାମର ରୀତା ସଗରିଆ (୨୮) ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସେ ତାଙ୍କ ସ୍ୱାମୀ ଶଙ୍କର ସଗରିଆ, ଶାଶୁ ସୁଲୋଚନା ସଗରିଆ, ଶ୍ୱଶୁର ଥାନ ସଗରିଆ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ କରିଛନ୍ତି। ଦ୍ୱିତୀୟ ସ୍ତ୍ରୀ ଗ୍ରହଣ ପରେ ସ୍ୱାମୀ ଶଙ୍କରଙ୍କ ସହ ପରିବାର ଲୋକେ ମିଶି ତାଙ୍କୁ ନିର୍ଯାତନା ଦେଇ ବାପଘରୁ ସୁନାଗହଣା, ବାଇକ ଆଣିବାକୁ ବାଧ କରୁଥିବା ଏତଲାରେ ସେ ଉଲ୍ଲେଖ କରିଛନ୍ତି। ରୀତାଙ୍କର ୩ଟି ସନ୍ତାନ ଅଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ୱାମୀଙ୍କ ସହ ୭ ଜଣଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି ।

# ଡେଙ୍ଗୁ ରୋକିବାକୁ ସ୍ୱତନ୍ତ୍ର ବୈଠକ

ଚିତ୍ରକୋଣ୍ଡା,୨୨।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ କିଛି ଦିନ ହେଲା ଡେଙ୍ଗୁର ପ୍ରଭାବ ଦେଖିବାକୁ ମିଳିଛି। ସନ୍ଦେହରେ ବହୁ ରୋଗୀ ବିଶାଖାପାଟଣା ଓ କୋରାପୁଟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଡେଙ୍ଗୁ ରୋକିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ପଦକ୍ଷେପ ନିଆଯାଇଛି। ଏନେଇ ବ୍ଲକ ସଭାଗୃହରେ ଏକ ବୈଠକ ବସିଥିଲା। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉପ ଜିଲାପାଳ ଅକ୍ଷୟ ଖେମୁଡୁ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବିଡିଓ ରଘୁନାଥ ମୁଣ୍ଡାରୀ, ମାଲକାନଗିରି ଆଡିଶନାଲ ସିଡିଏମଓ ଧନେଶ୍ୱର ମହାପାତ୍ର, ପିଏ ଆଇଟିଡିଏ ତ୍ରିନାଥ ମାଝି, ମାଟିବନ୍ଧ ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ କବି ପ୍ରସାଦ ନାଥ, ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଚିତ୍ରକୋଣ୍ଡା ସରପଞ୍ଚ ହରି ମୋହନ ଖିଲ, ସମିତି ସଭ୍ୟ ରାଜକମଳ ପୁରୋହିତ, ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚର୍ଚ୍ଚି ଉପସ୍ଥିତ ଥିଲେ। ବୈଠକରେ ଡେଙ୍ଗୁ ଦୂର ପାଇଁ ପ୍ରଶାସନ ସମସ୍ତଙ୍କ ସହଯୋଗ କାମନା କରିଥିଲା। ଦୈନିକ ମାର୍କେଟର ଡ୍ରେନ ସଫା କରାଯିବ। ବ୍ୟବସାୟୀମାନେ ନିଜ ଦୋକାନ ସମ୍ମୁଖ ସଫା କରି ଡଷ୍ଟବିନ୍ ରଖିବେ। କିଛିଦିନ ବ୍ୟବଧାନରେ ପ୍ରଶାସନ ପକ୍ଷରୁ ଏହି ଡଷ୍ଟବିନ୍‌ରୁ ଅଳିଆ ସଂଗ୍ରହ କରି ବାହାରେ ପକାଇ ନଷ୍ଟ କରାଯିବ। ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ମଶାରି ଟାଣି ଶୋଇବା ଓ ଘର ଚାରିପାଖ ପରିଷ୍କାର ରଖିବା, ପାଣି ଜମା ନ କରିବାକୁ ସଚେତନ କରିବେ ବୋଲି ଆଲୋଚନା ହୋଇଥିଲା । ଜିପିଓ ହେମନ୍ତ ଭୂୟାଁ ପରିଚାଳନା କରିଥିଲେ ।



ଡେଙ୍ଗୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ବସିଥିବା ବୈଠକ।

# କୃଷିଭିତ୍ତିକ ପର୍ବ ବାଲିଯାତ୍ରା ପାଳୁଛନ୍ତି ଅଞ୍ଚଳବାସୀ

କୁନ୍ଦୁରା,୨୨।୫(ଡି.ଏନ.ଏ.)

■ ପୀଠସ୍ଥଳୀରେ ମୁଖ୍ୟ ଦେବତା ପୂଜା ପାଆନ୍ତି
■ ଯାତ୍ରାର ୭୯ ଦିନ ପୂର୍ବରୁ କୋଲା ନଦୀରୁ ବାଲି ସଂଗ୍ରହ ହୋଇଥାଏ
■ ଯୁବତୀଯୁବକମାନେ ପରସ୍ପର ବାଲିଫୁଲ ଡକାଡକି ହୋଇଥାନ୍ତି

କୋରାପୁଟ ଜିଲା କୁନ୍ଦୁରାଠାରେ କୃଷିଭିତ୍ତିକ ପର୍ବ ବାଲି ଯାତ୍ରା ଦୁଇଦିନ ଧରି ହେବାକୁ ଥିବା ବେଳେ ଶନିବାର ମୁଖ୍ୟ ପର୍ବ ପାଳନ ହେଉଛି। ରବିବାର ବାଲିଭଙ୍ଗାରେ ପାଳନ ହେବ ବାସି ବାଲିଯାତ୍ରା। ରଜାରାଜୁଡ଼ା ଅମଳରୁ ଚାଲିଥିବା ଏହି କୃଷିଭିତ୍ତିକ ପର୍ବ କୃଷକମାନଙ୍କ ମଙ୍ଗଳ ଏବଂ ଚାଷରେ ହେଉଥିବା ରୋଗ ପୋକ ନିୟନ୍ତ୍ରଣ ଲାଗି ହୋଇଥାଏ। ଯେଉଁ ସ୍ଥାନରେ ବାଲିଯାତ୍ରା କରିବାକୁ ପିଠସ୍ଥଳୀ ଥାଏ ସେଠାରେ ମୁଖ୍ୟ ଦେବତାଙ୍କୁ ପୂଜା କରାଯାଏ। ଯେଉଁ ସ୍ଥାନରେ ବାସି ବାଲିଯାତ୍ରା ହୁଏ ସେଠାରେ କାଠ ନିର୍ମିତ ବୀମା ଦେବତାଙ୍କୁ ପୂଜା କରାଯାଇଥାଏ। ମୁଖ୍ୟ ପୀଠରେ ସ୍ଥାନୀୟ ଯୁବକମାନେ ଟାମକବାଜା ବଜାଇ ପାଳନ କରିଥାନ୍ତି। କିଛି ଯୁବତୀଯୁବକଙ୍କ ମଧ୍ୟରେ ଦେବୀ ଆଶ୍ରୟ ନେଇଥିବାର ଦେଖିବାକୁ ମିଳିଥାଏ। ଦେବୀ ଆଶ୍ରିତ ଯୁବତୀଯୁବକମାନେ ପୀଠ ପାର୍ଶ୍ୱରେ ଥିବା କଣ୍ଟା ଦୋଳିରେ ଝୁଲିଥାନ୍ତି। ସୂଚନାଯୋଗ୍ୟ, ଏହି ଯାତ୍ରାର ୭୯ ଦିନ ପୂର୍ବରୁ ଗ୍ରାମବାସୀ ନିକଟସ୍ଥ କୋଲା ନଦୀରୁ ବାଲି ଆଣି ଏହାକୁ ସଫା ସୁତୁରା କରି ଟାଙ୍ଗୁଡ଼ିରେ ରଖିଥାନ୍ତି। ଯାତ୍ରା ଶେଷ ହେବାର ୯ ଦିନ ପୂର୍ବରୁ ବିଭିନ୍ନ ଶଷ୍ୟ ଧାନ, ଗହମ, ମୁଗ, ବିରି, କୋଳଥ, ମାଣ୍ଡିଆ, ମକାଗୁଡିକୁ ମିଶାଇ ବାଲି ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରି ବାଲି ପୀଠ ନିକଟରେ ଯାତ୍ରା ଦିନ ପର୍ଯ୍ୟନ୍ତ ରଖିଥାନ୍ତି। ବାଲିଯାତ୍ରା ଦିନ ଶୁଭ ମୁହୂର୍ତ୍ତ ଦେଖି ପଟୁଆରରେ ମହିଳାମାନେ ବାଲି ଟାଙ୍ଗୁଡ଼ି ଧରି ବାଲି ଭଙ୍ଗା ନିକଟକୁ ଯାଇ ସେଠାରେ ଭୀମା ଦେବତାଙ୍କ ନିକଟରେ ତିଆରି ହୋଇଥିବା ମଞ୍ଚା ଉପରେ ବାଲି ଗଜା ଟାଙ୍ଗୁଡ଼ିଗୁଡିକ ରଖିଥାନ୍ତି। ବାସି ବାଲିରେ ଉକ୍ତ ଟାଙ୍ଗୁଡ଼ି ଓହ୍ଲାଇ ଯାତ୍ରାରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥାଏ। ଏହାକୁ ନେଇ ଯୁବତୀଯୁବକମାନେ ପରସ୍ପରର କାନରେ ଖୋସି ନିଜ ସମ୍ପର୍କ ଦୀର୍ଘସ୍ଥାୟୀ କରିଥାନ୍ତି। ପରସ୍ପର ବାଲିଫୁଲ ଡକାଡକି ହୋଇଥାନ୍ତି। ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର ପରଜା, ତ୍ରିନାଥ ହରିଜନ, ଲକ୍ଷ୍ମୀକାନ୍ତ ପଟ୍ଟ ନାୟକ, ରାଜେଶ୍ୱରୀ ପରଜା, କନକଲତା ପେଣ୍ଠିଆ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଟକ ମେୟର ସୁବାସ ସିଂଙ୍କ ମନ୍ତବ୍ୟକୁ କଂଗ୍ରେସର ବିରୋଧ
### ୨୪ ଘଣ୍ଟା ଭିତରେ ଭୁଲ୍ ନ ମାଗିଲେ ଧାରଣା




ମାଲକାନଗିରି,୨୨ା୫ (ଡି.ଏନ.ଏ) -କଟକ ମେୟର ସୁବାସ ସିଂ ନିଜ ଅଞ୍ଚଳରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କୁ କାମ କର ନ ହେଲେ ମାଲକାନଗିରି ଯାଇ କାମ କରିବ ବୋଲି ନିକଟରେ କହିଥିଲେ। ତାଙ୍କର ଏହି ମନ୍ତବ୍ୟକୁ ରବିବାର ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ବିରୋଧ କରାଯାଇ ସୁବାସଙ୍କ କୁଶ ପୁତଳିକା ଦାହ କରାଯାଇଛି। ବିଜେଡିର ପୂର୍ବତନ ରାଜ୍ୟସଭା ସାଂସଦ ତଥା ବର୍ତ୍ତମାନର ନବ ନିର୍ବାଚିତ କଟକ ମେୟର ସୁବାସ ଯେଉଁଭଳି ଭାବେ ନିଜ ଅଞ୍ଚଳର ସରକାରୀ କର୍ମଚାରୀଙ୍କୁ ମାଲକାନଗିରି ଯାଇ କାମ କରିବାକୁ କହୁଛନ୍ତି ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହା ଧମକ୍ ନା ଆଉ କିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ମାଲକାନଗିରି ଜିଲା ସଭାପତି ଗୋବିନ୍ଦପାତ୍ର କହିଛନ୍ତି। ସେ ୨୪ ଘଣ୍ଟା ମଧରେ ଏଥିପାଇଁ ଭୁଲ୍ ନ ମାଗିଲେ ଆଗାମୀ ଦିନରେ କଂଗ୍ରେସ ଧାରଣା ଦେବ ବୋଲି କଂଗ୍ରେସର ଯୁବ ସଭାପତି ମଙ୍ଗୁ ଖିଲ ଚେତାବନୀ ଦେଇଛନ୍ତି।

### ଔଷଧୀୟ ବୃକ୍ଷ କୃଷି ସମ୍ପର୍କରେ ଆଲୋଚନା ଚକ୍ର

ମୁନିଗୁଡ଼ା, ୨୨ା୫ (ଡି.ଏନ.ଏ.)-ରାୟଗଡା ଜିଲା ମୁନିଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଚରକ ଆୟୁର୍ବେଦ ବୈଦ୍ୟ ସଂଘ ଓ ମା ମାଣିକେଶରୀ ଫାର୍ମ ମେକାନାଇଜେନ ସୋସାଇଟି ଆନୁକୂଲ୍ୟରେ ଶନିବାର ଔଷଧୀୟ ବୃକ୍ଷ ଚାଷ ସଂପର୍କିତ ଏକ ବ୍ଲକସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟ ସଂଘ ସଭାପତି ପ୍ରକୃତି ବନ୍ଧୁ ଚର୍ତୁଭୂଜ ଧାଙ୍ଗଡାମାଝି, ଶତାଧିକ ବୈଦ୍ୟ ଏବଂ ସୋସାଇଟି ସମ୍ପାଦକ ପ୍ରମୋଦ ସାହୁକାର ଉପସ୍ଥିତ ଥିଲେ। ରାଜ୍ୟ ଔଷଧୀୟ ବୃକ୍ଷ ପରିଷଦଙ୍କ ଦ୍ୱାରା ପ୍ରସ୍ତାବିତ ସର୍ପଗନ୍ଧା,ଅଶ୍ୱଗନ୍ଧା, ତୁଳସୀ, ପିପଳି, ଅଁଳା ଚାଷ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷକ ମାନଙ୍କ ଆୟ ଦିଗୁଣିତ କରିବା ସହ ବଜାର ଚାହିଦା କୁ ଦୃଷ୍ଟିରେ ରଖି ଏହାକୁ କିପରି ଲାଭଜନକ ବୃତ୍ତିରେ ପରିଣତ କରିହେବ ସେନେଇ ବନାଞ୍ଚଳ ଅଧିକାରୀ ପ୍ରସନ ମିଶ୍ର ଓ ରାୟଗଡା ଜିଲା ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ ଆଲୋକପାତ କରିଥିଲେ। କବିରାଜ ବିରାଜ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

■ ଗୁଣପୁରରେ କାଳବୈଶାଖୀ ତାଣ୍ଡବ
■ ଅନେକ ଘରର ଟିଣ, ଛପର ଉଡ଼ିଗଲା

ଗୁଣପୁର,୨୨ା୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବଲୀଳା ରଚିଛି। ଅନେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ସେହିପରି ଏକାଧିକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଯିବାରୁ ଅପରାହ୍ନ ୩ ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଖବର ଲେଖାଯିବା ସୁଦ୍ଧା ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ଅନେକ ଘରର ଚାଳ, ଟିଣ ଛପର ଉଡ଼ି ନଷ୍ଟ ହୋଇଛି। ଗୁଗୁରୁପାଙ୍ଗ ଠାରୁ ଗୁଣପୁର ଯାଏ ସବୁଠି କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ସ୍ଥାନୀୟ ବାଇପାସ୍ ଛକ, ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ବେଗରେ ଝଡ଼ ତୋଫାନ ଯୋଗୁ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତାରେ ପଡ଼ିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତା ଉପରୁ ଗଛ କାଟି ସଫା କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଛି। ଗୁଣପୁର ୭ ନଂ ୱାର୍ଡ ଗାନ୍ଧୀନଗର, ଆମ୍ବେଦକର ନଗରରେ ୨୦ଟି, ଗୁଲା ସାହିରେ ଗୋଟିଏ, କୁମ୍ଭାର ସାହିରେ ୨, ମୋତିଲାଲ ନଗରରେ ଗୋଟିଏ, ୯ ନଂ ୱାର୍ଡରେ ୧୫ଟି ଘର ଭାଙ୍ଗିବା ସହ ଟିଣ ଛପର ଉଡ଼ିଯାଇଥିବା ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ସୂଚନା ଦେଇଛନ୍ତି। ସଫେଇ କାମରେ ନିୟୋଜିତ ଥିବା ୩ କର୍ମଚାରୀ ମଧ ଏଥିରେ ଆହତ ହୋଇଛନ୍ତି। ଗୁଣପୁର ସହର ସମେତ ଆଖପାଖ ଅଞ୍ଚଳରେ ମଧ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡିଯିବାରୁ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟିଛି। ମରାମତି ଓ ସଫେଇ କାମ ଜାରି ରହିଛି। ଅନ୍ୟପକ୍ଷରେ କିଛି ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରବିବାର ହୋଇଥିବା ବର୍ଷା ଫଳରେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ରାମନାଗଡ଼ା ବ୍ଲକର ଗୁଗୁରୁପାଙ୍ଗ ଗ୍ରାମରେ ମଧ ପବନ ବର୍ଷା ଯୋଗୁ ଅନେକ ଘର ଭାଙ୍ଗିଯିବା ସହ ଚାଳ ଛପର ଉଡ଼ିଯାଇଛି।


ପବନରେ ଗୁଣପୁର ସହରରେ ଏକ ହୋଟେଲର ଟିଣ ଏବଂ ଅନ୍ୟ ଜିନିଷପତ୍ର ନଷ୍ଟ ହୋଇଛି।


ଏକ ଘରର ସମ୍ପୂର୍ଣ୍ଣ ଟିଣ ଉଡ଼ିଯାଇଛି।

## ବୁଡ଼ିବାଲି ସେବାଶ୍ରମରେ ୨ ନୂତନ ଶିକ୍ଷକ ନିଯୁକ୍ତ

■ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଚାଲିଥିଲା ପାଠପଢ଼ା
■ ସ୍ୱଚ୍ଛ ବିଦ୍ୟାଳୟର ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ

ଚନ୍ଦ୍ରପୁର,୨୨ା୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ସେବାଶ୍ରମରେ ଶିକ୍ଷକ ଅଭାବ ନେଇ ଶିକ୍ଷା କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲା। ପ୍ରଧାନ ଶିକ୍ଷକଙ୍କ ଭରସାରେ ଏହି ବିଦ୍ୟାଳୟ ଚାଲିଥିବା ନେଇ 'ଧରିତ୍ରୀ' ରେ ଖବର ପ୍ରକାଶ ପାଇଥିଲା। ୩୮୦ ଛାତ୍ରୀଛାତ୍ର ରହିଥିବାବେଳେ ସମସ୍ତ ଦାୟିତ୍ୱ ପ୍ରଧାନ ଶିକ୍ଷକ ତୁଲାଉଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ ନିମନ୍ତେ ଜିଲା ମଙ୍ଗଳ ଅଧିକାରୀ ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବା ବୁଡ଼ିବାଲି ପଞ୍ଚାୟତର ସରପଞ୍ଚ ଭୀମ ଗଗେରଙ୍ଗା ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ସାଗରିକା ପଣ୍ଡା ଏବଂ ଶିକ୍ଷକ କ୍ଷମାନିଧି ପୁଟା ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେଇଛନ୍ତି। ସେହିପରି ଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ବୁଡ଼ିବାଲି ସେବାଶ୍ରମ ବିଦ୍ୟାଳୟ ସ୍ୱଚ୍ଛ ବିଦ୍ୟାଳୟର ମାନ୍ୟତା ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ କହିଛନ୍ତି।

## ବ୍ଲକ ସଭାପତି ନିର୍ବାଚନ ନେଇ ଆଲୋଚନା

**କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ**

ନବରଙ୍ଗପୁର,୨୨ା୫(ବି.ପ୍ର.)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୧ ତମ ତିରୋଧାନ ଦିବସ ତଥା ସଦ୍ଭାବନା ଦିବସ ଜିଲା କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପଶ୍ଚିମବଙ୍ଗ ରାଜ୍ୟ କଂଗ୍ରେସ ସଙ୍ଗଠନରୁ ଆସିଥିବା ନବରଙ୍ଗପୁର ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ପିସିସି ଦ୍ୱାରା ନିଯୁକ୍ତିପ୍ରାପ୍ତ ଡିଆର୍‌ଓ ତାପସ କୋଦାଲି ଉପସ୍ଥିତ ରହି ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ସମସ୍ତ ବ୍ଲକର ସଭାପତି, ନବନିଯୁକ୍ତ ବିଆର୍‌ଓ ଏବଂ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କରି ଆଦର୍ଶକୁ ମନେ ପକାଇଥିଲେ।

ପରେ ଦଳୀୟ ଶୃଙ୍ଖଳା ସହିତ ବ୍ଲକ ସଭାପତି ନିର୍ବାଚନ ପ୍ରକ୍ରିୟା ସଂକ୍ରାନ୍ତୀୟ ଆଲୋଚନା ହୋଇଥିଲା। ଜିଲା ସଭାପତି ଏଥିରେ ସଭାପତିତ୍ୱ କରି ଗତ ଦିନରେ ଦଳୀୟ ପ୍ରାଥମିକ ସଦସ୍ୟ ଚୟନ ପ୍ରକ୍ରିୟା ମଧ୍ୟରେ ଜିଲାରେ ୧୦ ହଜାରରୁ ଊର୍ଦ୍ଧ୍ୱ ନୂତନ ଭାବେ ପ୍ରାଥମିକ ସଦସ୍ୟ ହୋଇଥିବା ସ୍ଥଳେ ୪୪୫ ଜଣ ସକ୍ରିୟ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ବ୍ଲକ ମାନଙ୍କରେ ସଭାପତି ଓ ଦଳୀୟ କର୍ମୀଙ୍କ ଦୃଢ଼ତାର ସହ ନିର୍ବାହ କାର୍ଯ୍ୟକଳାପ ଓ ଦଳୀୟ ମର୍ଯାଦାକୁ ଅକ୍ଷୁର୍ଣ୍ଣ ରଖି ୫୦%ରୁ ଊର୍ଦ୍ଧ୍ୱ ପ୍ରାଥମିକ ସଦସ୍ୟତା କାର୍ଯ୍ୟକ୍ରମ ସରିଥିବା କହି ନିଜକୁ ଗୌରବ ଅନୁଭବ କରୁଛି ବୋଲି ଉପସ୍ଥିତ ସମସ୍ତ ବ୍ଲକ ସଭାପତି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଜିଲାର ସମସ୍ତ ୧୦ବ୍ଲକ ଓ ୨ ପୌର ପରିଷଦରେ ମେ ୨୯ ରୁ ଜୁନ୍ ୧୦ ମଧ୍ୟରେ ହେବାକୁ ଥିବା ସଭାପତି ନିର୍ବାଚନ ନିମନ୍ତେ କିପରି ଶାନ୍ତି ଶୃଙ୍ଖଳା ସହ ନାମାଙ୍କନ ପ୍ରକ୍ରିୟା ଓ ଅନ୍ୟ କାର୍ଯ୍ୟକ୍ରମ ହୋଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ।

ଉପସ୍ଥିତ ବିଅର୍‌ଓ ମାନଙ୍କୁ ଡିଆର୍‌ଓ ଏଠାରେ ଗୁରୁମନ୍ତ୍ର ଦେଇ ଦଳକୁ କିଭଳି ତୃଣମୂଳ ସ୍ତରରୁ ସୁଦୃଢ଼ କରାଯାଇପାରିବ ସେଥିପ୍ରତି ସମସ୍ତଙ୍କ ଦାୟିତ୍ୱ ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ଧରମ ସିଂ, ଦିଲୀପ ବେହେରା, ଉଲଧର ମାଝି, ଶଙ୍କର ଦେ, ନାରୀ ନେତ୍ରୀ ହାରାବତି ଗଣ୍ଡ, ଦ୍ୱାରିକା ମହାପାତ୍ର, ଶ୍ରୀକାନ୍ତ ମିଶ୍ର, ଦିଲୀପ ପ୍ରଧନୀ, ପ୍ରହଲ୍ଲାଦ ହିଆଲ, ସୁନିଲ ସିଂ, ସୁବ ଲନ ସାନ୍ତା, କୃଷ୍ଣ ମାଝି, ତମ୍ଭୁ ଦାସ ପାନକା, ପ୍ରଦୀପ ସାହୁ, ବାସୁଦେବ ପଟ୍ଟନାୟକ, ଅବଦୁଲ ଫିରୋଜ, ଦିବାକର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲା କଂଗ୍ରେସ ସଭାପତି ଓ ଅନ୍ୟମାନେ ।

## ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିଭାବକ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ବିଭାଗ ଡିନ୍, ଆଞ୍ଚଳିକ ଅଧିକାରୀ ଓ ପ୍ରଫେସରମାନେ।

ରାୟଗଡ଼ା ଅଫିସ,୨୨ା୫

ରାୟଗଡ଼ା ଜିଲା ଗୁଣପୁର ସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ରାୟଗଡ଼ାସ୍ଥିତ ହୋଟେଲ ତେଜସ୍ୱୀ ଇଣ୍ଟରନେସନଲ ଠାରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ବିଭାଗର ଡିନ୍ ପ୍ରଫେସର ଗୋପାଳକୃଷ୍ଣ ମହାନ୍ତି, ଇଲୋକ୍ଟ୍ରୋନିକ୍ସ ବିଭାଗର ଅଧ୍ୟାପକ ପ୍ରଫେସର ଅମି କୁମାର ପରିଡ଼ା ଏବଂ ଏମ୍‌ବିଏ ବିଭାଗର ପ୍ରଫେସର ସୁବ୍ରତ ମହାନ୍ତି ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ମାନଙ୍କୁ ଦିଆଯାଉଥିବା ଉଚ୍ଚମାନର ଶିକ୍ଷାଦାନ, ପ୍ରଶିକ୍ଷଣ ଓ ଗ୍ରନ୍ଥାଗାର ସୁବିଧା ସହ ଉଚ୍ଚମାନର ନିଯୁକ୍ତି ସୁଯୋଗ ବିଷୟରେ କହିଛନ୍ତି। ଛାତ୍ରୀଛାତ୍ର ମାନେ ମଲ୍ଟିନ୍ୟାଶନାଲ କମ୍ପାନୀ ମାନଙ୍କରେ ନିଯୁକ୍ତି ପାଇ ରେକର୍ଡ ସୃଷ୍ଟି କରିବା ସହ ଅନୁଷ୍ଠାନର ନାମ ରଖୁଥିବା କହିଥିଲେ। ଅନୁଷ୍ଠାନର ପୁରାତନ ଓ ଏବେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମାନଙ୍କ ଅଭିଭାବକ ମାନେ ଯୋଗଦେଇ ପିଲାଙ୍କ ଭବିଷ୍ୟତ ବିଷୟରେ ଉପସ୍ଥିତ ଅନୁଷ୍ଠାନର ପ୍ରଫେସର ମାନଙ୍କ ସହ ଆଲୋଚନା କରିଥିଲେ। ଆଡ୍‌ମିଶନ ବିଭାଗର ଆଞ୍ଚଳିକ ଅଧିକାରୀ ବିଜୟ କୁମାର ସାହୁ ଓ ପି. ସୁରେଶ ପ୍ରମୁଖ ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ। ଏଭଳି ସମ୍ମିଳନୀ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଇଥିବାରୁ ଅଭିଭାବକ ମାନେ ମଧ ଖୁସି ବ୍ୟକ୍ତ କରିଥିଲେ।

## ବୃଦ୍ଧାଙ୍କ ଗଳାକାଟି ସୁନା ଚେନ୍ ଲୁଟ୍

ଟିକିରି,୨୨ା୫(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ସିରିପାଇ ପଞ୍ଚାୟତ ବାହାର ଦୁଲକି ଗ୍ରାମର ବୃଦ୍ଧା ସଦାମଣି ନାଏକଙ୍କ ଗଳାକାଟି ଗୁରୁତର କରି ତାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଛନ୍ତି। ବୃଦ୍ଧା ଅପରାହ୍ନ ୩ ଟାବେଳେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ସମୟରେଦୁର୍ବୃତ୍ତମାନେ ତାଙ୍କ ହାତ, ପାଟି ବାନ୍ଧି ବେକ କାଟି ସୁନା ଚେନ୍ ଲୁଟ୍ କରି ଚାଲିଯାଇଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାଶୀପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସଦାମଣିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀ ଏବଂ ପୁଅଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବାବେଳେ ସେ ଏକାକୀ ରହୁଥିଲେ। ଥାନାରେ ଏ ପର୍ଯ୍ୟନ୍ତ ଅଭିଯୋଗ ହୋଇ ନ ଥିଲେ ମଧ କାଶୀପୁର ଥାନା ଅଧିକାରୀ ଖବର ପାଇ କାଶୀପୁର ଡାକ୍ତରଖାନା ଯାଇ ତଦନ୍ତ କରିଛନ୍ତି। ବୃଦ୍ଧାଙ୍କ ଗଳା କାଟିଦିଆ ଯାଇଥିବାରୁ ସେ ଘଟଣା ବିଷୟରେ କିଛଇ କହିପାରି ନାହାନ୍ତି। ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସମସ୍ୟା ସମାଧାନରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ପ୍ରମୁଖ ଭୂମିକା ରହିଛି

ଜୟପୁର, ୨୨ା୫(ନି.ପ୍ର.)

ଦକ୍ଷିଣ ଓଡିଶାର ବହୁବିଧ ପ୍ରସଙ୍ଗକୁ ଲୋକାଲୋଚନକୁ ଆଣି ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ଗଜପତି, କନ୍ଧମାଳ ଓ ଗଞ୍ଜାମର ବିକାଶ ଏବଂ ସମ୍ବେଦନଶୀଳ ପ୍ରସଙ୍ଗର ଆଶୁ ସମାଧାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରେ ଆବଶ୍ୟକ ତଥ୍ୟ ଉପସ୍ଥାପନା କରିବାରେ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ପ୍ରମୁଖ ଭୂମିକା ରହିଛି। ପ୍ରତ୍ୟେକ ବର୍ଷ ରାଜଧାନୀରେ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସାଧାରଣ ବୈଠକ ହୋଇ ଆସୁଥିଲା। ମହାମାରୀ କରୋନା ଯୋଗୁ ୨ବର୍ଷ ଧରି ଏହି ବୈଠକ ହୋଇ ପାରି ନ ଥିଲା। ଗତ ୨୨ ତାରିଖରେ ପରିଷଦର ସଭାପତି ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

ସଭାପତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ ପରେ ପରିଷଦର ଉପସଭାପତି ପ୍ରଫେସର ରାମଚନ୍ଦ୍ର ମିଶ୍ର ସ୍ୱାଗତ ସୂଚନା ଦେଇଥିଲେ। ସଂପାଦକ ଇଂ. ବିପିନ ବିହାରୀ ପଣ୍ଡା ବିବରଣୀ ପାଠ କରିଥିଲେ। ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସଭାପତି ଭୃଗୁ ବକ୍ସିପାତ୍ର ବହୁବିଧ ପ୍ରସଙ୍ଗ ସହ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ୧୨ଟି ଉପଖଣ୍ଡସ୍ତରୀୟ ଶାଖାକୁ କ୍ରିୟାଶୀଳ କରାଇ ୭ଟି ଜିଲାର ବିଭିନ୍ନ ସଂଗଠନ ଉଦ୍ଦେଶ୍ୟକୁ ଉପସ୍ଥାପନ କରିଥିଲେ। ଦକ୍ଷିଣ ଓଡିଶାର କଳାସଂସ୍କୃତି, ଐତିହାସିକ ଗାଥା ଓ କୀର୍ତ୍ତିରାଜିର ପ୍ରସାର, ସାମାଜିକ ଚାଲିଚଳନ ଓ ସ୍ୱତନ୍ତ୍ରତାକୁ ଦେଶ ଓ ବିଦେଶରେ ଆଦୃତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଓଡିଶା ବିଜ୍ଞାନ କଂଗ୍ରେସ ଦକ୍ଷିଣ ଓଡିଶାରେ କରାଇବାକୁ ପରିଷଦ ଦାୟିତ୍ୱ ନେବାକୁ ସ୍ଥିର ହୋଇଥିଲା। ଜନଜାତି ଓ ପରିବେଶ ଉପରେ ଆଲୋଚନାଚକ୍ର କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି ଜଗଦିଶ ଚନ୍ଦ୍ର ବକ୍ସିପାତ୍ର, ବିନୋଦ ଚନ୍ଦ୍ର ପାଢୀ, ଉପଦେଷ୍ଟା ସୁନ୍ଦର ନାରାୟଣ ପାତ୍ର, ରଞ୍ଜିତ ପାଢୀ, ମାରୁତି ପାଳ, ରତ୍ନାକର ପାଣିଗ୍ରାହୀ, ଉମି ଡାନିଏଲ, ପ୍ରଫେସର ଶିବପ୍ରସାଦ ଅଧିକାରୀ, ରୂପେଶ ସାହୁ, ଅକ୍ଷୟ ଦାସ, ରାଜ କିଶୋର ପାଣିଗ୍ରାହୀ, ଇଂ.ଗାନ୍ଧୀ ଚୌଧୁରୀ, ଇଂ. ରାଜମୋହନ ପାତ୍ର ପ୍ରମୁଖ ନିଜ ମତ ରଖିଥିଲେ।

## ରାଇଘରରେ ଆମ ପୋଲିସ ସମିତି ବୈଠକ

ରାଇଘର, ୨୨ା୫(ଡି.ଏନ.ଏ.)

ନବରଙ୍ଗପୁର ଜିଲା ରାଇଘର ଥାନା ପକ୍ଷରୁ ରାଇଘର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଟଙ୍କଗିରି ଭୋଇ ସଭାପତିତ୍ୱ କରିଥିଲେ। ରାଇଘର ସରପଞ୍ଚ ଲମ୍ବୋଦର ମାଝୀ, ଗ୍ରାମ ମୁଖିଆ ମୁନା ରାଜପୁତ, ଆଇସିଡିଏସ୍ ଭବାନୀ ପୂଜାରୀ, ଆଇନଜୀବୀ କିରଣ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ବଲ୍ୟବିବାହ, ଶିକ୍ଷା ଓ ଗାଡି ମୋଟର ଚାଳକଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ବାଲ୍ୟ ବିବାହ କିପରି ରୋକାଯାଇପାରିବ ସେନେଇ ଆଲୋଚନା ହୋଇ ଏ ଦିଗରେ ମା ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଗ୍ରାମର ମହିଳା ପୁରୁଷମାନେ ନିଜ ମତ ରଖି ବାଲ୍ୟବିବାହକୁ ରୋକିବାକୁ ଶପଥ ନେଇଥିଲେ।



ମହିଳା ଓ ପୁରୁଷମାନେ ବାଲ୍ୟବିବାହ ରୋକିବାକୁ ଶପଥ ନେଉଛନ୍ତି ।

## ସରପଞ୍ଚ ମିଥ୍ୟା ଜାତିଗତ ପ୍ରମାଣ ପତ୍ର ହାତେଇବା ଅଭିଯୋଗ

ଆର୍,ଉଦୟଗିରି,୨୨ା୫(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଆଲିଗଣ୍ଡା ଗ୍ରାମ ସରପଞ୍ଚଙ୍କ ବିରୋଧରେ ମିଥ୍ୟା ଜାତିଗତ ପ୍ରମାଣ ପତ୍ର ହାତେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିରେ ଆଦିବାସୀ ଅଧିକାର ସୁରକ୍ଷା ମଞ୍ଚ ତରଫରୁ ଏକ ସ୍ମାରକ ପତ୍ର ମୋହନା ତହସିଲଦାରଙ୍କୁ ରବିବାର ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ସୁଦାମ ମଲ୍ଲିକ ଓ ସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଏହି ସ୍ମାରକ ପତ୍ର ଦିଆଯାଇଛି। ଆଲିଗଣ୍ଡା ସରପଞ୍ଚ ଅନ୍ୟ ସମ୍ପ୍ରଦାୟର ମାତ୍ର ଚଞ୍ଚକତା କରି ଆଦିବାସୀ ପ୍ରମାଣ ପତ୍ର ହାତେଇଛନ୍ତି। ୨୦୧୨ରେ ତାଙ୍କର ଆଦିବାସୀ ଜାତିଗତ ପ୍ରମାଣ ପତ୍ରକୁ ତତ୍କାଳୀନ ତହସିଲଦାର ଖାରଜ କରିଦେଇଥିଲେ, କିନ୍ତୁ ଚଳିତ ବର୍ଷ ଠିକ ପଞ୍ଚାୟତ ନିର୍ବଚନ ପୂର୍ବରୁ ସେ କିଭଳି ଆଦିବାସୀ ପ୍ରମାଣ ପତ୍ର ପାଇଲେ ତାହା ତଦନ୍ତ କରିବାକୁ ମଞ୍ଚ ଦାବି କରିଛି। ଏହାର ଉପଯୁକ୍ତ ତଦନ୍ତ କରି ତାଙ୍କ ଆଦିବାସୀ ପ୍ରମାଣ ପତ୍ରକୁ ଖାରଜ କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି ହେଉଛି।

# ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଜାତିଆଣ ଆକ୍ଷେପ, ଥାନାରେ ମାମଲା

■ଡିଏସପିଙ୍କ ହାତରେ ତଦନ୍ତ ଭାର
■ଟଙ୍କା ହଡ଼ପର ତଦନ୍ତ ହେଉ

ନବରଙ୍ଗପୁର,୨୨ା୫(ବି.ପ୍ର.)–

ଆଦିବାସୀ ଭତ୍ରା ସମ୍ପ୍ରଦାୟର ଗ୍ରାମବାସୀଙ୍କୁ ଅଣଆଦିବାସୀ ମାଳି ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଗାଁ ବୈଠକରେ ଜାତିଆଣ ଆକ୍ଷେପ କରିଛନ୍ତି। ମନ୍ଦିର ନିର୍ମାଣ ପାଇଁ ଟଙ୍କା ଆଦାୟ ଓ ମନ୍ଦିର ପ୍ରତିଷ୍ଠା ସମୟରେ ଅନ୍ନ ପ୍ରସାଦ ପ୍ରସ୍ତୁତ ବେଳେ ଜାତିଆଣ ଆକ୍ଷେପ କରାଯାଇଥିଲା।

ସୂଚନାଯୋଗ୍ୟ, ଆମ୍ବାଦୋଳା, ଡୁଡୁରିଗୁଡ଼ା, କାଦ୍ରିଗୁଡ଼ା ଗ୍ରାମରେ ମାଁ ଠାକୁରାଣୀ ଏବଂ ମାଁ କାଳୀ କଙ୍କାଲୁଣୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶ୍ରଦ୍ଧାଳୁଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା । ତିନି ଖଣ୍ଡ ଗ୍ରାମର ବ୍ୟକ୍ତିକୁ ରନ୍ଧା ବ୍ରାହ୍ମଣ ପାଖରେ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ଭୋଜନର ବ୍ୟବସ୍ଥାରେ ଗଣ୍ଡା, ଭତରା ଓ ମାଳି ସମାଜ ସହଯୋଗ କରିବାକୁ ନେଇ ଡେଙ୍ଗୁରା ପିଟାଯାଇଥିଲା । ସମସ୍ତ ସମ୍ପ୍ରଦାୟ ଏଥିରେ ସହଯୋଗ କରିବାକୁ କୁହାଯାଇଥିଲା। ଭତରାମାନେ ରନ୍ଧା କାର୍ଯ୍ୟ ସହ ସହଯୋଗ ପାଇଁ ଯାଇଥିଲେ। ମାଳି ସମାଜର ଲୋକେ ବ୍ରାହ୍ମଣଙ୍କ ସହଯୋଗ ନ କରି ରନ୍ଧାଶାଳ ଛାଡ଼ି ଚାଲିଯାଇଥିଲେ। ସେହି ଦିନ ଭତ୍ରା ସମାଜର ବ୍ୟକ୍ତି ବ୍ରାହ୍ମଣଙ୍କ ସହଯୋଗ କରି ପ୍ରଥମ ଦିନର କାର୍ଯ୍ୟଭାର ତୁଲାଇପାରିଥିଲେ। ଦ୍ୱିତୀୟ ଦିନ ଭୋଜନ ବ୍ୟବସ୍ଥା କରାଯାଇଥିବାକୁ ନେଇ ଡୁଡୁରିଗୁଡ଼ା ଏବଂ କାଦ୍ରିଗୁଡ଼ା ଭତ୍ରା ସମାଜ ବୈଠକ କରୁଥିବା ସମୟରେ କାମଦେବ ମାଳି ତାଙ୍କ ସହଯୋଗୀ ଦିଲୀପ ମାଳି ବୈଠକକୁ ଆସି ଭତ୍ରା ସମାଜ ଲୋକେ ରନ୍ଧାବଢ଼ାରେ ହସ୍ତକ୍ଷେପ କରିବ ନାହିଁ କାରଣ ତୁମେ ନୀଚ ଜାତିର ଲୋକ ବୋଲି କହିଥିଲେ। ତୁମ ସମାଜ ଲୋକ ହସ୍ତକ୍ଷେପ କଲେ ଆମ ସମାଜ ଲୋକେ ଖାଇବେ ନାହିଁ ବୋଲି ଜାତିଗତ ଆକ୍ଷେପ କରି କହିଥିଲେ। ୧୮ ତାରିଖରେ ହେବାକୁ ଥିବା ପ୍ରସାଦ ସେବନ ନିମନ୍ତେ ଭତରାମାନେ ଦାୟିତ୍ୱ ଏବଂ ସହଯୋଗରୁ ଓହରି ଯାଇଥିଲେ। ଭତରା ସମାଜର ବୟୋଜ୍ୟେଷ୍ଠ, ବୁଦ୍ଧିଜୀବୀ ନାୟକ–ମହାନାୟକ, ସମାଜର ମୁରବୀମାନେ ଉପସ୍ଥିତ ଥିବା ବୈଠକ ମଝିରେ ମାଳି ସମାଜର ଜାତିଆଣ ଆକ୍ଷେପ ଭତ୍ରା ସମାଜକୁ କୁଠାରାଘାତ କରିଥିଲା। ଏ ନେଇ ଆମ୍ବାଦୁଲା, ଡଡ୍ରିଗୁଡ଼ା, କାଦ୍ରିଗୁଡ଼ା ପ୍ରମୁଖ ୩ ଗ୍ରାମର ଗ୍ରାମବାସୀ ଜିଲାର ଅଖିଳ ଭାରତୀୟ ଭତ୍ରା ପରିଷଦ ଓ ଜିଲା ଜନଜାତି ସୁରୁକ୍ଷା ମଞ୍ଚ ଓ ବିଭିନ୍ନ ଆଦିବାସୀ ସଙ୍ଗଠନକୁ ଏ ବିଷୟରେ ଲିଖିତ ଭାବେ ଅବଗତ କରାଇଥିଲେ । ଜନଜାତି ସୁରକ୍ଷା ମଞ୍ଚ ଏବଂ ଅଖିଳ ଭାରତୀୟ ଭତ୍ରା ବିକାଶ ପରିଷଦ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଏହାର ସମାଧାନ ପାଇଁ ୧୭ ତାରିଖ ପୂର୍ବାହ୍ନରେ ଆମ୍ବାଦୋଳା ଗ୍ରାମସ୍ଥିତ ବାଲିତୋଟାରେ ଏକ ସମାଧାନ ବୈଠକ ବସିଥିଲା। ସମାଧାନ ନିମନ୍ତେ ମାଳି ସମ୍ପ୍ରଦାୟକୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେମାନେ ଆସି ନ ଥିଲେ। ମନ୍ଦିର ପ୍ରତିଷ୍ଠା ନିମନ୍ତେ କେତେକ ବ୍ୟକ୍ତି ପ୍ରତ୍ୟେକ ଘର ପିଛା ୧୨୫୦ ଟଙ୍କା ଆଦାୟ କରିଥିଲେ। ତିନିଖଣ୍ଡ ଗ୍ରାମର ୪୫୦ ଘର ରହିଥିବାବେଳେ ସେଥିମଧ୍ୟରୁ ଭତ୍ରା ପରିବାରର ୧୭୫ ଘର ରହିଛି। ସମସ୍ତଙ୍କର ଟଙ୍କା ମିଶି ପ୍ରାୟ ୨,୧୮,୭୫୦ ଟଙ୍କା ଏବଂ ଗ୍ରାମର ସମସ୍ତଙ୍କର ଟଙ୍କା ମିଶି ୫,୬୨,୫୦୦ ଟଙ୍କା ଆଦାୟ ହୋଇଥିଲା। ତୁରୀ ନଦୀର ବାଲି ନେଉଥିବା ବ୍ୟକ୍ତିଙ୍କ ଠାରୁ ମନ୍ଦିର ତିଆରି ନିମନ୍ତେ ପ୍ରାୟ ୫ ବର୍ଷ ହେଲା ଦିନକୁ ୬ରୁ ୮ ହଜାର ଟଙ୍କା, ଗ୍ରାମର ସମସ୍ତଙ୍କ ଚାଷ ଜମି ପ୍ରାୟ ୭୦୦ ଏକର ରହିଛି। ଏକର ପିଛା ୧ ହଜାର ଟଙ୍କା ହିସାବରେ ସମସ୍ତଙ୍କ ପାଖରୁ ଚାନ୍ଦା, ପୂର୍ବତନ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ମଧ ପାଣ୍ଠିରୁ ମନ୍ଦିର ନିର୍ମାଣ ନିମନ୍ତେ ୧ ଲକ୍ଷ ଟଙ୍କା ଏବଂ ଏବେକାର ବିଧାୟକ ସଦାଶୀବ ପ୍ରଧାନୀ ୧ ଲକ୍ଷ ୫୦ ହଜାର ଟଙ୍କା ବିଧାୟକ ପାଣ୍ଠିରୁ ଅନୁଦାନ ଦେଇଛନ୍ତି। ଏସବୁ ଟଙ୍କାର କାରବାର ମାଳି ସମ୍ପ୍ରଦାୟର ବ୍ୟକ୍ତି ମାନେ ହିଁ କରୁଛନ୍ତି। କାମଦେବ ମାଳି, ଦିଲୀପ ମାଳି, ଜିତୁ ମାଳି, ଶିକ୍ଷକ ନିରଞ୍ଜନ ମାଳି, ଧନପତି ମାଳି, ସୁରେନ୍ଦ୍ର ନାୟକ, ମହେଶ୍ୱର ମାଳି, ଖେମରାଜ ମାଳି, ପ୍ରଦୀପ ମାଳି, ସଦାଶିବ ମାଳି, ପିତବାସ ମାଳି, ଗଣେଶ୍ୱର ମାଳି, ପି–କହ୍ନେଇ ମାଳି, ରୁପଦେବ ମାଳି ପ୍ରମୁଖ ସମସ୍ତ ଟଙ୍କାର କାର୍ଯ୍ୟଭାର ନେଇ ଏହି ସବୁ ପ୍ରକାର କାର୍ଯ୍ୟ ଘଟାଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ସାମୁହିକ କାର୍ଯ୍ୟ ଓ ବିଭିନ୍ନ ଜାତି ସମ୍ପ୍ରଦାୟର ଲୋକ ଥିଲା ବେଳେ ମାଳି ସମ୍ପ୍ରଦାୟ ବ୍ୟତୀତ ଅନ୍ୟ କୌଣସି ସମ୍ପ୍ରଦାୟର ଗ୍ରାମବାସୀଙ୍କୁ ମନ୍ଦିର କାର୍ଯ୍ୟ ତୁଲାଉଥିବା କମିଟିରେ ହସ୍ତକ୍ଷେପ କରାଇ ନାହାନ୍ତି। କାମଦେବ ମାଳି ଓ ଦିଲୀପ ମାଳି ମନ୍ଦିର ପୂଜାର୍ଚ୍ଚନା କାର୍ଯ୍ୟରେ ଭତ୍ରା ସମ୍ପ୍ରଦାୟର ବ୍ୟକ୍ତି ଛୁଇଁବାକୁ ହେବନାହିଁ ବୋଲି ତାଗିଦ କରିଛନ୍ତି। ଗ୍ରାମରେ ବସବାସ କରୁଥିବା ଭୂମିହୀନ, ଜମିହୀନ ଗରିବ ଲୋକମାନେ ମଧ ୧୨୫୦ ଟଙ୍କା ସମତୁଲ୍ୟ ଚାନ୍ଦା ଦେଇଛନ୍ତି ।

ଏବେ ମନ୍ଦିର ନିର୍ମାଣ ଠାରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ଦାୟିତ୍ୱରେ ଥିବା ମାଳି ସମ୍ପ୍ରଦାୟର ଲୋକଙ୍କୁ ମାଗିବାରୁ ସେମାନେ ହିସାବ ଖାତା ହଜିଯାଇଥିବା କହିଥିଲେ। କିଛି ଟଙ୍କା ମନ୍ଦିର କାର୍ଯ୍ୟରେ ଖର୍ଚ୍ଚ କରି ବଳକା ଟଙ୍କାକୁ ସେମାନେ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ଜାତିଆଣ ଭେଦଭାବ ଆକ୍ଷେପ କରି ଅଞ୍ଚଳରେ ଭାଇଚାରା ନଷ୍ଟ କରିବା ଏବଂ ମନ୍ଦିର ବାହାନାରେ ଟଙ୍କା ଆଦାୟ କରି ହଡ଼ପ କରିଥିବା ମୁଷ୍ଟିମେୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଞ୍ଚଳରେ ଭାଇଚାରାକୁ ରକ୍ଷା କରିବାକୁ ଦାବି ହୋଇଛି। ୨୩୪/୨୨ରେ ଏକ ମାମଲା ରୁଜୁ କରାଯାଇ ଡିଏସ୍‌ପି ପୁରୁଷୋତ୍ତମ ଭୋଇଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି। ଅନୁସୂଚିତ ଜାତି ଓ ଜନଜାତି କମିଶନର, ନବରଙ୍ଗପୁର ଏସ୍‌ପି, ଜିଲାପାଳ, ଉପ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ପ୍ରମୁଖଙ୍କୁ ପ୍ରେରଣ କରିଛନ୍ତି।



ନବରଙ୍ଗପୁର ଥାନା ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# କୁତବ୍‌ମୀନାରରେ ଖନନ ହେବ



ନୂଆଦିଲ୍ଲୀ, ୨୨।୫

ଉତ୍ତରପ୍ରଦେଶର ବାରାଣସୀ ଜ୍ଞାନବାପି ମସ୍‌ଜିଦ୍ ପରେ ଏବେ ଦିଲ୍ଲୀସ୍ଥିତ କୁତବମୀନାରକୁ ନେଇ ବିବାଦ ମୁଣ୍ଡ ଟେକିଛି। କୁତବମୀନାର ପରିସରରେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ମିଳିଥିବା ଏବଂ ଏହି ଐତିହ୍ୟ କୁତବ୍ ଉଦ୍-ଦିନ୍ ଆଇବାକ୍ ନୁହେଁ ବରଂ ରାଜା ବିକ୍ରମାଦିତ୍ୟ ଦ୍ୱାରା ସୂର୍ଯ୍ୟଙ୍କ ଦିଗ ଅନୁଧ୍ୟାନ କରିବା ପାଇଁ

## ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଲେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ

ନିର୍ମିତ ହୋଇଥିବା ଭାରତର ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଧରମବୀର ଶର୍ମା ଦାବି କରିଛନ୍ତି। ତେଣୁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ମିନାର ପରିସରରେ ଖନନ କାର୍ଯ୍ୟ କରାଯିବ ବୋଲି ରବିବାର କେତେକ ରିପୋର୍ଟ ପ୍ରକାଶ ପାଇଛି। ତେବେ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିଷ୍ପତ୍ତି ହୋଇନାହିଁ କିମ୍ବା ଖନନ ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କେ. ରେଡ୍ଡୀ କହିଛନ୍ତି।

ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଶନିବାର କୁତବମୀନାର ପରିଦର୍ଶନରେ ଯାଇଥିଲେ। ୧୯୯୧ରୁ ସେଠାରେ କୌଣସି ଖନନ ହୋଇ ନ ଥିବା ଏଏସ୍‌ଆଇ ଅଧିକାରୀମାନେ ତାଙ୍କୁ ଜଣାଇଥିଲେ। ପରେ ଏହି ଐତିହ୍ୟସ୍ଥଳୀରେ ସର୍ଭେ ନିମନ୍ତେ ସଚିବ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ସଂସ୍କୃତି ମନ୍ତ୍ରୀ ପରେ ଏପରି କୌଣସି ନିର୍ଦ୍ଦେଶନାମା କାହାରିକୁ ଦିଆଯାଇ ନ ଥିବା ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ମୁଖପାତ୍ର ବିନୋଦ ବସାଁଲ କୁତବମୀନାରକୁ 'ବିଷ୍ଣୁ ସ୍ତମ୍ଭ' ନାଁରେ ନାମିତ କରିବାକୁ ଦାବି କରିଥିଲେ। ୨୭ ହିନ୍ଦୁ ଏବଂ ଜୈନ ମନ୍ଦିରକୁ ଭଙ୍ଗାଯାଇ ସେଠାରେ କୁତବମୀନାର ନିର୍ମାଣ କରାଯାଇଥିବା ସେ ଅଭିଯୋଗ କରିଥିଲେ। କୁତବମିନାର ଥିବା ସ୍ଥାନରୁ ୧୨୦୦ ବର୍ଷ ପୁରୁଣା ନରସିଂହ ମୂର୍ତ୍ତି, ଗଣେଶ ଏବଂ କୃଷ୍ଣ ମୂର୍ତ୍ତି ମିଳିବା ପରେ କେତେକ ହିନ୍ଦୁ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ସେଠାରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିସହ ତାହାର ନାମ ବଦଳାଇ 'ବିଷ୍ଣୁ ସ୍ତମ୍ଭ' ରଖାଯିବାକୁ ଦାବି ହୋଇଥିଲା।

### ବିବାଦ କ'ଣ

ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପାଇଥିବା କୁତବମୀନାର ୧୧୯୯ରେ ଦିଲ୍ଲୀ ସଲ୍‌ତନତ୍ ବା ଇସ୍‌ଲାମୀୟ ସାମ୍ରାଜ୍ୟର ପ୍ରଥମ ରାଜା କୁତବ ଉଦ୍-ଦିନ ଆଇବାକ୍‌ଙ୍କ ଦ୍ୱାରା ନିର୍ମାଣ ଆରମ୍ଭ ହୋଇଥିଲା। ୧୨୨୦ରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। କୁତବ ଉଦ୍-ଦିନ୍ ଆଇବାକ୍‌ଙ୍କ ନାଁ ଅନୁସାରେ ଏହାର ନାମ କୁତବମିନାର ରଖାଯାଇଥିବା କୁହାଯାଏ। ହିନ୍ଦୁ ଓ ଜୈନ ମନ୍ଦିରକୁ ଭଙ୍ଗାଯାଇ କୁତବମିନାର ନିର୍ମାଣ କରାଯାଇଥିବା ଦାବି କରି ସେଠାରେ ଥିବା ହିନ୍ଦୁ ମୂର୍ତ୍ତିଗୁଡ଼ିକର ଉଦ୍ଧାର ନିମନ୍ତେ ୨୦୦୦ ମସିହା ନଭେମ୍ବରରେ ହିନ୍ଦୁ ଜାତୀୟତାବାଦୀ ଗୋଷ୍ଠୀ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏକ ଯଜ୍ଞ ଆୟୋଜନ ପାଇଁ ଯୋଜନା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ଦିଲ୍ଲୀ ପୋଲିସ ୮୦ ଜଣଙ୍କୁ ଗିରଫ କରିଥିଲା। କୁତବମୀନାରକୁ ରାଜା ବିକ୍ରମାଦିତ୍ୟ ନିର୍ମାଣ କରିଥିବା ଗତ ୧୮ ତାରିଖରେ ଏଏସ୍‌ଆଇର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଦାବି କରିବା ପରେ ଏହି ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସିଛି। ଶନିବାର ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ କୁତବମୀନାର ପରିସରକୁ ଯାଇ ସେଠାରେ ଖନନ କରାଯିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ଲୁଧିଆନା କୋର୍ଟ ବିସ୍ଫୋରଣ: ମୁଖ୍ୟ ଅଭିଯୁକ୍ତ ଗିରଫ

**ଚଣ୍ଡିଗଡ,୨୨।୫:** ଲୁଧିଆନା କୋର୍ଟ ପରିସର ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଶନିବାର ପଞ୍ଜାବ ପୋଲିସ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୫ ଜଣଙ୍କୁ ଶୁକ୍ରବାର ପୋଲିସ କାବୁ କରିଥିଲା। ସ୍ପେସିଆଲ ଟାସ୍କ ଫୋର୍ସ ଏବଂ ଏନ୍‌ଆଇଏର ମିଳିତ ଉଦ୍ୟମରେ ଏହି ଗିରଫଦାରୀ କରାଯାଇଛି। ଜର୍ମାନରେ ଥିବା ଆତଙ୍କବାଦୀ ଜଶୱିନ୍ଦର ସିଂ ମୁଲତାନି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ତେବେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତର ପରିଚୟକୁ ପୋଲିସ ଗୋପନ ରଖିଛି। ଲୁଧିଆନା କୋର୍ଟ ପରିସରରେ ଆଇଇଡି ବ୍ଲାଷ୍ଟ କରାଯାଇଥିବାବେଳେ ଏଥିରେ ଡ୍ରୋନ୍ ବ୍ୟବହାର କରାଯାଇଥିବା ପଞ୍ଜାବ ପୋଲିସ ସାଧାରଣ ନିର୍ଦ୍ଦେଶକ ଭି.କେ. ଭଓ୍ୱରା କହିଛନ୍ତି।

### ଜାପାନରେ ଭୂକମ୍ପ



ଟୋକିଓ,୨୨।୫: ଜାପାନର ଇବରାକିରେ ରବିବାର ଅପରାହ୍ନ ୧୨ଟା ୨୪ ମିନିଟରେ ୬.୦ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି। ଜାପାନ ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ସୂଚନାନୁସାରେ ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୮ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଏବଂ ୩୦ କି.ମି. ଗଭୀରରେ ବୋଲି ଜଣାପଡିଛି। ଭୂକମ୍ପରେ କୌଣସି ପ୍ରକାର କ୍ଷତି କିମ୍ବା କାହାରି ପ୍ରାଣହାନି ହୋଇ ନ ଥିବା ଜାପାନ ନ୍ୟୁଜ୍ ଚ୍ୟାନେଲ ଜିନ୍‌ହୁଆ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ୮ ମୃତ



**ସିଦ୍ଧାର୍ଥନଗର (ୟୁପି),୨୨।୫:** ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଅଞ୍ଚଳରେ ବରଯାତ୍ରୀ ଦଳ ନେଇ ଯାଉଥିବା ଏକ ଏସ୍‌ୟୁଭି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍‌କୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ଜୋଗିଆ ଉଦୟପୁର ଅଞ୍ଚଳର କାତ୍ୟା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏସ୍‌ୟୁଭିରେ ୧୧ ଜଣ ଯାତ୍ରୀ ଥିଲେ। ଘଟଣାସ୍ଥଳରେ ୪ ଜଣ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

### ବୋର୍‌ୱେଲ୍‌ରେ ଖସିଥିବା ଶିଶୁର ମୃତ୍ୟୁ

**ଚଣ୍ଡିଗଡ଼,୨୨।୫:** ପଞ୍ଜାବର ହୋଶିଆରପୁର ଜିଲା ଅନ୍ତର୍ଗତ ଗଡ୍ରିୱାଲା ଗ୍ରାମରେ ଏକ ୩୦୦ ଫୁଟ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଥିବା ଶିଶୁର ମୃତ୍ୟୁ ଘଟିଛି। ସେନା ସହାୟତାରେ ଦୀର୍ଘ ୯ ଘଣ୍ଟାର ଉଦ୍ୟମ ପରେ ରତିକ୍ (୬ ବର୍ଷ)ଙ୍କୁ ବୋର୍‌ୱେଲ୍‌ରୁ ବାହାର କରାଯାଇଥିଲା। ହୋଶିଆରପୁର ସିଭିଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ରବିବାର ସକାଳ ୯ଟାରେ ପିଲାଟିକୁ କୁକୁର ଗୋଡ଼ାଇବାରୁ ସେ ବୋର୍‌ୱେଲ୍‌ରେ ଖସିପଡ଼ିଥିଲେ। ଉଦ୍ଧାରକାରୀ ଟିମ୍‌ର କହିବା ଅନୁଯାୟୀ ସେ ୬୫ ଫୁଟ ଗଭୀରରେ ଅଟକି ରହିଥିଲେ। କ୍ଲିପ୍ ସହାୟତାରେ ବାହାର କରିବା ଲାଗି ଉଦ୍ୟମ ବିଫଳ ହେବା ପରେ ଜେସିବି ମେଶିନରେ ଖୋଳାଯାଇଥିଲା। ବୋର୍‌ୱେଲ୍ ଭିତରକୁ ଅକ୍ସିଜେନ୍ ଛଡ଼ାଯାଇଥିଲେ ହେଁ ଉଦ୍ଧାର ବେଳକୁ ସେ ଅଚେତ ହୋଇପଡ଼ିଥିଲେ।

# ଆସାମରେ ହାଜତ ମୃତ୍ୟୁ

ଗୁଆହାଟୀ,୨୨।୫

ଆସାମର ନାଗାଁଓ ଜିଲାରେ ହାଜତ ମୃତ୍ୟୁ ଅଭିଯୋଗକୁ ନେଇ ଶନିବାର ଉତ୍ତ୍ୟକ୍ତ ଲୋକେ ଏକ ଥାନା ଉପରେ ଆକ୍ରମଣ କରିବା ସହ ନିଆଁ ଲଗାଇଦେଇଥିଲେ। ଏଥିରେ ୩ ଜଣ ଆହତ ହୋଇଥିଲେ। ଏହାର ଦିନକ ପରେ ହିଂସାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଘରକୁ ପୋଲିସ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛି। ଅନ୍ୟପକ୍ଷରେ ଜବରଦଖଲ ଉଚ୍ଛେଦ ଲାଗି ସେମାନଙ୍କ ଘର ଭଙ୍ଗାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ନାଗାଁଓର ଧିଙ୍ଗ ଅଞ୍ଚଳ ଅନ୍ତର୍ଗତ ବଟଦ୍ରଭା ଥାନାରେ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କର ହାଜତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିବାବେଳେ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହା ସତ୍ତ୍ୱେ ଶନିବାର ଅପରାହ୍ନରେ ସାଲୋନାବୋରି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକେ ଉକ୍ତ ଥାନାରେ ନିଆଁ ଲଗାଇଦେଇଥିଲେ। ଫଳରେ ଯେସାକୁ ତେସା ନୀତି ସ୍ୱରୂପ ରବିବାର ସକାଳେ ସାଲୋନାବୋରି ଗ୍ରାମରେ ବୁଲ୍‌ଡୋଜର ପହଞ୍ଚି ଥାନାପୋଡ଼ିରେ ସମ୍ପୃକ୍ତଙ୍କ ଘର ଭାଙ୍ଗିଥିଲା। ହିଂସାକାଣ୍ଡ ଘଟାଇଥିବା ୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୨୧ ଜଣଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା ଚଳାଇଛି। ହାଜତ ମୃତ୍ୟୁ ପାଇଁ ଯେଉଁ ପୋଲିସ ଅଧିକାରୀ ଦାୟୀ ତାଙ୍କ ବିରୋଧରେ କଠୋର

## ଥାନାପୋଡ଼ିଥିବା ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଲା ପୋଲିସ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏଭଳି ଅଭିଯୋଗ ପାଇଁ ଥାନା ପୋଡ଼ିଦେବାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆସାମ ସ୍ପେଶାଲ ପୋଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଜି.ପି. ସିଂ କହିଛନ୍ତି। ପୋଲିସ ଆକ୍ରମଣକାରୀଙ୍କ ଘର ଭାଙ୍ଗିବାକୁ ବିରୋଧୀ ଦଳ ସମାଲୋଚନା କରିଛି। ପୋଲିସ ମାନବାଧିକାର ଉଲ୍ଲଂଘନ କରିଥିବା କଂଗ୍ରେସ ଏମ୍‌ପି ଅବଦୁଲ ଖାଲେକ୍ ଟୁଇଟ୍ କରିଛନ୍ତି।

ସୂଚନାଯୋଗ୍ୟ, ମଦ ପିଇ ଗାଳିଗୁଲଜ କରିବା ଅଭିଯୋଗରେ ସାଲୋନାବୋରି ଗ୍ରାମର ମାଛ ବ୍ୟବସାୟୀ ସୋଫିକୁଲ ଇସ୍‌ଲାମଙ୍କୁ ପୋଲିସ ଶୁକ୍ରବାର ରାତିରେ ଥାନାକୁ ନେଇଥିଲା। ପରଦିନ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା।

# ମୁଦ୍ରାସ୍ଫୀତି, ୟୁକ୍ରେନ୍ ସମସ୍ୟା ପ୍ରମୁଖ ପ୍ରସଙ୍ଗ

ଡାଭୋସ୍, ୨୨।୫

କରୋନା ମହାମାରୀ ଯୋଗୁ ପ୍ରାୟ ଅଢ଼େଇ ବର୍ଷର ବ୍ୟବଧାନ ପରେ ସୁଇଜରଲାଣ୍ଡର ଡାଭୋସ୍ ସହରରେ ବିଶ୍ୱ ଅର୍ଥନୈତିକ ଫୋରମ(ଡବ୍ଲ୍ୟୁଇଏଫ୍) ସମ୍ମିଳନୀ ରବିବାର ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ବୈଠକର ଥିମ୍ ରହିଛି 'ୱାର୍କିଂ ଟୁଗେଦର, ରିଷ୍ଟୋରିଂ ଟ୍ରଷ୍ଟ' (ଏକାଠି କାର୍ଯ୍ୟ କରିବା, ପୁନଃବିଶ୍ୱାସ ସ୍ଥାପନ)। ଗତ ଜାନୁୟାରୀରେ ଡବ୍ଲ୍ୟୁଇଏଫ୍ ସମ୍ମିଳନୀ ଆରମ୍ଭ ହେବାକୁ ସ୍ଥିର ହୋଇଥିଲେ ହେଁ ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ତାହା ପୁଣି ଘୁଞ୍ଚିଥିଲା।

୫୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଡାଭୋସ୍‌ରେ ଆୟୋଜିତ ହୋଇଆସୁଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ଚଳିତ ବର୍ଷ ମୁଖ୍ୟ ଏଜେଣ୍ଡାରେ ରହିଛି ମହାମାରୀ ଯୋଗୁ ନିମ୍ନଗାମୀ ଅର୍ଥନୀତିରେ ସୁଧାର, ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ଜଳବାୟୁ ପରିବର୍ତ୍ତନ, ୟୁକ୍ରେନ୍

## ବିଶ୍ୱ ଅର୍ଥନୈତିକ ଫୋରମ୍ ସମ୍ମିଳନୀ

ସମସ୍ୟା, ଭୂରାଜନୈତିକ ସଂଘର୍ଷରେ ବିରାମ, ଉନ୍ନତ ଭବିଷ୍ୟତ ଦିଗରେ କାର୍ଯ୍ୟ। ଏଥିରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ୟୁରୋପୀୟ କମିଶନ୍‌ର ରାଷ୍ଟ୍ରପତି ଉର୍ସୁଲା ଭୋନ୍ ଡେନ୍ ଲେୟେନ୍ ଏବଂ ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲଜ୍ ପ୍ରମୁଖ ସାମିଲ ହୋଇଛନ୍ତି।

ଭାରତର ୩ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, ମନସୁଖ ମାଣ୍ଡବ୍ୟ ଏବଂ ହରଦୀପ ସିଂ ପୁରୀଙ୍କ ସମେତ କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନମୋହନ ରେଡ୍ଡୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଡବ୍ଲ୍ୟୁଇଏଫ୍ ମଞ୍ଚରେ ସାମିଲ ହୋଇଥିବା ଅନ୍ୟ ରାଜ୍ୟର ନେତାଙ୍କ ମଧ୍ୟରେ ତେଲଙ୍ଗାନାର କେ. ଟି. ରାମାରାଓ, ମହାରାଷ୍ଟ୍ରର ଆଦିତ୍ୟ ଠାକ୍‌ରେ, ତାମିଲନାଡୁର ଥାଙ୍ଗମ୍ ଥେନ୍ନାରାସୁ ପ୍ରମୁଖ ରହିଛନ୍ତି। ଭାରତର ଶତାଧିକ ସିଇଓ, ବିଜ୍‌ନେସ୍ ମ୍ୟାନ୍‌ଙ୍କୁ ଏହି ୫ ଦିନିଆ ସମ୍ମିଳନୀକୁ ନିମନ୍ତ୍ରଣ କରାଯାଇଛି। ପ୍ରାୟ ୨୫ଶହ ବିଶ୍ୱସ୍ତରୀୟ ନେତା, ଅଧିକାରୀ, ବିଶେଷଜ୍ଞ ଗୋଟିଏ ମଞ୍ଚରେ ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମତ ରଖିବେ। ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ ଓ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ପୁଞ୍ଜିନିବେଶ ଏବଂ ବୈଶ୍ୱିକ ସହଯୋଗ ବୃଦ୍ଧି ହେଉଛି ଡାଭୋସ୍ ସମ୍ମିଳନୀରେ ଭାରତର ମୁଖ୍ୟ ଲକ୍ଷ୍ୟ। ପୁଞ୍ଜି ବିନିଯୋଗ ଏବଂ ବ୍ୟବସାୟ ପାଇଁ ଭାରତକୁ ଏକ ଆକର୍ଷଣୀୟ ହବ୍‌ରେ ପରିଣତ କରିବାରେ ଏହା ସହାୟକ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଗୋଏଲ କହିଛନ୍ତି।



ଆସାମରେ ବର୍ଷା ବିପ୍ରାତ ଯୋଗୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ୨୪ ଜଣଙ୍କ ଜୀବନ ଗଲାଣି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ଗୋରୁଙ୍କୁ ଡଙ୍ଗାରେ ନେଇ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି ନଗାଓଁର ଲୋକେ।

### କିଶିଡା, ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ମୋଦି

ନୂଆଦିଲ୍ଲୀ,୨୨।୫

କ୍ୱାଡ୍ ବୈଠକରେ ଯୋଗଦେବା ଲାଗି ଟୋକିଓ ଗସ୍ତରେ ଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅଷ୍ଟ୍ରେଲିଆର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ପିଏମ୍‌ଓ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଜାପାନ ସହ ସ୍ୱତନ୍ତ୍ର ସାମରିକ ଓ ବୈଶ୍ୱିକ ସହଯୋଗ ବୃଦ୍ଧି ଲାଗି ଟୋକିଓରେ କିଶିଡାଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ। ଏଥିସହିତ ସେଠାର ବ୍ୟବସାୟୀମାନଙ୍କ ସହ ମୋଦି କଥା ହେବେ। ୨୪ରେ ମୋଦି କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ସହ ସେହିଦିନ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ସହ ଭାରତର ବହୁମୁଖୀ ସହଯୋଗ ବଢ଼ାଇବା ଲାଗି ମୋଦି ଆଲ୍‌ବାନିସ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଘରକୁ ଗ୍ୟାସ୍ ଚାମ୍ବରରେ ପରିଣତ କରି ମା', ୨ ଝିଅଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୨।୫

ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ଜଣେ ୫୫ ବର୍ଷୀୟ ମହିଳା ଓ ତାଙ୍କର ୩୦ ଓ ୨୬ ବର୍ଷର ଦୁଇ ଝିଅ ସେମାନଙ୍କ ଘରେ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ଆତ୍ମହତ୍ୟା କରିବାର ଯୋଜନା ହୃଦୟ ବିଦାରକ। ସେମାନେ ନିଜ ଫ୍ଲାଟ୍‌କୁ ପଛପଟୁ ତାଲା ଦେବା ସହ କବାଟ ଝରକାକୁ ସିଲ୍ କରି ଗ୍ୟାସ୍ ଚାମ୍ବରରେ ପରିଣତ କରିଥିଲେ। ଭିତରେ ରନ୍ଧନ ଗ୍ୟାସ ସିଲିଣ୍ଡର ଖୋଲା ରହିଥିଲା ଏବଂ ସେମାନଙ୍କ ରୁମ୍‌ରେ କୋଇଲା ନିଆଁ ଜଳୁଥିଲା। ଦିଲ୍ଲୀ ପୋଲିସ କବାଟ ଭାଙ୍ଗି ଘରେ ପ୍ରବେଶ କରିବା ପରେ ସେଠାରୁ ୩ ମୃତଦେହ ସହ ସୁଇସାଇଡ୍ ନୋଟ ଜବତ କରିଛି। ସେମାନେ ଘର ସିଲ୍ କରିବା ସାମଗ୍ରୀ ଏବଂ ଅଙ୍ଗିଠି (କୋଲ୍ ଫାୟାର) ଅନ୍‌ଲାଇନରେ କିଣିଥିବା ଜଣାପଡ଼ିଛି। କୋଇଲା ନିଆଁ ସହ ଘର ସିଲ୍ ହୋଇଥିବାରୁ ବିଷାକ୍ତ କାର୍ବନ ମନୋକ୍ସାଇଡ୍ ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗ୍ୟାସ୍ ଭର୍ତ୍ତି ଫ୍ଲାଟ୍‌ରେ ଅଗ୍ନିକାଣ୍ଡ ସମ୍ଭାବନା ଥିବାରୁ ପ୍ରବେଶ କରିବାକୁ ଥିବା ବ୍ୟକ୍ତି ଦିଆସିଲି ନ ଲଗାଇବାକୁ ସୁଇସାଇଡ୍ ନୋଟ୍‌ରେ ସତର୍କ କରିଦିଆଯାଇଛି। ଘରେ ଅତ୍ୟନ୍ତ ବିପଜ୍ଜନକ ଓ ଦହନଶୀଳ ଗ୍ୟାସ ରହିଛି। ତେଣୁ ଝରକା ଖୋଲିବା ସହ ଫ୍ୟାନ୍ ଲଗାଇ ବାୟୁ ଚଳାଚଳ ବ୍ୟବସ୍ଥା କରିବାକୁ ସେଥିରେ ଇଂଲିଶରେ ଲେଖାଯାଇଥିଲା।

### ପର୍ଶୁରାମ କୁଣ୍ଡକୁ ରେଳ ସଂଯୋଗ ଖୁବ୍‌ଶୀଘ୍ର


ନୂଆଦିଲ୍ଲୀ,୨୨।୫

ଦେଶର ଅନ୍ୟତମ ହିନ୍ଦୁ ତୀର୍ଥକ୍ଷେତ୍ର ଅରୁଣାଚଳପ୍ରଦେଶର ପର୍ଶୁରାମ କୁଣ୍ଡକୁ ଖୁବ୍‌ଶୀଘ୍ର ରେଳ ସଂଯୋଗ ହେବାକୁ ଯାଉଛି। ଦେଶର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ସଡ଼କ ନେଟ୍‌ୱର୍କ ରହିଥିବାବେଳେ ପର୍ଶୁରାମ କ୍ଷେତ୍ର ରେଳପଥରେ ସଂଯୋଗ ହେବାକୁ ଯାଉଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ସୂଚନା ଦେଇଛନ୍ତି। ଭାଜପାର ୮ ବର୍ଷର ଶାସନରେ ବିକାଶକୁ ନେଇ ପ୍ରଶ୍ନ କରୁଥିବା ରାହୁଲ ଗାନ୍ଧୀ ଏହାକୁ ଦେଖିବାକୁ ହେଲେ ଇଟାଲୀ ଚଷମା ଖୋଲିବାକୁ ପଡ଼ିବ ବୋଲି ଶାହା କହିଥିଲେ।

# ସରକାର ବଦଳାଇପାରିବେ ଚାଷୀ

ଚଣ୍ଡିଗଡ଼,୨୨।୫

ଚାଷୀମାନେ ଚାହିଁଲେ ସରକାର ବଦଳାଇପାରିବେ। ଫସଲ ଉପରେ ସହାୟକ ମୂଲ୍ୟର ସାମ୍ବିଧାନିକ ଗ୍ୟାରେଣ୍ଟି ନ ପାଇବା ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଜାରି ରଖିବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କୃଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଗଲୱାନ ଉପତ୍ୟକା ସଂଘର୍ଷରେ ପ୍ରାଣ ହରାଇଥିବା ଭାରତୀୟ ସୈନ୍ୟ ଏବଂ କୃଷି ଆଇନ ବିରୋଧୀ ଆନ୍ଦୋଳନ ବେଳେ ଜୀବନ ଦେଇଥିବା ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ପଞ୍ଜାବ ଆସିଥିବା ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ସେମାନଙ୍କୁ ଏକାଠି ହେବାକୁ କହିଛନ୍ତି। କୃଷକଙ୍କ ଦେଶବ୍ୟାପୀ ଆନ୍ଦୋଳନରେ ସେ ସାମିଲ ହେବା ସହ ଆମ୍ ଆଦ୍‌ମୀ ପାର୍ଟି ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ସମର୍ଥନ ଜଣାଇବେ ବୋଲି କେସିଆର୍ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷକ ନେତା ରାକେଶ ଟିକାଏତ୍ ଉପସ୍ଥିତ ଥିଲେ। ସାର ଓ ତେଲ ଦର ବୃଦ୍ଧି, ତ୍ରୁଟିପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ



## ଆନ୍ଦୋଳନ ଜାରି ରଖିବାକୁ କେସିଆର୍‌ଙ୍କ ଆହ୍ୱାନ


(ଏମ୍‌ଏସ୍‌ପି)କୁ ନେଇ କେସିଆର୍ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

ସୂଚନାଯୋଗ୍ୟ, ବର୍ଷକରୁ ଊର୍ଦ୍ଧ୍ୱ ଚାଷୀ ଆନ୍ଦୋଳନ ପରେ କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିବାକୁ ବାଧ ହୋଇଥିଲେ। ଆନ୍ଦୋଳନରେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବା ଲାଗି ସେତେବେଳେ ତେଲଙ୍ଗାନା ସରକାର ଘୋଷଣା କରିଥିଲେ। ଉକ୍ତ ଚେକ୍ ପ୍ରଦାନ ଲାଗି କେସିଆର୍ ପଞ୍ଜାବ ଗସ୍ତରେ ଆସିଛନ୍ତି।

# ମଧ୍ୟପ୍ରଦେଶରେ ଦିନକୁ ୨୯ ପିଲା ନିଖୋଜ

ନୂଆଦିଲ୍ଲୀ, ୨୨।୫

ଦେଶରେ ଶିଶୁ ନିଖୋଜ ମାମଲା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ବିଶେଷକରି ଉତ୍ତର ଭାରତର ୪ ପ୍ରମୁଖ ରାଜ୍ୟରେ ବହୁ ସଂଖ୍ୟାରେ ଶିଶୁ ଗାଏବ ହେଉଥିବା ଶିଶୁ ଅଧିକାର ଏନ୍‌ଜିଓ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁ (କ୍ରାଏ) ପକ୍ଷରୁ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ୨୦୨୧ରେ ମଧ୍ୟପ୍ରଦେଶରେ ଦିନକୁ ୨୯ ଏବଂ ରାଜସ୍ଥାନରେ ୧୪ ପିଲା ନିଖୋଜ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଝିଅଙ୍କ ସଂଖ୍ୟା ପୁଅଙ୍କ ତୁଳନାରେ ୫ ଗୁଣା ଅଧିକ। ଜାତୀୟ ରାଜଧାନୀ ଦିଲ୍ଲୀରେ



୫ ଏବଂ ଉତ୍ତରପ୍ରଦେଶରେ ହାରାହାରି ୮ ଜଣ ପିଲା ପ୍ରତିଦିନ ଗାଏବ ହୋଇଛନ୍ତି।

ଜାତୀୟ ଅପରାଧ ରେକର୍ଡସ ବ୍ୟୁରୋ(ଏନ୍‌ସିଆର୍‌ବି), ୨୦୨୦ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶରେ ୮,୭୫୧ ଏବଂ ରାଜସ୍ଥାନରେ

## ରାଜସ୍ଥାନରେ ୧୪, ୟୁପିରେ ୮

୩,୧୭୯ ଶିଶୁ ନିଖୋଜ ମାମଲା ପଞ୍ଜୀକରଣ ହୋଇଛି। ୨୦୨୧ରେ ଏହି ସଂଖ୍ୟା ଯଥାକ୍ରମେ ୧୦,୬୪୮ ଓ ୫,୪୫୩କୁ ବୃଦ୍ଧି ପାଇଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଇନ୍ଦୋର, ଭୋପାଳ, ଧର, ଜବଲପୁର ଏବଂ ରେୱା ଜିଲାରେ ଏହି ମାମଲା ସଂଖ୍ୟା ସର୍ବାଧିକ। ସେହିପରି ୨୦୨୧ରେ ଉତ୍ତରପ୍ରଦେଶରେ ୨,୯୯୮ ପିଲାଙ୍କ ନିଖୋଜ ରିପୋର୍ଟ ରହିଛି। ଏହି ରାଜ୍ୟରେ ପତ୍ତା ମିଳୁ ନ ଥିବା ପିଲାଙ୍କ ବୟସ ହାରାହାରି ୧୨ରୁ ୧୮ ବର୍ଷ ହେବ। ୟୁପିର ଲକ୍ଷ୍ନୌ, ମୋରଦାବାଦ, କାନପୁର ନଗର, ମିରଟ ଏବଂ ମହାରାଜଗଞ୍ଜ ଜିଲାରେ ନିଖୋଜ ମାମଲା ଅଧିକ ରହିଛି। ଦିଲ୍ଲୀରେ ଗତ ବର୍ଷ ୧,୬୪୧ ପିଲାଙ୍କ ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି। ଉତ୍ତର ଭାରତରେ ଏଭଳି ମାମଲା ସବୁଠୁ ଅଧିକ ରହିଥିବାବେଳେ ଉତ୍ତରପୂର୍ବରେ ସବୁଠାରୁ କମ୍ ରେକର୍ଡ ରହିଛି। ତେବେ ପଶ୍ଚିମ, ଉତ୍ତର ପଶ୍ଚିମ ଏବଂ ଦକ୍ଷିଣ ଭାରତର ଜିଲାଗୁଡ଼ିକର ଡାଟା ରିପୋର୍ଟରେ ଉପଲବ୍ଧ ନାହିଁ।

## ଡ୍ରିମ୍‌ଫଙ୍କ୍ସ ଆଇପିଓକୁ ମଞ୍ଜୁର ଦେଲା ସେବି

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ବିମାନବନ୍ଦର ସେବା ଏଗ୍ରିଗେଟର ସଂସ୍ଥା ଡ୍ରିମ୍‌ଫଙ୍କ୍ସ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ପ୍ରସ୍ତାବିତ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ମଞ୍ଜୁରୀ ହାସଲ କରିଛି। କମ୍ପାନୀ ୨୧,୮୧୪,୭୦୦ ପର୍ଯ୍ୟନ୍ତ ଇକ୍ୱିଟି ଶେୟାରକୁ ଏହି ଅଫରରେ ଜାରି କରିବାକୁ ଯୋଜନା ରଖିଛି। ଏହି ଆଇପିଓ ଜରିଆରେ ପ୍ରତିଷ୍ଠାତା ଓ ପ୍ରତିଷ୍ଠାତା ଗ୍ରୁପ୍ ଅଫର ଫର ସେଲ୍ ଜରିଆରେ ଶେୟାର ବିକ୍ରି କରିବେ। ଆଇପିଓରେ ଜାରି କରାଯିବାକୁ ଥିବା ଶେୟାର ହେଉଛି କମ୍ପାନୀର ୪୧.୭୫% ପେଡ୍-ଅପ୍ ଇକ୍ୱିଟି ଶେୟାର। ଏହି ଆଇପିଓର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଇକ୍ୱିରସ୍ କ୍ୟାପିଟାଲ୍ ପ୍ରାଇଭେଟ୍ ଲିମିଟେଡ୍ ଓ ମୋତିଲାଲ ଓସ୍ୱାଲ୍ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ ଲିମିଟେଡ୍।

**ସଂକ୍ଷେପରେ**

## ଫିନୋଲେକ୍ସର ବାଣିଜ୍ୟିକ ପ୍ରସାରଣ

**ନୂଆଦିଲ୍ଲୀ,୨୨।୫ :** ଫିନୋଲେକ୍ସ କେବୁଲ୍ସ ଲିମିଟେଡ ପକ୍ଷରୁ ନିକଟରେ ବଲିଉଡ ଅଭିନେତା କାର୍ତ୍ତିକ ଆର୍ୟାନ ଏବଂ ଅଭିନେତ୍ରୀ କିଆରା ଆଡଭାନୀଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ସହ 'ନୋ ଷ୍ଟ୍ରେସ ଫିନୋଲେକ୍ସ' ବିଷୟବସ୍ତୁକୁ ନେଇ ୩ଟି ଟିଭିଏସ ପ୍ରଦର୍ଶିତ କରାଉଛି। ଏ ସମ୍ପର୍କରେ ଫିନୋଲେକ୍ସ କେବୁଲ୍ସର ଏକଜିକ୍ୟୁଟିଭ ଚେୟାରମ୍ୟାନ,ଦୀପକ ଛାବ୍ରିଆ କହିଛନ୍ତି, ସମୟ ସହ ମୂଲ୍ୟବୋଧ ଏବଂ ସମକାଳୀନ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଫିନୋଲେକ୍ସ କେବୁଲ୍ସ ସର୍ବଦା ନିଜର ଗ୍ରାହକଙ୍କୁ ଉଚ୍ଚମାନର ଉତ୍ପାଦ ଯୋଗାଇ ଦେଇଆସିଛି। ଯାହା ଆମେ ଆମର ତାଜା ବ୍ରାଣ୍ଡ ମନ୍ତ୍ର 'ଏକ୍ସସିଡ୍ସ ଏକ୍ସପେକ୍ଟେସନ୍ସ'କୁ ନେଇ ନିରନ୍ତର ପ୍ରୟାସ ଜାରି ରଖିବୁ। ସେହିଭଳି କମ୍ପାନୀର ପ୍ରେସିଡେଣ୍ଟ (ସେଲ୍ସ ଓ ମାର୍କେଟିଂ) ଅମିତ ମାଥୁର କହିଛନ୍ତି,ନିରାପତ୍ତା, ସ୍ମାର୍ଟ ଏବଂ ଚାପ ରହିତ ବାସଗୃହ ସମାଧାନ ନିମନ୍ତେ ନୂତନ ପିଢ଼ିର ଗ୍ରାହକଙ୍କ ମଧ୍ୟରେ ବର୍ଦ୍ଧିତ ସଚେତନତା ପରିଲକ୍ଷିତ ହେଉଛି।

## ଡ୍ୟୁରୋଫ୍ଲେକ୍ସର ସମର ଷ୍ଟୋରି-୨୨

**ନୂଆଦିଲ୍ଲୀ,୨୨।୫ :** ସ୍ଲିପ୍ ସଲ୍ୟୁଶନ ବ୍ରାଣ୍ଡ ଡ୍ୟୁରୋଫ୍ଲେକ୍ସ ପକ୍ଷରୁ ନିକଟରେ ବେଡ୍ ଚଦର ବର୍ଗରେ 'ସମର ଷ୍ଟୋରି ୨୨' କଲେକ୍‌ଶନର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ବ୍ରାଣ୍ଡ ନିକଟରେ ଏକ କାଉଚର ବେଡ୍ ଲିନେନ୍ କଲେକ୍‌ଶନ ଭାରତର ପ୍ରଖ୍ୟାତ ଡିଜାଇନର ରୋହିତ ବଲଙ୍କ ସହ ଶୁଭାରମ୍ଭ କରିଛି। କମ୍ପାନୀ ବର୍ତ୍ତମାନ କ୍ରୋମା, ସାଙ୍କଚୁରି ଓ ନୋଷ୍ଟାଲଜିଆ ଭଳି ଡିଜାଇନ୍ ବଜାରରେ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଡ୍ୟୁରୋଫ୍ଲେକ୍ସର ଚିଫ୍ ମାର୍କେଟିଂ ଅଫିସର ସ୍ମିତା ମୁରାକା କହିଛନ୍ତି, ଆମେ ଗତ ବର୍ଷ ଏହି ବର୍ଗରେ ପ୍ରବେଶ କରିଛୁ ଓ ସମ୍ପୂର୍ଣ୍ଣ ନିଦ୍ରା ସମାଧାନ ଆମର ଗ୍ରାହକମାନଙ୍କୁ ପ୍ରଦାନ କରୁଛୁ ଯାହାକି ଗ୍ରାହକମାନଙ୍କ ଦ୍ୱାରା ବହୁ ମାତ୍ରାରେ ଆଦୃତ ହୋଇପାରିଛି।

# ଶୁଳ୍କ ହ୍ରାସ ସତ୍ତ୍ୱେ ୧୦୦ ଉପରେ ପେଟ୍ରୋଲ

ଭୁବନେଶ୍ୱର,୨୨।୫

ବର୍ତ୍ତମାନ ସାରା ଦେଶରେ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନେଇ ବିଭିନ୍ନ ସ୍ତରରେ ଚର୍ଚ୍ଚା, ଆଲୋଚନା ଓ ଆନ୍ଦୋଳନ ଜାରି ରହିଛି। ଏପରିକି ବିରୋଧୀ ଦଳଗୁଡ଼ିକ ଦରବୃଦ୍ଧିକୁ ଅସ୍ତ୍ର କରି ସରକାରଙ୍କୁ ଅଡ଼ୁଆରେ ପକାଇ ଆସୁଛନ୍ତି। ମେ ୨୧ରେ ହଠାତ କେନ୍ଦ୍ର ସରକାର ତୈଳ ଦର ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ବିଶେଷ କରି ପେଟ୍ରୋଲ ଉପରୁ ୮ଟଙ୍କା ଓ ଡିଜେଲରୁ ୬ଟଙ୍କା ଶୁଳ୍କ କମାଇବା ଫଳରେ ପ୍ରାୟ ଦୁଇ ମାସ ହେବ ସ୍ଥିର ରହିଥିବା ତୈଳ ଦର ରବିବାର ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ ଲିମିଟେଡ



(ଆଇଓସିଏଲ)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩.୧୯ ଟଙ୍କା ଥିବାବେଳେ ଡିଜେଲ ୯୪.୭୬ ଟଙ୍କାରେ ରହିଛି। ସେହିଭଳି ରାଜ୍ୟର ପ୍ରମୁଖ ସହର କଟକ ସହରାଞ୍ଚଳରେ ପେଟ୍ରୋଲ ଲିଟର ପିଛା ୧୦୩.୫୪ ଟଙ୍କା ଥିବାବେଳେ ଡିଜେଲ ୯୫.୧୦ ଟଙ୍କାରେ ପହଞ୍ଚିଛି। ସେହିପରି ବାଲେଶ୍ୱର, ଭଦ୍ରକ, ପୁରୀ, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା, ମାଲକାନଗିରି, ଗଜପତି ଏବଂ ବ୍ରହ୍ମପୁର ଭଳି ସହରାଞ୍ଚଳରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୩.୧୮ ଟଙ୍କା, ୧୦୩.୭୫ ଟଙ୍କା, ୧୦୩.୧୧ ଟଙ୍କା, ୧୦୩.୯୮ ଟଙ୍କା, ୧୦୩.୭୮ ଟଙ୍କା, ୧୦୪.୬୦ ଟଙ୍କା, ୧୦୮.୯୩ ଟଙ୍କା, ୧୦୫.୬୬ ଟଙ୍କା, ୧୦୪. ୮୪ ଟଙ୍କା ଥିଲାବେଳେ ଡିଜେଲ ଦର ମଧ୍ୟ ୯୪.୭୬ ଟଙ୍କା, ୯୫.୩୧ ଟଙ୍କା, ୯୪.୬୮ଟଙ୍କା, ୯୫.୫୨ ଟଙ୍କା,୯୫.୩୫ ଟଙ୍କା, ୯୫.୯୩ ଟଙ୍କା,୧୦୦.୩୦ ଟଙ୍କା, ୯୭ .୧୩ ଟଙ୍କା, ୯୬ .୩୪ ଟଙ୍କାରେ ବିକ୍ରି ହେଉଛି ବୋଲି ଡିଲର ପଏଣ୍ଟଗୁଡ଼ିକରୁ ସୂଚନା ମିଳିଛି।

ଅପରପକ୍ଷରେ କେନ୍ଦ୍ର ସରକାର ତୈଳ ଦର ଉପରୁ ଟିକସ ହ୍ରାସ କରିବା ଫଳରେ ନୂଆଦିଲ୍ଲୀରେ ରବିବାର ଉଭୟ ପେଟ୍ରୋଲ ଓ ଡିଜେଲରୁ ୯.୫୦ ଟଙ୍କା ଓ ୭ ଟଙ୍କା କମିଥିବା ସୂଚନା ମିଳିଛି। ଫଳରେ ରବିବାର ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୬.୭୨ ଟଙ୍କା ଥିବାବେଳେ ଡିଜେଲ ଲିଟର ପିଛା ୮୯.୬୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦେଶର ପ୍ରମୁଖ ମହାନଗର କୋଲକାତା, ମୁମ୍ବାଇ ଓ ଚେନ୍ନାଇରେ ପେଟ୍ରୋଲ ଦର ୧୦୬.୦୩ ଟଙ୍କା, ୧୧୧.୩୫ ଟଙ୍କା ଏବଂ ୧୦୨.୬୫ ଟଙ୍କାରେ ପହଞ୍ଚିଥିବାବେଳେ ଡିଜେଲ ଦର ମଧ୍ୟ ଯଥାକ୍ରମେ ଉପରୋକ୍ତ ମହାନଗରରେ ୯୨.୭୬ ଟଙ୍କା,୯୭.୨୮ ଟଙ୍କା ଏବଂ ୯୪.୨୫ ଟଙ୍କାରେ କାରବାର ହେଉଥିବା ଆଇଓସିଏଲ ପକ୍ଷରୁ ସୂଚନା ମିଳିଛି।

## ନିଲ୍‌କମଲର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୨୨।୫

ଦେଶର ପ୍ରମୁଖ ଗୃହୋପଯୋଗୀ ସାମଗ୍ରୀ ନିର୍ମାତା ନିଲ୍‌କମଲ ପକ୍ଷରୁ ଭୁବନେଶ୍ୱରରେ ତା'ର ପ୍ରଥମ ଆଉଟଲେଟ ସହ ଓଡ଼ିଶାରେ ୨ୟ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ଏଣ୍ଟରପ୍ରାଇଜେସ ସହଯୋଗରେ 'ନିଲ୍‌କମଲ ଫର୍ଣ୍ଣିଚର ଆଇଡିଆଜ' ନାମରେ ଏକ ବୃହତ୍ ଷ୍ଟୋର ରବିବାର ସ୍ଥାନୀୟ ନୟାପଲ୍ଲୀସ୍ଥିତ ଆଇଆରସି ଭିଲେଜ (ବିଜୁ ପଟ୍ଟନାୟକ କଲେଜ ରୋଡ)ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଡିଜିଏମ ସୋଭନ କୁମାର ସେନଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଲକମଲର ଆଞ୍ଚଳିକ ମୁଖ୍ୟ (ଇଷ୍ଟ) ଫର୍ଣ୍ଣିଚର ଡିଭିଜନ, ଅମରନାଥ ରାୟଚୌଧୁରୀ, ନିଲକମଲର ଶାଖା ପରିଚାଳକ ପ୍ରତାପ ସାମନ୍ତରାୟ, ୟୁନିୟନ ବ୍ୟାଙ୍କର ଏଜିଏମ ହରେରାମ ସାହା, ଭାରତ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ସୁଚିତ୍ରା ମହାରଣାଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୱିମେନ୍ ଆଚିଭର୍ସ ଆୱାର୍ଡ-୨୦୨୨

ନୂଆଦିଲ୍ଲୀ,୨୨।୫

ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ଆଇ.କେ.ଜେ. କେୟାର ଫାଉଣ୍ଡେଶନ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବର ଆୟୋଜନ କରାଯାଇଥିଲା। ବିଶେଷକରି ଗତ କିଛି ବର୍ଷ ମଧ୍ୟରେ ନିଜ ସାମାଜିକ ଦାୟିତ୍ୱବୋଧକୁ ଭଲ ଭାବେ ନିର୍ବାହ କରୁଥିବା ଉକ୍ତ ସଂସ୍ଥା ଦ୍ୱାରା 'ୱିମେନ୍ ଆଚିଭର୍ସ ଆୱାର୍ଡ-୨୦୨୨' ମହା ଆଡମ୍ବରରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅମ୍ବାଲା ସହରର ପୋଲିସ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇଟିବିପି ପଞ୍ଚକୁଲା ଟ୍ରେନିଂ ସେଣ୍ଟରର ପୋଲିସ ଆଇଜି ଈଶ୍ୱର ସିଂ ଦୁହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅମ୍ବାଲା ଏସ୍‌ପି ଲଖବୀର ସିଂ ବରାଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଭଳି ହରିୟାଣା ଯୋଗ ଫେଡେରେଶନର ଅଧ୍ୟକ୍ଷ ରାଜେନ୍ଦ୍ର ବିଜ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ




କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି ସମ୍ମାନ ଉତ୍ସବ ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ,ଖେଳ, କଳା ଓ ସଂସ୍କୃତି, ସୋସିଆଲ ୱାର୍କର, ୱିମେନ ଏମ୍ପାୱାରମେଣ୍ଟ ଭଳି ୮ଟି ଭିନ୍ନ ଭିନ୍ନ କ୍ଷେତ୍ରରୁ ଚୟନ କରାଯାଇଥିବା ୧୪୦ଜଣ ପ୍ରତିଭାଶାଳୀ ମହିଳାଙ୍କୁ ଏହି ପରିପ୍ରେକ୍ଷୀରେ ପୁରସ୍କୃତ ସହ ସମ୍ମାନିତ କରାଯାଇଛି।

ଏ ସମ୍ପର୍କରେ ଆଇ.କେ.ଜେ. କେୟାର ଫାଉଣ୍ଡେଶନ ଅଧ୍ୟକ୍ଷା ରାଧିକା ଚିମା କହିଛନ୍ତି, ସମାଜ ପାଇଁ ମହିଳାମାନଙ୍କ ଦ୍ୱାରା କରାଯାଉଥିବା ଉତ୍କୃଷ୍ଟ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ଏବଂ ଏହା ମାଧ୍ୟମରେ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଯୋଗାଇବା ହେଉଛି ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ରାଧିକା ମତବ୍ୟକ୍ତ କରିଛନ୍ତି। ସେହିଭଳି ଫାଉଣ୍ଡେଶନର ଟ୍ରଷ୍ଟି ଉଷା ଜୁନେଜା ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ଉଦ୍ୟୋଗୀ ସଞ୍ଜୀବ ଜୁନେଜା, ସାରା ଜୁନେଜା ଏବଂ ଗୁରୁବିନ୍ଦର ଚିମା ପ୍ରମୁଖ ସଦାସର୍ବଦା ସାମାଜିକ କାର୍ଯ୍ୟ ଓ ସେବା କ୍ଷେତ୍ରରେ ଆଗଭର ରହିଥାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ତଥା ଫିଲ୍ମ ନିର୍ମାତା ଗୁଲସନ ଗ୍ରୋଭର ମୁଖ୍ୟ ଆକର୍ଷଣ ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦବୀନ୍ଦ୍ର ବଜାଜ, ଜତିନ୍ଦ୍ର ବଜାଜ, ଗୁରବିନ୍ଦ୍ର ଚିମା, ସନ୍ଦିପ ସଚଦେବା, ରାକେଶ ମକ୍କଡ଼, ଅରବିନ୍ଦ ସିକରି, ଗୁରୁବିନ୍ଦର ଜସ୍ସର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଜୋ ଓ୍ୟାରଲେସ୍ ଡ୍ୟାଶ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୫

ରିଅଲ୍‌ମି ଟେକ୍‌ଲାଇଫ୍ ଇକୋସିଷ୍ଟମ ଅଧୀନରେ ପ୍ରଥମ ବ୍ରାଣ୍ଡ ଡିଜୋ ପକ୍ଷରୁ ଏହାର ଡିଜୋ ୱୟାରଲେସ୍ ଡ୍ୟାଶ୍‌ର ଶୁଭାରମ୍ଭ କରାଯାଇଛି। ଏଥିରେ ଏକ ସ୍ୱତନ୍ତ୍ର କେଭ୍‌ଲାର ଡିଜାଇନ୍, ବ୍ଲିଙ୍କ୍ ଚାର୍ଜ ଫିଚର ଓ ୩୦ଘଣ୍ଟାର ମୋଟ ମ୍ୟୁଜିକ୍ ପ୍ଲେ ବ୍ୟାକ୍ ରହିଛି। ଏକ ୧୧.୨ଏମ୍‌ଏମ୍ ଲାର୍ଜ ଡ୍ରାଇଭର, ବାସ୍ ବୁଷ୍ଟ+ ଆଲ୍‌ଗୋରିଦମ୍ ଓ ପିୟୁ+ପିକ୍ ଡାୟଫ୍ରାଜମ୍ ବ୍ୟବହାର କରୁଥିବା ଏହି ଫିଚର ଲୋଡେଡ ଡିଜୋ ୱୟାରଲେସ୍ ଡ୍ୟାଶ୍ ସବୁଠାରୁ ଆକର୍ଷଣୀୟ ମୂଲ୍ୟରେ ଏକ ଉନ୍ନତ ଅଡିଓ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଡିଜୋ ଇଣ୍ଡିଆର ସିଇଓ ଅଭିଲାଷ ପଣ୍ଡା କହିଛନ୍ତି, ଆମେ ପ୍ରତିଥର ଆକ୍ରମଣାତ୍ମକ ମୂଲ୍ୟ ବର୍ଗରେ ଫିଚର-ସମୃଦ୍ଧ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ ଏବଂ ଆମର ଟିମ୍ ଏହି ଦିଗରେ ନିୟମିତ କାର୍ଯ୍ୟ କରୁଛି।

## ପାତ୍ରପଡ଼ାରେ ଶ୍ରୀଦୁର୍ଗାର 'କିଡ୍‌ସ ଫ୍ୟାଶନ'ଷ୍ଟୋର

ଭୁବନେଶ୍ୱର,୨୨।୫

sridurga
A FAMILY CLOTH STORE


**ପିଲାଙ୍କ ପୋଷାକ ଉପରେ ୧୦% ରିହାତି**

ଦକ୍ଷିଣ ଓଡ଼ିଶାର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ ରିଟେଲର ଶପ୍ 'ଶ୍ରୀଦୁର୍ଗା'ର ସ୍ଥାନୀୟ ପାତ୍ରପଡ଼ା ଶୋ'ରୁମ୍ ପରିସରରେ 'କିଡ୍‌ସ ଫ୍ୟାଶନ' ନାମରେ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ 'ସେଲିବ୍ରେସନ ୱେୟାର'ର ଏକ ସମ୍ପୂର୍ଣ୍ଣ ପାରିବାରିକ ଶପିଂର ଅନୁଭବ ସହ ପିଲାଙ୍କ ପୋଷାକ ଉପରେ ୧୦%ର ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଏହି ଅବସରରେ ଓଡ଼ିଆ ଶିଶୁ କଳାକାର ଦେବାଂଶୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ ସହ ଷ୍ଟୋର ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଶ୍ରୀଦୁର୍ଗାର ନିର୍ଦ୍ଦେଶକ କେ. ତିରୁମଲ କୁମାର କହିଛନ୍ତି, ପାତ୍ରପଡ଼ା ଅଞ୍ଚଳରେ ସମ୍ପ୍ରସାରିତ ଆମର ଏହି ଶୋ'ରୁମ୍‌ରେ ଶାଢ଼ି ଏବଂ ଅନ୍ୟାନ୍ୟ ପରିଧାନର ସମାବେଶ ଦେଖିବାକୁ ମିଳୁଥିଲେ ମଧ୍ୟ ଏଠାରେ ଶିଶୁମାନଙ୍କ ପାଇଁ ପରିଧାନର କୌଣସି ସୁବିଧା ନ ଥିଲା। ଏହାଦ୍ୱାରା ପାତ୍ରପଡ଼ା ଅଞ୍ଚଳର ଗ୍ରାହକମାନଙ୍କୁ ସେମାନଙ୍କର ପିଲାମାନଙ୍କ ଡ୍ରେସ୍ କିଣିବା ପାଇଁ ନିରାଶ ହେବାକୁ ପଡୁଥିଲା। ଏବେ ଏଠାରେ ପ୍ରଥମ ଥର ଖୋଲାଯାଇଥିବା ଏହି 'କିଡ୍‌ସ ଫ୍ୟାଶନ' ବର୍ତ୍ତମାନ ଗ୍ରାହକମାନଙ୍କୁ ଏକ ସମ୍ପୂର୍ଣ୍ଣ ପାରିବାରିକ ଶପିଂର ଅନୁଭବ ଦେଇପାରିବ ବୋଲି ସେ ଆଶା ରଖିଛନ୍ତି ।

**ଫୁର୍‌ସତ୍**

# ଆଙ୍କିବାଠୁ ଲିଭାଇବା ଯନ୍ତ୍ରଣାଦାୟକ

**ଅହମଦାବାଦ:** ବହୁକାଳରୁ ଦେହରେ ଚିତା କୁଟାଇବାର ପ୍ରଥା ରହିଛି। ସ୍ୱାମୀମାନଙ୍କ ଦୀର୍ଘାୟୁ ସାଙ୍ଗକୁ ଦେବଦେବୀଙ୍କ କୃପା ପାଇବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ପିଲାମାନେ ଗହଳିରେ ନ ହଜିବା ପାଇଁ ଆଗକାଳରେ ଦେହରେ ଚିତା କୁଟାଯାଉଥିଲା। କିନ୍ତୁ ଏକବିଂଶ ଶତାବ୍ଦୀ ବେଳକୁ ଏହି ଚିତାକୁଟା ପରମ୍ପରାର ପରିଭାଷା ବଦଳିଯାଇଛି। ପୂର୍ବକାଳର ଲୋକଙ୍କୁ ଛାଡ଼ିଦେଲେ ବର୍ତ୍ତମାନର ଯୁବପିଢ଼ି ଏହାକୁ 'ଟାଟୁ' ବୋଲି କହୁଛନ୍ତି। ଅତୀତରେ ଦେହରେ ଚିତା କୁଟାଇବାର ଯାହା ଉଦ୍ଦେଶ୍ୟ ଥିଲା ତାହା ଏବେ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଯୁବପିଢ଼ି ଏହାକୁ ବର୍ତ୍ତମାନ ଫ୍ୟାଶନ ବା ଟ୍ରେଣ୍ଡ୍ ଭାବେ ଧରିଛନ୍ତି। ଦେଶ ଛଡ଼ା ବିଦେଶରେ ମଧ୍ୟ ଏହା ଆଦୃତି ଲାଭ କରିଛି। ଟାଟୁ ପ୍ରତି ଲୋକ ଢଳିବା ଆରମ୍ଭ କରିଥିବାବେଳେ ଏହାକୁ ନେଇ ବ୍ୟବସାୟ ମଧ୍ୟ ଖୁବ୍ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ପୂର୍ବ କାଳରେ ଗୋଟିଏ ଅସୁବିଧା ଥିଲା, ଦେହରେ ଲୋକେ ଚିତା ସିନା କୁଟାଇ ଦେଉଥିଲେ କିନ୍ତୁ ଏହାକୁ ଲିଭାଇବାର ବାଟ ନ ଥିଲା। ଆଉ



ଚିତାକୁଟାଳି ଏକକାଳୀନ ୪ଟି ଛୁଞ୍ଚି ଧରି ଚିତା କୁଟୁଥିବାବେଳେ ବର୍ତ୍ତମାନ ମେଶିନ୍ ସାହାଯ୍ୟରେ ଓ କମ୍ ସମୟ ଭିତରେ ଟାଟୁ ତିଆରି ହୋଇଯାଉଛି।

ଟାଟୁ କରିବା ଅପେକ୍ଷା ଏହାକୁ ଲିଭାଇବା ଯନ୍ତ୍ରଣାଦାୟକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଯେଉଁ ମାତ୍ରାରେ ଲୋକେ ଟାଟୁ ତିଆରି କରୁଛନ୍ତି ସେ ଅନୁସାରେ ତାହାକୁ ମଧ୍ୟ ଲିଭା ଯାଉଛି। ଅହମଦାବାଦ୍‌ରେ ୧୧ ବର୍ଷରେ ୧୧ ହଜାର ଜଣ ଟାଟୁ ଲିଭାଇବା ପାଇଁ ଡାକ୍ତରଖାନାର ଦ୍ୱାରସ୍ଥ ହେଉଥିବା ଏକ ରିପୋର୍ଟ ପ୍ରକାଶ ପାଇଛି। ଟାଟୁ ଲିଭାଇବା ପଛର ମୁଖ୍ୟ କାରଣ ହେଉଛି ଚାକିରି। ଦେଶରେ ଏମିତି କିଛି ସରକାରୀ ଓ ବେସରକାରୀ ଚାକିରି ରହିଛି, ଯାହା ଟାଟୁ କରିଥିବା ବ୍ୟକ୍ତିଙ୍କୁ ଗ୍ରହଣ କରି ନ ଥାଏ। ଯେମିତି ପୋଲିସ, ପାରା ମିଲିଟାରି, ସିଭିଲ୍ ସର୍ଭିସ୍, ମାର୍କେଟିଂ, ଆଭିଏଶନ୍ ଆଦି ଚାକିରିରେ ଟାଟୁ ଆଦୌ ଗ୍ରହଣୀୟ ନୁହେଁ। ୨୦୧୦ରେ ଅହମଦାବାଦ ସିଭିଲ ହସ୍ପିଟାଲକୁ ୩୯୫ ଜଣ ଟାଟୁ ଲିଭାଇବା ପାଇଁ ଆସିଥିବାବେଳେ ୨୦୧୧ରେ ୭୦୦, ୨୦୧୨ରେ ୯୦୦, ୨୦୧୩ରେ ୧,୬୧୭, ୨୦୧୫ରେ ୧,୬୧୧ ଜଣ ଟାଟୁ ରିମୁଭାଲ ପାଇଁ ଡାକ୍ତରଖାନା ଯାଇଥିଲେ। ତେବେ କରୋନା ଯୋଗୁ ୨୦୨୦-୨୧ରେ ଏହି ସଂଖ୍ୟା କମିଥିବାବେଳେ ଚଳିତ ବର୍ଷ ମେ' ମାସ ସୁଦ୍ଧା ୨୬୦ ଜଣ ଟାଟୁ ଲିଭାଇ ଥିବା ଚର୍ମ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର୍ ଉମେଶ କୁମାର କହିଛନ୍ତି। ମେଡିକାଲରେ ଟାଟୁ ଲିଭାଇବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଥିବାବେଳେ ଏକ ଛୋଟ ଟାଟୁ ଲିଭାଇବା ପାଇଁ ୭ ଶହ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ବଡ଼ ଟାଟୁ ପାଇଁ ହଜାରେ ଟଙ୍କା ଲାଗିଥାଏ। ସରକାରୀ ଡାକ୍ତରଖାନାରେ ଅତିବେଶିରେ ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଘରୋଇ ହସ୍ପିଟାଲରେ ୪୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ମେଶିନ୍ ସାହାଯ୍ୟରେ ଟାଟୁ ଲିଭାଇବାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଡାକ୍ତର କହିଛନ୍ତି।

## ପ୍ରେମରେ ପଡ଼ିଛନ୍ତି ରକୁଲ

**ମୁମ୍ବାଇ:** ସିନେ କଳାକାରମାନେ ସେମାନଙ୍କ ବୃତ୍ତି ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଥାନ୍ତି। ବିଶେଷକରି ସେମାନଙ୍କ ପ୍ରେମ ସମ୍ପର୍କ ଲୋକଙ୍କୁ ଅଧିକ ଆକର୍ଷିତ କରିଥାଏ। ବର୍ତ୍ତମାନ ରକୁଲ ପ୍ରୀତ ସିଂ ପ୍ରେମରେ ପଡ଼ିଛନ୍ତି, ଯାହାକୁ ନେଇ ନେଇ ଏବେ ଚାରିଆଡେ ଚର୍ଚ୍ଚା। ପ୍ରକାଶିତ ଖବର ମୁତାବକ ରକୁଲ ଏବେ ବଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ଜ୍ୟାକି ଭଗ୍ନାନୀଙ୍କୁ ଡେଟ୍ କରୁଛନ୍ତି। ବହୁଥର ସର୍ବସାଧାରଣ ସ୍ଥାନରେ ଦୁହେଁ ଏକାଠି ସ୍ପଟ୍ ମଧ୍ୟ ହୋଇଛନ୍ତି। ପ୍ରେମ ସମ୍ପର୍କ ନେଇ ରକୁଲ ମୁହଁ ଖୋଲିବାକୁ ଆଦୌ ନାରାଜ ଥିବାବେଳେ ଜ୍ୟାକି ମଧ୍ୟ ସମାନ ଭାବେ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ତେବେ ସବୁବେଳେ ନିଜ ପ୍ରେମ ସମ୍ପର୍କକୁ ରକୁଲ ଗୋପନରେ ରଖିବାକୁ ଚାହୁଁଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିରେ କିମ୍ବା ବାହାରେ ନାୟିକାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉ ବୋଲି ସେ ଚାହାନ୍ତି ନାହିଁ ବୋଲି ମଧ୍ୟ କହିଛନ୍ତି। ନିକଟରେ ରକୁଲଙ୍କ ଜନ୍ମଦିନରେ ଜ୍ୟାକି ଇନ୍‌ଷ୍ଟାଗ୍ରାମରେ ଏକ ରୋମାଣ୍ଟିକ୍ ପୋଷ୍ଟ କରିଥିଲେ, ଯାହାପରେ ଦୁହିଁଙ୍କ ସମ୍ପର୍କ ନେଇ ଜୋର୍ ଆଲୋଚନା ଆରମ୍ଭ ହୋଇଛି। ହିନ୍ଦୀ ଫିଲ୍ମ ୟାରିୟାରୁ ରକୁଲ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ବର୍ତ୍ତମାନ ସେ ତେଲୁଗୁ, ତାମିଲ ଏବଂ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ବେଶ୍ ସକ୍ରିୟ ଅଛନ୍ତି।



## ୯୫ ବର୍ଷରେ ମିଳିଲା ପ୍ରକୃତ ଜୀବନସାଥୀ

**ଇଂଲଣ୍ଡ:** ବ୍ରିଟେନର ୯୫ ବର୍ଷୀୟ ଜୁଲିଆନ ମୋୟଲେଙ୍କୁ ମିଳିଯାଇଛି ତାଙ୍କ ପ୍ରକୃତ ଜୀବନ ସାଥୀ। ବ୍ରିଟେନର କାରଡିଫ୍‌ରେ ଥିବା ଚର୍ଚ୍ଚରେ ଜୁଲିଆନ ୮୪ ବର୍ଷୀୟା ଭାଲେରୀ ୱିଲିଅମ୍ସଙ୍କୁ ବାହା ହୋଇଛନ୍ତି। ପ୍ରେମରେ ପଡ଼ିବା ବା ପ୍ରକୃତ ଜୀବନସାଥୀ ପାଇବା ପାଇଁ କୌଣସି ବୟସ ସୀମା ନାହିଁ ବୋଲି କହିଛନ୍ତି ଜୁଲିଆନ। ୨୩ ବର୍ଷ ପୂର୍ବେ କାଲଭାରି ବାପ୍‌ଟିଷ୍ଟ ଚର୍ଚ୍ଚରେ ଦୁହିଁଙ୍କ ଭେଟ ହୋଇଥିଲା। ଦୁହେଁ ପ୍ରଥମେ ଭଲ ବନ୍ଧୁ ପାଲଟିଥିଲେ କିନ୍ତୁ ସେମାନେ ଜାଣି ନ ଥିଲେ ଯେ, ଆଗକୁ ଦୁହେଁ ବାହାହେବେ ବୋଲି। ମେ' ୧୯ରେ କାଲଭାରି ଚର୍ଚ୍ଚରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଥିବାବେଳେ ଉକ୍ତ ସମାରୋହରେ ସେମାନଙ୍କ ୪୦ ଜଣ ସାଙ୍ଗ ସାମିଲ ହୋଇଥିଲେ। ଜୁଲିଆନଙ୍କ ପ୍ରକୃତ ଘର ଅଷ୍ଟ୍ରେଲିଆରେ ହୋଇଥିବାବେଳେ ଦୁହେଁ ସେଠାରେ ହନିମୁନ୍ ପାଳିବେ ବୋଲି ଭାଲେରୀ କହିଛନ୍ତି।



## ଲଣ୍ଡା ବରକୁ ବାହା ହେବାକୁ ମନାକଲେ କନ୍ୟା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ଉନ୍ନାଓର ଏକ ବାହାଘରରେ ଦେଖିବାକୁ ମିଳିଛି ହାଇଡ୍ରାମା। ବର ଲଣ୍ଡା ବୋଲି ଜାଣିବା ପରେ କନ୍ୟା ବାହା ହେବାକୁ ମନା କରିଦେଇଛନ୍ତି। ବହୁ ଆଡ଼ମ୍ବରରେ ବରଯାତ୍ରୀ ଆସି ବିବାହ ମଣ୍ଡପରେ ପହଞ୍ଚିଥିଲେ। ବୈଦିକ ରୀତିନୀତିରେ ଓ ଅନୁକୂଳ ବେଳାରେ ବାହାଘର ଆରମ୍ଭ ହୋଇଥିଲା। କିନ୍ତୁ ବାହାଘର ଚାଲିଥିବାବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ ବର। ତଳେ ପଡ଼ିଯିବା କ୍ଷଣି ବର ମୁଣ୍ଡରୁ ୱିଗ୍ (ନକଲି କେଶ) ଖସିପଡ଼ିଥିଲା। ବର ମୁଣ୍ଡରେ କେଶ ନ ଥିବା ଜାଣିପାରି କନ୍ୟା ବେଦିରୁ ଉଠିପଡ଼ିଥିଲେ ଏବଂ ଉକ୍ତ ଯୁବକଙ୍କୁ ବାହା ହେବେ ନାହିଁ ବୋଲି କହିଥିଲେ। କନ୍ୟାଙ୍କ କଥାରେ ତାଙ୍କ ଘରଲୋକ



**ବେଦିରେ ଅଚେତ ହେଲେ, ମୁଣ୍ଡରୁ ଖସିପଡ଼ିଲା ୱିଗ୍**

ସହମତ ହୋଇଥିବାବେଳେ ବରପକ୍ଷ କିନ୍ତୁ ଏଥିରେ ଅରାଜି ଥିଲେ। ଏ ପ୍ରକାର ଜଟିଳ ସ୍ଥିତିରେ ସମାଧାନ ପାଇଁ ବର ଘରଲୋକେ ସ୍ଥାନୀୟ ପୋଲିସ ଷ୍ଟେଶନ୍‌ର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉଭୟ ପରିବାରକୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିବାବେଳେ ଏଥିରେ ବିଫଳ ହୋଇଥିଲା। ବର ଲଣ୍ଡା ବୋଲି ପୂର୍ବରୁ କନ୍ୟା କି ତାଙ୍କ ଘରଲୋକେ ଜାଣି ନ ଥିଲେ। ଶେଷରେ ଗାଁରେ ଏ ନେଇ ପଞ୍ଚାୟତ ବସିଥିଲା। ବାହାଘରରେ ୫.୬୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା କନ୍ୟାଘର ଲୋକେ କହିଥିଲେ। ଯୌତୁକ ବାବଦକୁ ଦିଆଯାଇଥିବା ଟଙ୍କା ବରଘର ଲୋକେ ଫେରାଇବାକୁ ରାଜି ହେବା ସହ ବିନା ବୋହୂରେ ବରଯାତ୍ରୀ କାନପୁର ଫେରିଥିଲେ। ବରଙ୍କ ମୁଣ୍ଡରେ କେଶ ନ ଥିବା କଥା ବାହାଘର ପ୍ରସ୍ତାବ ପଡ଼ିବା ବେଳେ ଜଣାଇ ଦେବା ଉଚିତ ଥିଲା ବୋଲି କନ୍ୟାଙ୍କ ସମ୍ପର୍କୀୟ କହିଛନ୍ତି।

## କେଦାରନାଥ ପରିସର ପାଲଟିଛି ଅଳିଆଗଦା



**ଡେରାଡୁନ୍:** ଦୁଇବର୍ଷ ପରେ ଚାରିଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଏଥିପାଇଁ ଭକ୍ତଙ୍କ ସମାଗମ ବଢ଼ିବା ସହ ଧାର୍ମିକ ସ୍ଥଳ ଗୁଡ଼ିକ ଏବେ ପାଲଟିଛି ଅଳିଆଗଦା। ବିଶେଷକରି କେଦାରନାଥ ସ୍ଥିତି ସବୁଠାରୁ ସାଂଘାତିକ। ସବୁ ପ୍ଲାଷ୍ଟିକ୍‌ଠାରୁ ଆରମ୍ଭ କରି କାଗଜ, ବ୍ୟାଗ୍, ବୋତଲ ସବୁ ରକମର ଅଳିଆ ଏଠାରେ ଗଦା ହୋଇଥିବା ଦେଖିବାକୁ ମିଳିଛି।ଏହାଦ୍ୱାରା ଇକୋଲୋଜିରେ ବିଭ୍ରାଟ ଦେଖାଯିବାର ଆଶଙ୍କା ରହିବା ସହ ଭୂସ୍ଖଳନ ଭଳି ସମସ୍ୟା ଉପୁଜିବ ବୋଲି ଗଡ଼ୱାଲ ସେଣ୍ଟ୍ରାଲ ୟୁନିଭର୍ସିଟିର ଭୂଗୋଳ ବିଭାଗ ପ୍ରଫେଶର କହିଛନ୍ତି।

# କିକ୍ ଅଫ୍ ଡ୍ରିମ୍ ଟିମ୍ ଫୁଟ୍‌ବଲ କାର୍ନିଭାଲ

ଭୁବନେଶ୍ୱର, ୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ସହରରେ ଆଗକୁ ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ମ୍ୟାଚ ଆୟୋଜନ ହେବାକୁଥିବା ବେଳେ ଏହାର ସ୍ଥାନୀୟ ଆୟୋଜକ କମିଟି (ଏଲ୍‌ଓସି) ପକ୍ଷରୁ ଉଦ୍‌ଘାଟନୀ ଓଡ଼ିଶା ସଂସ୍କରଣ କିକ୍ ଅଫ୍ ଦି ଡ୍ରିମ୍ ଫୁଟ୍‌ବଲ କାର୍ନିଭାଲ କିଟ୍ ୟୁନିଭର୍ସିଟି କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଭାଗ ନେଇଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ପୂର୍ବତନ ଜାତୀୟ ଭଲିବଲ ଖେଳାଳି ତଥା ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଜି.ଇ. ଶ୍ରୀଧରନ, ରାଜ୍ୟର ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜକ କମିଟିର ପ୍ରୋଜେକ୍ଟ ଡାଇରେକ୍ଟର ନନ୍ଦିନୀ ଆରୋରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ କାର୍ନିଭାଲ ଏପରି ଏକ ଉତ୍ସବ ଏଥିରୁ ଅନେକ କିଛି ଶିକ୍ଷା ମିଳିଥାଏ। ଏଥିରେ ବିଭିନ୍ନ କାର୍ଯ୍ୟକଳାପ ଜରିଆରେ ପିଲାମାନେ ଖେଳିବା ସହ ପରସ୍ପର ସକାରାତ୍ମକ ମନୋଭାବ ନେଇ ମିଶିଥାନ୍ତି। ଫୁଟ୍‌ବଲ ଖେଳ ଜଣକୁ ବଳିଷ୍ଠ କରିଥାଏ। ପିଲାମାନଙ୍କ ମାନସିକ ଅବସ୍ଥାରେ ସ୍ଥିରତା ଆଣିଥାଏ। ଏହାଛଡ଼ା ଖୁସି, ଉତ୍ସାହ ଓ ପ୍ରେରଣା ଆଣି ଦେଇଥାଏ। ଏହି ଅବସରରେ ହେଡର ଚ୍ୟାଲେଞ୍ଜ, ଫୁଟ୍‌ବଲ ଷ୍ଟାଇଲ ଡାର୍ଟ ବୋର୍ଡ ଚ୍ୟାଲେଞ୍ଜ, ଫ୍ରିକିକ୍ ଚ୍ୟାଲେଞ୍ଜ, କିଡ୍ ଲେଣ୍ଡିଂ ଏକ୍ସପ୍ରେସନ, କ୍ରିଏଟିଭ ଅନ କ୍ୟାନଭାସ ଥ୍ରୁ ବ୍ରସ୍ ଆଣ୍ଡ କଲର ବ୍ୟତୀତ ୫ ବନାମ ୫ ଫୁଟ୍‌ବଲ ଚ୍ୟାଲେଞ୍ଜ ଅନୁଷ୍ଠିତ ହୋଇଥିଲା। ଦ୍ୱିବାର୍ଷିକ ୟୁଥ୍ ଟୁର୍ନାମେଣ୍ଟ ୨୦୨୨ ସଂସ୍କରଣର ଅଫିସିଆଲ ମାସ୍କଟ ଇଭା ଉପସ୍ଥାପନ କରାଯାଇଥିଲା। କିକ୍ ଅଫ୍ ଡ୍ରିମ୍ ଫୁଟ୍‌ବଲ କାର୍ନିଭାଲ ଚଳିତ ବର୍ଷ ଏପ୍ରିଲରୁ ଆରମ୍ଭ ହେଲାଣି। ଇତିମଧ୍ୟରେ ଏହା ମହାରାଷ୍ଟ୍ର, ଗୋଆ ଓ ଓଡ଼ିଶାର ୪ଟି ସ୍ଥାନରେ ଆୟୋଜିତ ହୋଇସାରିଛି। ଚଳିତବର୍ଷ ଅକ୍ଟୋବରରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ଏହି ଭଳି କାର୍ନିଭାଲର ଆୟୋଜନ ହେବ।


କିକ୍ ଅଫ୍ ଡ୍ରିମ୍ ଟିମ୍ ଫୁଟ୍‌ବଲ କାର୍ନିଭାଲର ଏକ କାର୍ଯ୍ୟକ୍ରମ।

# ଏସିଆ କପ୍ ହକି: ଆଜି ଭାରତ-ପାକିସ୍ତାନ ମ୍ୟାଚ୍

ଜାକର୍ତ୍ତା,୨୨।୫(ପିଟି)

ଭାରତୀୟ ପୁରୁଷ ହକି ଦଳ ସୋମବାରଠାରୁ ତା'ର ଏସିଆ କପ୍ ଟାଇଟଲକୁ ବଞ୍ଚାଇବା ପାଇଁ ଅଭିଯାନ ଆରମ୍ଭ କରିବ। ଭାରତକୁ ପ୍ରତିନିଧିତ୍ୱ କରୁଥିବା ଏକ ଦ୍ୱିତୀୟ ଶ୍ରେଣୀର ଦଳ ପ୍ରଥମ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ପାକିସ୍ତାନ ଦଳରେ ଅନେକ ନୂଆ ମୁହଁ ଥିବା ବେଳେ ଭାରତୀୟ ଦଳର ନେତୃତ୍ୱ ନେବେ ଭେଟେରାନ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା, ଯିଏକି ଟୋକିଓ ଅଲିମ୍ପିକ୍ସ ପରେ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଭାରତୀୟ ଦଳ ଏହି ଟୁର୍ନାମେଣ୍ଟକୁ ବେଞ୍ଚ ଷ୍ଟ୍ରେନ୍ଥ ମାପିବା ପାଇଁ ଏକ ପ୍ଲାଟଫର୍ମ ଭାବେ ବ୍ୟବହାର କରୁଛି। କାରଣ ଆଗକୁ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ରହିଛି। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ୨୦୨୩ ବିଶ୍ୱକପ ପାଇଁ ଭାରତ ଆୟୋଜକ ଦଳ ଭାବେ ଯୋଗ୍ୟତା ହାସଲ କରିସାରିଛି। ଅନ୍ୟପକ୍ଷରେ ଏସିଆ କପ୍‌ରୁ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ଆଶା ରଖିଛି ପାକିସ୍ତାନ। ଏସିଆ କପ୍‌ର ଟପ୍ ୩ ଦଳ ଜାନୁୟାରୀରେ ହେବାକୁ ଥିବା ବିଶ୍ୱସ୍ତରୀୟ ଇଭେଣ୍ଟ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିବେ। ଭାରତ ଏବଂ ପାକିସ୍ତାନ ପାଖରେ ୩ ଲେଖାଏ ଏସିଆ କପ୍ ଟାଇଟଲ ରହିଛି। ଭାରତ ଅନ୍ତିମ ଥର ୨୦୧୭ରେ ଢାକାରେ ମାଲେସିଆକୁ ହରାଇ ଟ୍ରଫି ହାତେଇଥିଲା।

"ପାକିସ୍ତାନ ବିପକ୍ଷ ଯେକୌଣସି ମ୍ୟାଚ୍‌ରେ ଚାପ ରହିଥାଏ। କିନ୍ତୁ ସିନିୟର ଭାବେ ଯଦି ଆମେ ଅତ୍ୟଧିକ ଉତ୍ସାହିତ ହେବା, ତେବେ ଜୁନିୟର ଖେଳାଳିମାନେ ଚାପର ସମ୍ମୁଖୀନ ହୋଇପାରନ୍ତି। ଏଣୁ ଆମକୁ ଏହି ମ୍ୟାଚ୍‌କୁ ଏକ ସାଧାରଣ ମ୍ୟାଚ୍ ଭାବେ ନେବାକୁ ପଡ଼ିବ" ବୋଲି ଉପଅଧିନାୟକ ଏସ୍. ଭି. ସୁନୀଲ କହିଛନ୍ତି। ବୀରେନ୍ଦ୍ରଙ୍କ ଭଳି ସେ ମଧ୍ୟ ଟୋକିଓ ଅଲିମ୍ପିକ୍ସ ପରେ ଅବସର ଘୋଷଣା କରିଥିଲେ। ପରେ ହକି ଇଣ୍ଡିଆର ପରାମର୍ଶ କ୍ରମେ ଅବସରରୁ ଫେରିଥିଲେ। ପାକିସ୍ତାନ ପରେ ଭାରତୀୟ ଦଳ ମଙ୍ଗଳବାର ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଜାପାନ ଓ ୨୬ରେ ଆୟୋଜକ ଇଣ୍ଡୋନେସିଆକୁ ଭେଟିବ।

# କଟକରେ ଜାତୀୟ ଜୁନିୟର ଫେନ୍‌ସିଂ ଜୁନ୍ ୧୭ରୁ


ରାଜ୍ୟ ଫେନ୍‌ସିଂ ଆସୋସିଏଶନର ପ୍ରସ୍ତୁତି ବୈଠକ।

ଭୁବନେଶ୍ୱର, ୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

୩୦ତମ ଜାତୀୟ ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା କଟକସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଜୁନ୍ ୧୭ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କଟକସ୍ଥିତ ୟୁନିୟନ କ୍ଲବଠାରେ ରାଜ୍ୟ ଫେନ୍‌ସିଂ ଆସୋସିଏଶନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆସୋସିଏଶନର ସଭାପତି ଅନଙ୍ଗ ଉଦୟ ସିଂ ଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାରେ ଦେଶର ବିଭିନ୍ନ ୨୭ଟି ରାଜ୍ୟରୁ ପାଖାପାଖି ୮୦୦ ଖେଳାଳି ଭାଗ ନେବେ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ରବିବାର ବୈଠକରେ ରାଜ୍ୟର ୧୭ଟି ଜିଲା ଆସୋସିଏଶନର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀ ଖେଳାଳିମାନଙ୍କ ଦେଖାଶୁଣା କରିବା ଲାଗି ବହୁ କମିଟି ଗଠିତ ହୋଇଥିଲା। ରାଜ୍ୟ ଜୁନିୟର କ୍ୟାମ୍ପ ଜୁନ୍ ୧ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଫେନ୍‌ସିଂ ଆସୋସିଏଶନର ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଥିଲେ। ରବିବାର ବୈଠକରେ ୟୁନିୟନ କ୍ଲବ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସିଂ ଓ ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଯୋଗଦାନ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରତିଯୋଗିତାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା ପୁରୋହିତ ପ୍ରକାଶ କରିଥିଲେ।

# ସଇଦ୍ ଯବାରଙ୍କୁ ନନ୍ଦକିଶୋର ସ୍ମୃତି ସମ୍ମାନ

ଭୁବନେଶ୍ୱର,୨୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ସିଟି କ୍ଲବ ନୟାପଲ୍ଲୀ ପକ୍ଷରୁ ରବିବାର ବିଶିଷ୍ଟ ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବରମୁଣ୍ଡାସ୍ଥିତି ହୋଟେଲ ଚନ୍ଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନର ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ମୁଖ୍ୟବକ୍ତା ଭାବେ ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡର ଇନ୍ ଚିଫ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଏହି ଅବସରରେ ଭାରତର ପୂର୍ବତନ ମହିଳା ଫୁଟ୍‌ବଲ କୋଚ୍ ମହମ୍ମଦ ସଇଦ୍ ଯବାରଙ୍କୁ ପ୍ରଥମ ନନ୍ଦକିଶୋର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଭାଗ୍ୟଧର ଜଗଦେବ, ସ୍ନିଗ୍ଧା ମହାପାତ୍ର, ଜାତୀୟ ଖେଳାଳି ତିଲୋତ୍ତମା ବିଶ୍ୱାଳ, ଜଲିଲ ଖାନ, ବିଶିଷ୍ଟ କ୍ରୀଡ଼ା ସଂଗଠକ ସହଦେବ ରାଉତ, ମହମ୍ମଦ ଗୁଲଫାମ, କ୍ଲବ ୭୩ର ସମ୍ପାଦକ ସୁବ୍ରତ ପଟ୍ଟନାୟକ, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ଯୋଗେନ୍ଦ୍ର ଜେନା, ତପନ ଭଞ୍ଜ, ପୂର୍ବତନ ରଣଜୀ ଖେଳାଳି ଅଶୋକ ପଟ୍ଟନାୟକ, ଇଂ ସୁବ୍ରତ ଦାସ ଉପସ୍ଥିତ ଥିଲେ।


ନନ୍ଦକିଶୋର ସ୍ମୃତି ସମ୍ମାନ ଉତ୍ସବ।

# ଫିଫା ସଭାପତିଙ୍କ ସହ କଥାହେବେ ପଟେଲ

ନୂଆଦିଲ୍ଲୀ,୨୨।୫

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି ପଦରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ବିଦା ହେବା ପରେ ପ୍ରଫୁଲ୍ଲ ପଟେଲ କହିଛନ୍ତି, ସେ ସୋମବାର ଫିଫା ମୁଖ୍ୟ ଗିଆନ୍ନି ଇନଫାଣ୍ଟିନୋଙ୍କ ସହ କଥା ହେବେ। ଭାରତକୁ ବାସନ୍ଦ ନ କରିବା ପାଇଁ ଏବଂ ନିର୍ବାଚନ ଆୟୋଜନ ଲାଗି ୨ରୁ ୩ ମାସ ସମୟ ଦେବାକୁ ଅନୁରୋଧ କରିବି।

ଏଆଇଏଫ୍‌ଏଫ୍‌ର ଦୈନନ୍ଦିନ କାର୍ଯ୍ୟ ତୁଲାଇବା ପାଇଁ ଏକ ପ୍ରଶାସନିକ କମିଟି (ସିଓଏ) ନିଯୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତରେ ବର୍ତ୍ତମାନ ପରିସ୍ଥିତି ପରଖିବା ପାଇଁ ଫିଫା ଏବଂ ଏସିଆ ଫୁଟବଲ କନଫେଡେରେଶନ (ଏଏଫ୍‌ସି)ର ଏକ ଯୁଗ୍ମ କମିଟି ଗସ୍ତ କରିବେ। ଇନ୍‌ଫାଣ୍ଟିନୋଙ୍କ ସହିତ ଆଲୋଚନା କରିବା ସହ ଫିଫା କାଉନ୍ସିଲ ସଦସ୍ୟ ପଟେଲ ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥାର ସାଧାରଣ ସମ୍ପାଦକ ଫାତମା ସାମୌରାଙ୍କ ସହ ମଧ୍ୟ କଥା ହେବେ ବୋଲି ସେ କହିଛନ୍ତି। "ମୁଁ ଫିଫା ସହ କଥା ହେବି ଏବଂ ଭାରତକୁ ବାସନ୍ଦ ନ କରିବା ପାଇଁ କହିବି। ନିର୍ବାଚନ ପାଇଁ ୨ରୁ ୩ ମାସ ସମୟ ପ୍ରଦାନ କରିବା ଲାଗି ଅନୁରୋଧ କରିବି।

## ରାଜ୍ୟ ଖବର

# ହୀରାକୁଦର ଆବଦ୍ଧ ମାଛଚାଷ ସଫଳ ମଡେଲ

**କ୍ଷେତ୍ର ପରିଦର୍ଶନ, ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**

- **ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନ ବଢ଼ାଇବ**
- **ପରୀକ୍ଷାଗାର, ଭାସମାନ ଜେଟି ଆଦି ଭିତ୍ତିଭୂମିକୁ ଗୁରୁତ୍ୱ**

ଭୁବନେଶ୍ୱର, ୨୨।୫(ବ୍ୟୁରୋ)



ହୀରାକୁଦ ଜଳଭଣ୍ଡାରରେ ଆବଦ୍ଧ ମାଛଚାଷ ବା କେଜ୍ ଫିସ୍ କଲ୍‌ଚର ଏକ ସଫଳ ମଡେଲ୍। ଏହା ଖୁବ୍‌ଶୀଘ୍ର ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନକୁ ବହୁ ପରିମାଣରେ ବୃଦ୍ଧି କରିବ। ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ଏହି ଅବସରରେ ସେ ହୀରାକୁଦ ଜଳଭଣ୍ଡାରରେ ସ୍ଥାପିତ କେଜ୍‌ଗୁଡ଼ିକରେ ମାଛ ଚାଷ ସ୍ଥିତି ଅନୁଧ୍ୟାନ କରିବା ସହ ମାଛଚାଷୀ, ଉଦ୍ୟୋଗୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କ୍ଷେତ୍ରସ୍ତରୀୟ ମାଛଚାଷର ଅଗ୍ରଗତି ବିଷୟରେ ସନ୍ତୋଷ ପ୍ରକାଶ କରି ମହାପାତ୍ର କମନ୍ ଫେସିଲିଟି ସେଣ୍ଟର, ପରୀକ୍ଷାଗାର ଏବଂ ମାଛ ପହଞ୍ଚାଣ ନିମନ୍ତେ ଭାସମାନ ଜେଟି ଆଦି ଭିତ୍ତିଭୂମିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଦ୍ଧ ମାଛ ଚାଷ ବିକାଶ ନିମନ୍ତେ ସରକାର ଆବଶ୍ୟକ ଭିତ୍ତିଭୂମି ଓ ସହଯୋଗ ଯୋଗାଇଦେବେ। କମନ୍ ଫେସିଲିଟି ସେଣ୍ଟରରେ ଚାଷୀମାନେ କେଜରୁ ମାଛ ଧରି ବିପଣୀ ନିମନ୍ତେ ବର୍ଗୀକରଣ, ଓଜନ ଓ ପ୍ରସ୍ତୁତ କରିପାରିବେ। ଏଠାରେ ଚାଷୀଙ୍କ ପାଇଁ ପାଣି, ବିଦ୍ୟୁତ, ପରିଚ୍ଛନ୍ନତା ଓ ଶୌଚାଳୟ ଆଦିର ବ୍ୟବସ୍ଥା ରହିବ। ମାଛ ଚାଷୀମାନେ କେଜ୍‌ରେ ବଢୁଥିବା ମାଛଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁଣାତ୍ମକମାନର ଉତ୍ପାଦନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେଇପାରିବେ। ଜଳଭଣ୍ଡାର ଉପରିଭାଗର ୧ ପ୍ରତିଶତ ଅଞ୍ଚଳରେ ଏହି କେଜ୍ କଲ୍ଚର ସୀମିତ ରଖିବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ହୀରାକୁଦ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଉପନିର୍ଦ୍ଦେଶକ ବିରଜା ପ୍ରକାଶ ଦ୍ୱିବେଦୀ ଜଣାଇଥିଲେ ଯେ, ଜାତୀୟ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ବହୁ କମ୍ ଅଞ୍ଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ୩୨ କେଜ୍‌ମାଛଚାଷ ଜୋନ୍ ଏବଂ ୬୨୫ ସବ୍ ଜୋନ ଚିହ୍ନଟ କରାଯାଇଛି। ଏହା ମଧ୍ୟରୁ ୧୦୧ ସବ୍- ଜୋନକୁ ପୁଞ୍ଜିନିବେଶ ଆଗ୍ରହ ଭିତ୍ତିରେ ଚୟନ ହୋଇଥିବା ଉଦ୍ୟୋଗୀମାନଙ୍କୁ ଲିଜ୍ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୭୧ଜଣ ଉଦ୍ୟୋଗୀ ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷର କରି କ୍ଷେତ୍ରସ୍ତରୀୟ କାମ ଆରମ୍ଭ କରିଛନ୍ତି। ୩୦ ସବ୍-ଜୋନ୍‌ରେ କେଜ୍ ସ୍ଥାପନ କାର୍ଯ୍ୟ ସରିଛି। ତେବେ ଉଦ୍ୟୋଗୀଙ୍କୁ ନିୟମିତ ଯୋଗାଯୋଗ ଓ ବୈଷୟିକ ଜ୍ଞାନ କୌଶଳ ସମ୍ପ୍ରସାରଣ ମାଧ୍ୟମରେ ଉତ୍ସାହିତ କରି ଆସନ୍ତା ୬ ମାସରେ ଅବଶିଷ୍ଟ ସବ୍-ଜୋନ୍‌ରେ କେଜ୍ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାର ଉପରିଭାଗରେ ୧,୮୭୫ଟି ଗୋଲାକାର କେଜ୍ କିମ୍ବା ୧୫୦୦୦ ଆୟତଘନାକାର କେଜ୍ ପ୍ରତିଷ୍ଠା କରାଯାଇପାରିବ। ଏସବୁରୁ ଥରକେ ପ୍ରାୟ ୪୫ ହଜାର ଟନ୍‌ରୁ ଅଧିକ ମଧୁର ପାଣି ମାଛ ଅମଳ କରାଯାଇପାରିବ।

# ନିଲମ୍ବିତ ପ୍ରଧାନ ଶିକ୍ଷକ ଗିରଫ

## ମହଙ୍ଗା ପଡ଼ିଲା ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ

ଭବାନୀପାଟଣା,୨୨।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧୀନ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏକ ଛାତ୍ରୀ ନିବାସର ୬ଜଣ ଛାତ୍ରୀ ଶନିବାର ପ୍ରଧାନ ଶିକ୍ଷକ ଶଶୀଧର ନାଏକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଥିଲେ। ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ପରେ ପ୍ରଧାନ ଶିକ୍ଷକଙ୍କ କଳାକାରନାମା ସମ୍ପର୍କରେ ଜଣାପଡିଥିଲା। ଏହାପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୫୮୬ ଅନୁଯାୟୀ ଉକ୍ତ ଦିନ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ସେହିପରି ପୋଲିସ ପକ୍ଷରୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ନାଏକଙ୍କ ବିରୋଧରେ ଆଇପିସି ଦଫା ୨୯୪/୩୫୪/୩୫୪ଏ/୩୫୪/ସି/୩୫୪ଡି ଓ ପୋକ୍‌ସୋ ସେକ୍ସନ ଧାରା ୧୨ରେ ଏକ ମାମଲା (ନଂ.୧୧୧/୨୨) ରୁଜୁ କରି ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶନିବାର ଏହି ଘଟଣାର ସତ୍ୟତା ଜାଣିବା ପାଇଁ ଜିଲା ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ବିଭାଗ ଅଧିକାରୀ, ସ୍ଥାନୀୟ ବିଡିଓ, ଡବ୍ଲ୍ୟୁଇଓ, ଆଇଆଇସି ତଦନ୍ତ କରିବାକୁ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ସେମାନେ ଛାତ୍ରୀଙ୍କ ଅଭିଯୋଗ ଶୁଣିଥିଲେ। ପରେ ପୋଲିସ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ରିପୋର୍ଟ ପରେ ପ୍ରଧାନ ଶିକ୍ଷକଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଆହ୍ଲାଦିନୀ ମଣି ବାଗଙ୍କୁ ଉକ୍ତ ସ୍କୁଲ ଓ ଛାତ୍ରୀ ନିବାସର ପରିଚାଳନା ଦାୟିତ୍ୱ ଦିଆଯାଇଥିବା ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।


ଶଶୀଧର ନାଏକ

# ୫ ବର୍ଷରେ ମଲେଣି ୪୦୯ ହାତୀ

## ଓଡ଼ିଶାରେ ହାତୀବଂଶ ବୁଡ଼ିବା ଆଶଙ୍କା

- **ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ବନ୍ୟପ୍ରାଣୀ ବିଶେଷଜ୍ଞ**
- **ହାତୀ ମୃତ୍ୟୁ ରୋକ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବି**
- **ବାୟୋ-ଆକୋଷ୍ଟିକ୍‌ସ ବ୍ୟବହାର କରିବାକୁ ପ୍ରସ୍ତାବ**

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଛି ହାତୀ ମୃତ୍ୟୁ। କେତେବେଳେ ବିଦ୍ୟୁତ ତାର ଲାଗି ହାତୀଙ୍କ ମୃତ୍ୟୁ ଘଟୁଛି ତ ଆଉ କେତେବେଳେ ବିଷ ଖାଇ, ଟ୍ରେନ ଧକ୍କାରେ, ଶିକାରୀଙ୍କ ଗୁଳି ଓ ରୋଗରେ ଜୀବନ ଯାଉଛି। ଓଡ଼ିଶା ବନ୍ୟପ୍ରାଣୀ ସମିତିର ଏକ ପରିସଂଖ୍ୟାନ ଅନୁସାରେ, ଗତ ୫ ବର୍ଷରେ ଅର୍ଥାତ୍ ୨୦୧୭-୧୮ ରୁ ୨୦୨୧-୨୨ ମଧ୍ୟରେ ଓଡ଼ିଶାରେ ୪୦୯ ହାତୀ ମରିଛନ୍ତି। ତେବେ ଚଳିତବର୍ଷ ଜୁନ୍ ପର୍ଯ୍ୟନ୍ତ ଆହୁରି ୮ ହାତୀଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ କହୁଛି। କିନ୍ତୁ ବାସ୍ତବ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ ରହିଥିବା ଅନୁମାନ କରାଯାଉଛି। କାରଣ ଅନେକ ମୃତ୍ୟୁ ଘଟଣା ପଦାକୁ ଆସୁ ନ ଥିବାବେଳେ କେତେକ ଘଟଣାକୁ ବନ ବିଭାଗ ଲୁଚାଇଥିବା ମଧ୍ୟ ନଜିର ରହିଛି। ଏହାବାଦ ଗତ ଅଢ଼େଇ ବର୍ଷ ଭିତରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୨୪ ହାତୀଦାନ୍ତ ଜବତ କରିଛି। ଅନ୍ୟ କେତେକ ଘଟଣାରେ ବନ ବିଭାଗ ମଧ୍ୟ ଦାନ୍ତ ଜବତ କରିଛି। ଏଥିରୁ ସ୍ପଷ୍ଟ ହେଉଛି, କୌଣସି ନା କୌଣସି ଦନ୍ତା ହାତୀକୁ ମାରିବା ପରେ ହିଁ ଦାନ୍ତ କଟାଯାଇଛି। ସେହିଭଳି ଆଠଗଡ଼ ନରସିଂହପୁର ୱେଷ୍ଟ ରେଞ୍ଜରେ ଏକ ହାତୀ ମୃତ୍ୟୁକୁ ଲୁଚାଯାଇଥିଲା। ମୃତ ହାତୀ ବ୍ୟବଚ୍ଛେଦ ନ କରାଇ ଜେସିବି ଲଗାଇ ପୋତି ଦେବା ଘଟଣାରେ ରେଞ୍ଜ ଅଫିସର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିଲମ୍ବିତ ହୋଇଥିଲେ। ଏଭଳି ଅନ୍ୟ କେତେକ ସ୍ଥାନରେ ଯେ ବନ ଅଧିକାରୀ ଓ କର୍ମଚାରୀମାନେ ବ୍ୟବଚ୍ଛେଦ ନ କରି ହାତୀଙ୍କୁ ପୋତି ନ ଥିବେ କିମ୍ବା ଘଟଣାକୁ ଲୁଚାଇ ନ ଥିବେ କିଏ କହିବ? ତେଣୁ ରାଜ୍ୟର ଜନସାଧାରଣ ଓ ବନ୍ୟ ପ୍ରାଣୀ ବିଶେଷଜ୍ଞମାନେ ଆଉ ବନ ବିଭାଗକୁ ଭରସା କରି ପାରୁନାହାନ୍ତି। ଏଥିସହ ହାତୀଙ୍କ ସୁରକ୍ଷା ଓ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ରାଜ୍ୟରେ ବଢ଼ି ଚାଲିଥିବା ହାତୀମୃତ୍ୟୁ ଘଟଣାରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଆନିମଲ ୱେଲଫେୟାର ଟ୍ରଷ୍ଟର ମୁଖ୍ୟ ପୁରବୀ ପାତ୍ର ଇ-ମେଲ ଜରିଆରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ନଚେତ ଓଡ଼ିଶାରେ ହାତୀବଂଶ ଲୋପ ପାଇଯିବ ବୋଲି ପୁରବୀ କହିଛନ୍ତି। ସେହିଭଳି ହାତୀ ତଥା ଅନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ବା ଶିକାର ଘଟଣାରେ ରାଜ୍ୟର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅସମ୍ଭବ ନୀରବତାକୁ ତୀବ୍ର ସମାଲୋଚନା କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି। ଜଣେ କି ଦୁଇ ଜଣଙ୍କୁ ଛାଡ଼ି ଦେଲେ, ବାକି ସମସ୍ତ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକମାନେ ଅକର୍ମା ଏବଂ ସୁବିଧାବାଦୀ ବୋଲି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏନେଇ ବିଶ୍ୱଜିତ ଗୁରୁତର ଅଭିଯୋଗ ଆଣିଛନ୍ତି।

ସେପଟେ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ରୋକିବା ପାଇଁ ସୋଲାରଚାଳିତ ବାୟୋ-ଆକୋଷ୍ଟିକ୍‌ସ ବ୍ୟବହାର ଲାଗି ବେଙ୍ଗାଲୁରୁସ୍ଥିତ ଜିଓ ଇକୋସାଇନ୍ସେସ୍ ପ୍ରା. ଲି.ର ନିର୍ଦ୍ଦେଶକ ମହେଶ ଏସ୍.ଏସ୍. ରାଜ୍ୟର ମୁଖ୍ୟ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକଙ୍କୁ ପ୍ରସ୍ତାବ ଦେଇଛନ୍ତି। ଟ୍ରେନ ଆସିବାର କେଇ ମିନିଟ୍ ପୂର୍ବରୁ ଏହି ବାୟୋ-ଆକୋଷ୍ଟିକସ୍ ଯନ୍ତ୍ରଗୁଡ଼ିକରୁ ଶବ୍ଦ ନିର୍ଗତ ହେବ ଏବଂ ସେହି ଶବ୍ଦ ଶୁଣି ହାତୀମାନେ ଆଉ ରେଳ ଧାରଣା ଆଡ଼କୁ ଆସିବେ ନାହିଁ। ସବୁଠାରୁ ବଡ଼ କଥା ହେଲା ଏହି ଯନ୍ତ୍ରଗୁଡ଼ିକ ଲଗାଇବା ପାଇଁ ଅଧିକ କିଛି ଜମି, ବିଜୁଳି ଶକ୍ତି ବା ସିକ୍ୟୁରିଟି ଗାର୍ଡ ଦରକାର ହେବ ନାହିଁ ବୋଲି ମହେଶ ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି।



ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ



ଓଁ ପ୍ରଭାକର ଲେଙ୍କା
ବି.ଜେ.ବି. ନଗର, ଭୁବନେଶ୍ୱର
(୧୯୭୧-୨୦୨୧)
ଏମିତି ଗୋଟେ ବି ଦିନ ନାହିଁ ବାବା
ଆମେ ତୁମକୁ ମନେ ପକାଇ ନାହୁଁ।
ତୁମେ ଆମମାନଙ୍କ ଜୀବନରେ
ସବୁବେଳେ ଜୀବିତ ହୋଇ ରହିବ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ
ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ, ଜିକି, ରିଙ୍କି।
ଧ-୫୩୫

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ଓଁ ସୀତାନାଥ ନନ୍ଦ
ଗାନ୍ଧିମାର୍ଗ, ଆଠଗଡ଼
ଆପଣଙ୍କର ସରଳ, ନିରାଡମ୍ବର, କର୍ତ୍ତବ୍ୟନିଷ୍ଠା, ପରୋପକାର, ତ୍ୟାଗପୂତ, ଆଧ୍ୟାତ୍ମିକ ଜୀବନ ଶୈଳୀ, ଅନାବିଳ ସ୍ନେହ ଓ ଶ୍ରଦ୍ଧା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଅମୃତମୟ ଆଶୀର୍ବାଦ ଭିକ୍ଷାରେ।
ଶୋକସନ୍ତପ୍ତ: ସ୍ତ୍ରୀ, ଝିଅ, ରୌ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂ
ଧ-୫୨୦

# ସୁସ୍ଥ ଶରୀର ଓ ଦୀର୍ଘାୟୁ ଅନ୍ତରାଳେ..



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ତୁଳସୀ ବୃକ୍ଷକୁ ଆଧାତ୍ମିକ ଚିନ୍ତାଧାରା ଭାବେ ପ୍ରତିଦିନ ପୂଜା କରାଯାଇଥାଏ। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ବେଶ୍ ଉପାଦେୟ । ଆଜ୍‌ମା, ଥଣ୍ଡାଜନିତ ରୋଗ, ଗଳାରେ ବିଭିନ୍ନ ରୋଗ, ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରଖିବା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ତୁଳସୀ । କେବଳ ସେତିକି ନୁହେଁ, ଦିବା ଓ ରାତ୍ରରେ ଏହା ପ୍ରଚୁର ପରିମାଣରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।"



ପ୍ରତ୍ୟେକ ଦେଶର ନିଜସ୍ୱ ପାରମ୍ପରିକ ମୌଳିକ ଚିକିତ୍ସା ବିଜ୍ଞାନ ରହିଛି। ସେହିପରି ଆମ ଦେଶର ପାରମ୍ପରିକ, ମୌଳିକ ତଥା ଶ୍ରେଷ୍ଠ ଚିକିତ୍ସା ବିଜ୍ଞାନ ଭାବେ ଆୟୁର୍ବେଦ ଶାସ୍ତ୍ରକୁ ଗ୍ରହଣ କରାଯାଇଛି। ଆମ ଦେଶୀୟ ଚିକିତ୍ସା ବିଜ୍ଞାନରେ ମନୁଷ୍ୟ ଯେପରି ସୁସ୍ଥ ଓ ଦୀର୍ଘାୟୁ ଜୀବନ ଅତିବାହିତ କରିପାରିବ ତାହାରି ଉପରେ ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଆମ ଚାରିପାଖରେ ରହିଥିବା ବିଭିନ୍ନ ବୃକ୍ଷଲତା ଆମକୁ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ, ଯେଉଁ ବିଷୟରେ ଅନେକ ତଥ୍ୟ ଆୟୁର୍ବେଦରେ ରହିଛି, ଯାହା ସହ ଆଧୁନିକ ବିଜ୍ଞାନ ମଧ ଏକମତ ହୋଇପାରିଛନ୍ତି।

ଆୟୁର୍ବେଦ ଶାସ୍ତ୍ରର ସ୍ରଷ୍ଟା ଚରକ, ଶୁଶ୍ରୁସ, ବାଣଭଟ, ବରାହମିହିର ପ୍ରମୁଖ ମନୁଷ୍ୟ କିପରି ସୁସ୍ଥ ଓ ନୀରୋଗ ରହିବ ସେ ନେଇ ଆୟୁର୍ବେଦରେ ବର୍ଣ୍ଣନା କରିଛନ୍ତି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ନିୟମାବଳୀ ତଥା ବିଭିନ୍ନ ଔଷଧୀୟ ଉପାଦାନର ସମ୍ମିଶ୍ରଣରେ ବିଭିନ୍ନ ଆୟୁର୍ବେଦ ଔଷଧ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ଲେହ, ବଟିକା ଓ ପ୍ରଲେପ ଆଦି ପ୍ରସ୍ତୁତି ପାଇଁ ଔଷଧୀୟ ପ୍ରଣାଳୀ ଶହଶହ ବର୍ଷ ପୂର୍ବରୁ ଏଥିରେ ଲିପିବଦ୍ଧ ହୋଇ ରହିଛି। ଉକ୍ତ ପ୍ରସ୍ତୁତି ଶୈଳୀକୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ ବହୁ ପରୀକ୍ଷା ନିରୀକ୍ଷା ଓ ଗବେଷଣା କରି ଏହାର କାର୍ଯ୍ୟକାରିତା ଏବଂ ଗୁଣବତ୍ତାକୁ ମାନ୍ୟତା ଦେଇଛନ୍ତି। ଏହାହିଁ ଆମ ଆୟୁର୍ବେଦ ଶାସ୍ତ୍ର ପ୍ରଣେତାଙ୍କ ସିଦ୍ଧି, ଦୂରଦୃଷ୍ଟି ଓ ମହାନତାର ପରିଚୟ ଅଟେ।

ଭାରତୀୟ ବେଦ ଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଉପନିଶଦ, ସାଂଖ୍ୟ, ବୈଶେଷିକ ମତ ଆଦି ସମସ୍ତ ଶାସ୍ତ୍ର ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଆୟୁର୍ବେଦ ଶାସ୍ତ୍ରକୁ ପଞ୍ଚମ ବେଦ ଭାବେ ଗ୍ରହଣ କରାଯାଇଛି।





ମଣିଷ ସୁସ୍ଥ ଓ ଦୀର୍ଘଜୀବୀ ଭାବେ ବଞ୍ଚିରହିବା ପାଇଁ ଆୟୁର୍ବେଦ ଶାସ୍ତ୍ର ଅନୁମୋଦିତ ବିଭିନ୍ନ ଔଷଧ ବ୍ୟବହାର କରିବା ସହ ପର୍ଯ୍ୟାପ୍ତ ତଥା ପରିଷ୍କାର ଅମ୍ଳଜାନ ବାୟୁର ଆବଶ୍ୟକତା ରହିଛି। ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ବୃକ୍ଷ, ଲତା, ଗୁଳ୍ମ ମଧ୍ୟରୁ ଏମିତି କେତେକ ବୃକ୍ଷ ରହିଛି ଯାହାକି ଦିବାରାତ୍ର ପ୍ରଚୁର ପରିମାଣରେ ଶୁଦ୍ଧ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାନ୍ତି। ସେ ସମ୍ପର୍କିତ କେତୋଟି ପ୍ରମୁଖ ବୃକ୍ଷ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି।

**ତୁଳସୀ :** ତୁଳସୀ ବୃକ୍ଷକୁ ଆଧାତ୍ମିକ ଚିନ୍ତାଧାରା ଭାବେ ପ୍ରତିଦିନ ପୂଜା କରାଯାଇଥାଏ। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ବେଶ୍ ଉପାଦେୟ। ଆଜ୍‌ମା, ଥଣ୍ଡାଜନିତ ରୋଗ, ଗଳାରେ ବିଭିନ୍ନ ରୋଗ, ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରଖିବା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ତୁଳସୀ। କେବଳ ସେତିକି ନୁହେଁ, ଦିବା ଓ ରାତ୍ରରେ ଏହା ପ୍ରଚୁର ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ।

**ନିମ୍ବ :** ଏହା ବାୟୁମଣ୍ଡଳରେ ରହିଥିବା ବିଭିନ୍ନ ଦୂଷିତ ପଦାର୍ଥକୁ ଶୋଷଣ କରିଥାଏ। ଅନ୍ୟପକ୍ଷରେ ବାୟୁମଣ୍ଡଳକୁ ଦିନ ଓ ରାତିରେ ପ୍ରଚୁର ପରିମାଣରେ ପରିଷ୍କାର ଅମ୍ଳଜାନ ଛାଡ଼ିଥାଏ। ଏହା ପ୍ରାକୃତିକ ଉପାୟରେ କୀଟନାଶକ ଓ ବିଭିନ୍ନ ଦୂଷିତ ପଦାର୍ଥକୁ ନଷ୍ଟ କରି ବାୟୁମଣ୍ଡଳକୁ ଶୋଧନ କରିବାରେ ସହାୟକ ହୋଇଥାଏ। ଏହା ଶରୀର ପାଇଁ ବିଭିନ୍ନ ଚର୍ମ ରୋଗ ଓ ରକ୍ତ ପରିଷ୍କାର ପାଇଁ ବ୍ୟବହୃତ ହୋଇଥାଏ। ତେଣୁ ଏହି ବୃକ୍ଷ ବାସଗୃହ ନିକଟରେ ରହିଲେ ସ୍ୱାସ୍ଥ୍ୟ ପାଇଁ ବହୁ ମୂଲ୍ୟବାନ ହୋଇଥାଏ।

**ଓସ୍ତ :** ଓସ୍ତ ଗଛ ୨୪ ଘଣ୍ଟା ପର୍ଯ୍ୟାପ୍ତ ପରିମାଣରେ ପରିଷ୍କାର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ଆଜ୍‌ମା, ଡାଇବେଟିସ୍, କୋଷ୍ଠକାଠିନ୍ୟ, ଦନ୍ତ ରୋଗ ପାଇଁ ବ୍ୟବହୃତ ହୋଇଥାଏ। ବାୟୁମଣ୍ଡଳକୁ ଶୁଦ୍ଧ ରଖିବାରେ ଏହି ବୃକ୍ଷ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

**ଘିକୁଆଁରୀ :** ଏହା ବାୟୁମଣ୍ଡଳରେ ରହିଥିବା ଆଲଡିହାଇଡ଼ ଓ ବେନଜିନ ପରି ବିଷାକ୍ତ ଗ୍ୟାସକୁ ଶୋଷଣ କରି ବାୟୁମଣ୍ଡଳକୁ ଶୁଦ୍ଧ ଅମ୍ଳଜାନ ଛାଡିଥାଏ। ତେଣୁ ଏହାକୁ ସୁପର ପ୍ଲାଣ୍ଟ ମଧ କୁହାଯାଏ। ଏହା ରାତିଦିନ ୨୪ ଘଣ୍ଟା ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ। ଏହାକୁ ବିଭିନ୍ନ ଆମାଶୟ ଜନିତ ଏବଂ ଚର୍ମ ଜନିତ ରୋଗର ଔଷଧ ରୂପେ ବ୍ୟବହାର କରାଯାଇଥାଏ।

**ମନି ପ୍ଲାଣ୍ଟ :** ଏହା ଦିବା ଏବଂ ରାତ୍ରରେ ପର୍ଯ୍ୟାପ୍ତ ମାତ୍ରାରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସଗୃହ ମଧ୍ୟରେ ରଖିପାରନ୍ତି।

**ଜାରବେରା ପ୍ଲାଣ୍ଟ :** ଏହା ଏକ ପୁଷ୍ପଯୁକ୍ତ ଛୋଟ ପ୍ଲାଣ୍ଟ। ଏହା ରାତିରେ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହାକୁ ବାସଗୃହରେ ଫୁଲଦାନୀରେ ଲଗାଇ ରଖିବା ଉଚିତ। ନିଦ୍ରାହୀନତା ଦୂର କରିବାରେ ଏହା ସହାୟକ ହୋଇଥାଏ।

**ଖ୍ରୀଷ୍ଟମାସ କାକ୍‌ଟସ ପ୍ଲାଣ୍ଟ :** ଏହା ଉତ୍କୃଷ୍ଟ ବାୟୁ ପରିଷ୍କାରକ ସହ ରାତିରେ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହକୁ ବାସଗୃହରେ ସ୍ଥାପନ କରିବା ଉଚିତ।

**ଅର୍କିଡ ପ୍ଲାଣ୍ଟ :** ଏହା ଦୀପ୍ତିମାନ ପୁଷ୍ପ ଭାବେ ପରିଚିତ। ଏହା ବାୟୁମଣ୍ଡଳରୁ ବିଷାକ୍ତ ବାଷ୍ପ ଓ ବିଭିନ୍ନ ବିଷାକ୍ତ ଉପାଦାନକୁ ଶୋଷଣ କରି ପରିବେଶର ବାୟୁମଣ୍ଡଳକୁ ପରିଷ୍କାର ରଖିଥାଏ। ଏହା ଦିନ ଓ ରାତି ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ।

**ଆରିକା ପାମ ପ୍ଲାଣ୍ଟ :** ଏହା ଗୋଲଡେନ ପାମ୍, ବଟରଫ୍ଲାଇ ପାମ୍, ୟେଲୋପାମ ଭାବେ ପରିଚିତ। ଏହା ଦକ୍ଷିଣ ଭାରତ ଓ ଫିଲିପାଇନ୍ସ ଦ୍ୱୀପପୁଞ୍ଜରେ ବହୁଳ ମାତ୍ରାରେ ଦେଖାଯାଇଥାଏ। ଏହା ଦିବା ଓ ରାତ୍ର ଶୁଦ୍ଧ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼ିଥାଏ। ଏହା ବାସ ଗୃହ ନିକଟରେ ରଖିବା ଉଚିତ।

**ସ୍ନେକ ପ୍ଲାଣ୍ଟ :** ଏହି ଗଛ ଦିବାରାତ୍ର ୨୪ ଘଣ୍ଟା ବାୟୁମଣ୍ଡଳକୁ ଅମ୍ଳଜାନ ଛାଡ଼ିଥାଏ। ଏହାବ୍ୟତୀତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ଗ୍ରହଣ କରିନେଇଥାଏ। ତେଣୁ ଏହାକୁ ବାସଗୃହ ମଧ୍ୟରେ ଲଗାଇବା ଉଚିତ।

ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମ ପ୍ରାଚୀନ, ଦେଶୀୟ ଚିକିତ୍ସା ଶାସ୍ତ୍ରରେ ମନୁଷ୍ୟ ସୁସ୍ଥ ତଥା ଦୀର୍ଘାୟୁ ରହିବା ନିମନ୍ତେ ବୃକ୍ଷରାଶି ସମୂହର ଭୂମିକା ବିଷୟରେ ବିଷଦ ଭାବରେ ବର୍ଣ୍ଣନା କରାଯାଇଛି। ଏହାକୁ ଆମେ ସଦ୍‌ବିନିଯୋଗ କରିପାରିଲେ ଏହାର ଅମୃତତୁଲ୍ୟ ଫଳ ଆମେ ପାଇପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର,
ମୋ : ୭୮୯୪୧୧୨୪୮୭

## ଦାନ୍ତକୁ ଦୃଢ଼ କରେ କ୍ଷୀର



କ୍ଷୀରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଉପକାରୀ ତତ୍ତ୍ୱ ଆମକୁ କେତେକ ରୋଗଠାରୁ ଦୂରେଇ ରଖିଥାଏ। ତେବେ କ୍ଷୀର ପିଇବା ଦ୍ୱାରା ଆଉ ଏକ ଉପକାର ହୋଇଥାଏ। କଥା କ'ଣ କି ଆମେ ପ୍ରତିଦିନ ଖାଦ୍ୟ ଖାଉଛେ। ଭଲ ଭାବରେ କୁଳି ନ କଲେ ଦାନ୍ତ ସନ୍ଧିରେ ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ଲୁଚି ରହିଯାଏ। ପରବର୍ତ୍ତୀ ସମୟରେ ଏହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ନିୟମିତ କ୍ଷୀର ପିଇଲେ ଦାନ୍ତ ଦୃଢ଼ ରହିଥାଏ। ଏହାବ୍ୟତୀତ ଦାନ୍ତମୂଳରେ ଲୁଚି ରହିଥିବା ଜୀବାଣୁ ନଷ୍ଟ ହୋଇଯାଆନ୍ତି ବୋଲି ଏକ ସର୍ଭେରୁ ଜଣାପଡିଛି। ଦାନ୍ତଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରି ନିୟମିତ କ୍ଷୀର ପିଇବାକୁ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କିଛି ସପ୍ତାହ ଅନ୍ତରାଳରେ ସେମାନଙ୍କ ଦାନ୍ତ ପରୀକ୍ଷା କରିବାରୁ ଜଣାପଡିଥିଲା ଯେ, ଦାନ୍ତ ସନ୍ଧିରେ ଲୁଚି ରହିଥିବା କେତେକ ଜୀବାଣୁ ଏହାଦ୍ୱାରା ନଷ୍ଟ ହୋଇଯାଇଛନ୍ତି।

## ଆଣ୍ଠୁଗଣ୍ଠି ଯନ୍ତ୍ରଣା ଓ ହରମୋନ୍




ଆଜିକାଲି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏପରି ସମସ୍ୟାର କାରଣ ବିଷୟରେ ଅବଗତ ହୋଇ ତାହାର ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏହା ଗୁରୁତର ଅବସ୍ଥା ଧାରଣ କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ଏକ ହରମୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମ୍ପର୍କରେ ୟୁନିଭର୍ସିଟି ଅଫ ଲଣ୍ଡନର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଉପରୋକ୍ତ ବିଷୟକୁ ନେଇ ଗବେଷଣା କରିବା ସମୟରେ ସେମାନେ ମନୁଷ୍ୟ ଶରୀରରେ ଏକ ହରମୋନକୁ ଠାବ କରିଥିଲେ। ଏହି ହରମୋନଟି ହେଲା 'ପ୍ରୋଲାକ୍ଟିନ୍'। ଯଦି ଏହା ସନ୍ତୁଳିତ ରହେ ତେବେ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ସଂପୃକ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିଥାଆନ୍ତି ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି। କେବଳ ଏହାକୁ ଠିକ୍ ଭାବରେ ଉପଯୋଗ କରିପାରିଲେ ହେଲା। ତାହା ହେଲା ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ। ବ୍ରେକ୍ ଫାଷ୍ଟ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ତେବେ ଏହାକୁ ନିୟମିତ ଠିକ୍ ସମୟରେ ଖାଇଲେ ତାହାର ପ୍ରଭାବ ବୁଦ୍ଧିମତ୍ତା ଉପରେ ପଡିଥାଏ। ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ପୁଷ୍ଟିବିଜ୍ଞାନୀମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। 'ବୁଦ୍ଧିମତ୍ତା ଓ ବ୍ରେକଫାଷ୍ଟ' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ ସମୟରେ ସେମାନେ ଏପରି ବିଷୟରେ ଜାଣିପାରିଛନ୍ତି। ତେବେ ବ୍ରେକ ଫାଷ୍ଟରେ ହାଲୁକା ଖାଦ୍ୟ ସାମିଲ କରିବା ଉଚିତ। ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଠିକ୍ ସମୟରେ ବ୍ରେକଫାଷ୍ଟ ଖାଇବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଟେନ୍‌ସନ ବଶବର୍ତ୍ତୀ ହୋଇଥିଲେ...



ଆବଶ୍ୟକତାଠାରୁ ଅଧିକ କର୍ମ ବୋଝ ଏବଂ କେତେକ ବିଷୟକୁ ନେଇ ଅଧିକ ଚନ୍ତା କଲେ ଜଣେ ଟେନ୍‌ସନର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହିଛି। ତେବେ ଏପରି ପରିସ୍ଥିତିର ସାମନା କଲେ ବିଚଳିତ ନ ହୋଇ ସେଥିରୁ କିପରି ମୁକୁଳିବେ ସେ ନେଇ ଚିନ୍ତା କରନ୍ତୁ। ଏହାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣ ଟେନସନରେ ଅଛନ୍ତି ତେବେ ନିଜକୁ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ସହ ସମୟ କାଟନ୍ତୁ। ତାଙ୍କ ସହ କଥା ହେଲେ ତାହା ଆପଣଙ୍କ ଟେନସନ ସମସ୍ୟାକୁ କେତେକାଂଶରେ ଦୂର କରିପାରେ। ଟେନସନକୁ ଏକ ବଡ ସମସ୍ୟା ବୋଲି ଭାବି ସେନେଇ ଚିନ୍ତା କଲେ ଆପଣଙ୍କ ସମସ୍ୟା ବଢ଼ିଯାଇଥାଏ। ତେଣୁ ସବୁବେଳେ ନିଜକୁ ସକାରାତ୍ମକ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ।

## ରକ୍ତ ପରୀକ୍ଷାରୁ ଜାଣିହେବ ମେଦବହୁଳତା

ଆଜିକାଲି ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଗଲାଣି। ଅସନ୍ତୁଳିତ ଜୀବନଶୈଳୀ ଏବଂ ଓଜନ ବଢ଼ାଉଥିବା ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ତେବେ ନିଜର ମେଦବହୁଳତା ସମ୍ପର୍କରେ ଜାଣିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ରକ୍ତ ପରୀକ୍ଷା ଦ୍ୱାରା ଏ ବିଷୟରେ ସୂଚନା ପାଇହେବ ବୋଲି ପ୍ରକାଶ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ମେଦବହୁଳ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କର ରକ୍ତ ପରୀକ୍ଷା କରିବା ସମୟରେ ସେମାନେ ଏ ବିଷୟରେ ଜାଣିପାରିଥିଲେ। ଏହି ସମୟରେ ସେମାନେ ଡିଏନଏରେ ଥିବା ମିଥିଲେନ୍ସ ସ୍ତରକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସ୍ତର ଅସନ୍ତୁଳିତ ରହିଲେ ଜଣେ ବ୍ୟକ୍ତିଙ୍କର ଓଜନ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ରିପୋର୍ଟରୁ ଜଣାପଡିଛି।

## ସ୍ୱାସ୍ଥ୍ୟ ସୂଚନା

- ଆପଣ ଯେତେ ସୁସ୍ଥ ରହିଲେ ମଧ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କାରଣ ଏହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।
- ରାତ୍ରଭୋଜନ ଶେଷ କରିବା ପରେ ସାଙ୍ଗେ ସାଙ୍ଗେ ଶୋଇବାକୁ ଯାଆନ୍ତୁ ନାହିଁ। ଏହାପରେ କିଛି ସମୟ ଚାଲବୁଲ କରନ୍ତୁ, ଯଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତ୍ରଭୋଜନରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ସାମିଲ କରନ୍ତୁ।
- ନିଜକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।
- ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ। କାରଣ ଏପରି ଖାଦ୍ୟ ଆମକୁ ନୀରୋଗ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।
- ଯଦି ଡାକ୍ତର କୌଣସି ମେଡିସିନ୍ ନିୟମିତ ଖାଇବାକୁ ପରାମର୍ଶ ଦେଇଛନ୍ତି ତେବେ ମନକୁ ମନ ତାହାକୁ ଅଧାରେ ବନ୍ଦ କରନ୍ତୁ ନାହିଁ। ସେ ନେଇ ଡାକ୍ତରଙ୍କ ଆଲୋଚନା କରିନିଅନ୍ତୁ।
- ପ୍ରତିଦିନ କିଛି ସମୟ ଶାନ୍ତ ପରିବେଶରେ ରୁହନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।
- ନିଜ ଶରୀରରେ ଜଳୀୟ ଅଂଶକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ତେଣୁ ଦିନକୁ ଅତିକମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।



# ବିଜ୍ଞାନ କଥାଶିଳ୍ପୀ ଗୋକୁଳାନନ୍ଦ

## ଜନ୍ମ ଶତବାର୍ଷିକୀରେ ସ୍ମୃତିଚାରଣ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଓଡ଼ିଆ ବିଜ୍ଞାନ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ଯେଉଁ କେତେଜଣ ଯୋଗଜନ୍ମା କର୍ମଯୋଗୀମାନଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିବେ ବିଜ୍ଞାନ କଥାଶିଳ୍ପୀ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ର। ସେ ୧୯୫୦ ଦଶକରେ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରୁଥିବା ଅବସରରେ ମାତୃଭାଷାରେ ବିଜ୍ଞାନକୁ ଜନପ୍ରିୟ କରିବା ଲାଗି ସେଠାରେ ଉଦ୍ୟମ ଚଳାଇଥିବା ପ୍ରାତଃସ୍ମରଣୀୟ ବୈଜ୍ଞାନିକ ସତ୍ୟେନ୍ଦ୍ରନାଥ ବୋଷ ଓ ତାଙ୍କର ସହଯୋଗୀମାନଙ୍କ ପ୍ରଭାବରେ ଆସି ଏଥିପାଇଁ ଅନୁପ୍ରାଣିତ ହୋଇଥିଲେ। ଅତଏବ ସେହିଠାରେ ଛାତ୍ରାବସ୍ଥାରେ ହିଁ ସେ ରଚନା କରିଥିଲେ ଓଡ଼ିଶାର ପାଠକ ମହଲରେ ସର୍ବାଧିକ ଆଦୃତ ବିଜ୍ଞାନ ଭିତ୍ତିକ ଉପନ୍ୟାସ 'ଚନ୍ଦ୍ରର ମୃତ୍ୟୁ'। ପୃଥିବୀର ଉପଗ୍ରହ ଚନ୍ଦ୍ରରେ ଏକଦା ଜୀବଜଗତ ଥିଲା ଏବଂ ପରିବେଶର ଅବକ୍ଷୟ ହେତୁ ତାହା କିପରି ଲୋପ ପାଇଲା ତହିଁରେ ଏହାର ଏକ ନିଖୁଣ କାଳ୍ପନିକ ତଥା ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ଭାବିଲେ ବିସ୍ମୟ ଲାଗେ ଯେ ସେ ସମୟରେ ପରିବେଶ ପ୍ରଦୂଷଣ ବା ଜୀବମାନଙ୍କ ବିଲୁପ୍ତି କଥା କାହାରି ମନକୁ ସ୍ପର୍ଶ କରି ନ ଥିଲାବେଳେ ତାଙ୍କ କଳ୍ପନାକୁ କିପରି ଏହା ଛୁଇଁପାରିଲା। ଏଥିରୁ ସେ ଜଣେ ଭବିଷ୍ୟଦ୍ରଷ୍ଟା ଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ।

ଏହା ବ୍ୟତୀତ ସେ ଉଡ଼ନ୍ତା ଥାଳିଆ, ଚତୁର୍ଥ ପରିସରଠାରୁ ଆରମ୍ଭକରି ମୃତ୍ୟୁ ରଶ୍ମି, ଚନ୍ଦ୍ରାଲୋକରେ ମଣିଷ ଆଜି ପର୍ଯ୍ୟନ୍ତ ଶତାଧିକ ବିଜ୍ଞାନ ଉପନ୍ୟାସ, ତଥ୍ୟଭିତ୍ତିକ ପୁସ୍ତକ ଏବଂ ଶିଶୁ ସାହିତ୍ୟ ରଚନା କରିଯାଇଛନ୍ତି। ତାଙ୍କର ଏହି କୀର୍ତ୍ତିମାନକୁ ଅନ୍ୟ କେହି ସ୍ପର୍ଶ କରିପାରିବେ ବୋଲି ବିଶ୍ୱାସ ହୁଏନି। ଓଡ଼ିଶାରେ ବିଜ୍ଞାନକୁ ଜନପ୍ରିୟ କରିବା ଲାଗି ତାଙ୍କର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଲା ଏଥିପାଇଁ ଅଭିପ୍ରେତ ରାଜ୍ୟର ପ୍ରଥମ ଅନୁଷ୍ଠାନ 'ବିଜ୍ଞାନ ପ୍ରଚାର ସମିତି' ପ୍ରତିଷ୍ଠା। ସେ ଏବଂ ତାଙ୍କର ସମଭାବାପନ୍ନ ବନ୍ଧୁମାନେ ସଙ୍ଗଠିତ ଭାବେ ଏହାରି ମାଧମରେ ରାଜ୍ୟରେ ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନକୁ ଜନପ୍ରିୟ କରିବାର ପ୍ରୟାସ ଆରମ୍ଭ କରି ଦେଇଥିଲେ ୧୯୬୦ ଦଶକରେ। ଏହାରି ତଳେ ସଙ୍ଗଠିତ ହୋଇ ବହୁ ଯୁବ ବୈଜ୍ଞାନିକ ବିଜ୍ଞାନ ସାହିତ୍ୟ ରଚନାରେ ମନପ୍ରାଣ ଢାଳିଦେଲେ। ବିଜ୍ଞାନ ପତ୍ରିକା ଓ ପୁସ୍ତକ ପ୍ରକାଶନ, ଯୁବ ଲେଖକମାନଙ୍କୁ ପୁରସ୍କାର ପ୍ରଦାନ ଏବଂ ସଭାସମିତି ମାଧମରେ ଏହି ଅନୁଷ୍ଠାନ ବିଜ୍ଞାନକୁ ଜନପ୍ରିୟ କରିବାକୁ ଲାଗିଲା। ଏହାର ଏ ପ୍ରୟାସ ଏବେ ମଧ ଜାରି ରହିଛି।

ପ୍ରଫେସର ମହାପାତ୍ର ୧୯୨୨ ମସିହା ମେ' ମାସ ୨୪ ତାରିଖ ଦିନ ଭଦ୍ରକରେ (ମା-ଫୁଲ୍ଲ ଦେବୀ ଏବଂ ପିତା-ବିଜୟ ଗୋବିନ୍ଦ) ଜନ୍ମଲାଭ କରିଥିଲେ। ସେ ରେଭେନ୍‌ଶା ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ, କଲିକତା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ମହେନ୍ଦ୍ର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ଇତିମଧ୍ୟରେ ସେ ରେଭେନ୍‌ଶା ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗଦେଇ ସାରିଥିଲେ। ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ ହେଲା ପରେ ସେ ବୃତ୍ତି ଲାଭ କରି ଆମେରିକା ଗଲେ ଉଚ୍ଚତର ଗବେଷଣା ପାଇଁ ଏବଂ ସେଠାର ବୋଷ୍ଟନସ୍ଥିତ ବ୍ରାଣ୍ଡେଇସ୍ ବିଶ୍ୱବିଦ୍ୟାଳୟରୁ 'ଫେଲୋ ଅଫ୍ କେମେଷ୍ଟ୍ରି' ଉପାଧି ପ୍ରାପ୍ତ ହେଲେ। ସେଠାରୁ ଫେରି ସେ ପୁନର୍ବାର ରେଭେନ୍‌ଶା ମହାବିଦ୍ୟାଳୟରେ ଯୋଗଦେଲେ ଏବଂ ପ୍ରଫେସର ଓ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ରୂପେ କାର୍ଯ୍ୟ ନିର୍ବାହ କରି ସେବା ନିବୃତ୍ତ ହେଲେ। ଶ୍ରେଣୀଗୃହରେ ତାଙ୍କର ଶିକ୍ଷାଦାନର ଶୈଳୀ ଥିଲା ଅନନ୍ୟ। ଯେକୌଣସି ଜଟିଳ ତତ୍ତ୍ୱକୁ ସେ ଜନପ୍ରିୟ ରୂପ ଦେଇ ଉପସ୍ଥାପନ କରିବାରେ ସେ ଥିଲେ ଧୁରନ୍ଧର। ଗବେଷଣା କ୍ଷେତ୍ରକୁ ମଧ ତାଙ୍କର ଥିଲା ଗୁରୁତ୍ୱପୂର୍ଣ୍ଣ ଅବଦାନ। ବହୁ ଛାତ୍ରୀଛାତ୍ର ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ଉଚ୍ଚତର ଗବେଷଣା ତଥା ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନା କରିବାକୁ। ଅତଏବ ସେ ଏକାଧାରରେ ଥିଲେ ଜଣେ ଉଚ୍ଚକୋଟୀର ବୈଜ୍ଞାନିକ, ଶିକ୍ଷକ, ଗବେଷକ ଏବଂ ବିଜ୍ଞାନ ଲେଖକ।



ଗୋକୁଳାନନ୍ଦ ମହାପାତ୍ର

ପ୍ରଫେସର ମହାପାତ୍ରଙ୍କ ପାର୍ଥିବଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ବିଗତ ୨୦୧୩ ମସିହା ଜୁଲାଇ ୧୦ ତାରିଖ ଦିନ। ଫଳରେ ଓଡ଼ିଆ ବିଜ୍ଞାନ ସାହିତ୍ୟ କ୍ଷେତ୍ରରେ ଯେଉଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା କେବଳ ପୂର୍ଣ୍ଣ ହୋଇପାରିବ ଯଦି ସେ ପୁନର୍ବାର ଧରାବରଣ କରନ୍ତି।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭

# ଭାରତୀୟ ଦଳରେ ଉମରାନ, ଅର୍ଶଦୀପ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ଜୁନ୍ ୯ରୁ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଘରୋଇ ଟି୨୦ ସିରିଜ ଏବଂ ପରେ ଇଂଲଣ୍ଡ ଟୁର୍ ପାଇଁ ରବିବାର ଭାରତୀୟ କ୍ରିକେଟ ଦଳ ମନୋନୀତ କରାଯାଇଛି। ଜମ୍ମୁ କଶ୍ମୀର ପେସ୍ ସେନସେଶନ ଉମ୍ରାନ ମଲିକଙ୍କୁ

**ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ଓ ଇଲଂଣ୍ଡ ଟୁର୍**

- ଲୋକେଶ ରାହୁଲ ଅଧିନାୟକ
- ରୋହିତ, ବିରାଟଙ୍କୁ ବିଶ୍ରାମ
- ଟି୨୦କୁ ହାର୍ଦ୍ଦିକ ଓ କାର୍ତ୍ତିକଙ୍କ ପ୍ରତ୍ୟାବର୍ତ୍ତନ
- ଟେଷ୍ଟ ଦଳରେ ପୂଜାରା

ଏଥିରେ ସ୍ଥାନ ମିଳିଛି, ଯାହାକି ଆଶା କରାଯାଉଥିଲା। ଆଇପିଏଲ୍‌ରେ ସେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳି ୧୩ଟି ଗେମ୍‌ରେ ୨୧ ଉଇକେଟ ଅକ୍ତିଆର କରିଛନ୍ତି। ସେ ଘଣ୍ଟା ପ୍ରତି ୯୫ ମାଇଲ ବେଗରେ ବୋଲିଂ କରିପାରନ୍ତି। ଉମରାନଙ୍କ ବ୍ୟତୀତ ଡେଥ୍ ଓଭର ସ୍ପେଶାଲିଷ୍ଟ ଅର୍ଶଦୀପ ସିଂ ଦଳରେ ପ୍ରଥମ ଥର ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ନିୟମିତ


ଉମରାନ ମଲିକ ଓ ଅର୍ଶଦୀପ ସିଂ।

ଅଧିନାୟକ ରୋହିତ ଶର୍ମା, ଷ୍ଟାର ବ୍ୟାଟର ବିରାଟ କୋହଲି ଏବଂ ଦୁଇ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ଶାମିଙ୍କୁ ଶାମିଙ୍କୁ ହ୍ୱାଇଟ୍ ବଲ୍ ସିରିଜରୁ ବିଶ୍ରାମ ଦିଆଯାଇଛି, ଯେଉଁଥିରେ ରିଷଭ ପନ୍ତ ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବା ଲାଗି ରୋହିତ, କୋହଲି , ବୁମ୍‌ରା, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ପ୍ରମୁଖ ଜୁନ୍ ୧୫ରେ ଇଂଲଣ୍ଡ ଗସ୍ତ କରିବେ। ସେଠାରେ ଦଳ ସହିତ ଚେତେଶ୍ୱର ପୂଜାରା ଯୋଗ ଦେବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ସସେକ୍ସ ତରଫରୁ ଚମତ୍କାର ପ୍ରଦର୍ଶନ ପାଇଁ ୧୭ ଜଣିଆ ଭାରତୀୟ ଟେଷ୍ଟ ଦଳରେ ଯୋଗ ଦେବା ପାଇଁ ତାଙ୍କ ଡକରା ପାଇଛନ୍ତି। ୩୪ ବର୍ଷୀୟ ପୂଜାରା ସସେକ୍ସ ତରଫରୁ ୫ଟି ଡିଭିଜନ-୨ ଗେମ୍‌ରେ ୭୨୦ ରନ ସ୍କୋର କରିଛନ୍ତି। ଯାହାଫଳରେ ଚୟନକର୍ତ୍ତାମାନେ କରୋନା ଯୋଗୁ ଗତବର୍ଷ ଇଂଲଣ୍ଡ ବିପକ୍ଷ ସିରିଜର ଖେଳାଯାଇ ପାରି ନ ଥିବା ୫ମ ଟେଷ୍ଟ ମ୍ୟାଚ ପାଇଁ ତାଙ୍କୁ ଦଳରେ ନେବାକୁ ବାଧ୍ୟ ହୋଇଛନ୍ତି। ଗତବର୍ଷ ଖେଳିଥିବା ଦଳରେ କୌଣସି ନୂଆ ଖେଳାଳିଙ୍କୁ ନିଆଯାଇ ନାହିଁ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ମଧ୍ୟ ତାହା ଦେଖିବାକୁ ମିଳିଛି। ତାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟାନ୍ସ ଆଇପିଏଲ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ବୋଲିଂ ବ୍ୟତୀତ ସେ ଭଲ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ସେ ଜାତୀୟ ଟି୨୦ ଦଳକୁ ଫେରିଛନ୍ତି। ଦୀନେଶ କାର୍ତ୍ତିକ ମଧ୍ୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ଦ୍ୱାରା ରିଷଭ ପନ୍ତଙ୍କ ଉପରେ ଚାପ ହ୍ରାସ ପାଇବ। ଉଭୟେ ହେଉଛନ୍ତି ମିଡଲ ଅର୍ଡର ଫିନିଶର। ଦଳର ସେ ଦ୍ୱିତୀୟ ଉଇକେଟକିପର ଭାବେ ଦାୟିତ୍ୱ ତୁଲାଇ ପାରିବେ।

**ଭାରତର ଟେଷ୍ଟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ (ଉପଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟାସ ଆୟାର, ହନୁମା ମିହାରୀ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ (ଉଇକେଟକିପର), କେ.ଏସ୍ ଭରତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ଶାମି, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଉମେଶ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଭାରତର ଟି୨୦ ଦଳ:** କେ.ଏଲ୍. ରାହୁଲ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଦୀପକ ହୁଡା, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉପଅଧିନାୟକ ଓ ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଭେଙ୍କଟେଶ ଆୟାର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେସ୍ ଖାଁ, ଅର୍ଶଦୀପ ସିଂ ଓ ଉମରାନ ମଲିକ।

# ଇଣ୍ଡିଆନ୍ ଗ୍ରାଁ ପ୍ରି ୩ ଉଦ୍‌ଯାପିତ

**ଭୁବନେଶ୍ୱର,୨୨।୫**

ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ (ଏଏଫ୍‌ଆଇ) ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଗ୍ରାଁ ପ୍ରି ୩ (ଆଇଜିପି ୩) ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା, କ୍ରୀଡ଼ା ସଚିବ ଆର ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଇଭେଣ୍ଟର ସମସ୍ତ ପ୍ରତିଯୋଗିତା ଶେଷ ହେବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଇଜିପି-୩ର ଶ୍ରେଷ୍ଠ ଆଥ୍‌ଲେଟ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଟ୍ରିପଲ ଜମ୍ପର ଅବଦୁଲା ଅବୁବାକର, ଯିଏକି ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କ ସହିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା ପ୍ରାପ୍ତ ଡିସ୍‌କସ୍ ଥ୍ରୋୟର ନବଜୀତ କୌର ଡିଲନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲା, ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ନାୟର, ଏଏଫ୍‌ଆଇର ଟେକ୍‌ନିକାଲ କମିଟି ମୁଖ୍ୟ ଷ୍ଟାନ୍‌ଲି ଜୋନ୍ସ, ସାଂଗଠନିକ ପ୍ରତିନିଧି ମୁମତାଜ ଖାନ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।



"ଓଡ଼ିଶା ଏବଂ ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ ସହଭାଗିତାରେ ଏହି ରାଜ୍ୟରେ ଆଥ୍‌ଲେଟିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି। ଏହା କେବଳ ୨୦୧୭ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିଥିଲା ତାହା ନୁହେଁ, ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବା ସହ ଏଠାରେ ଦେଶର ପ୍ରଥମ ଇଣ୍ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମର ମଧ୍ୟ ନିର୍ମାଣ କରାଯାଉଛି, ଯାହାକି ଭବିଷ୍ୟତର ଚାମ୍ପିୟନଙ୍କ ପାଇଁ ଏକ ହବ୍ ହେବ। ଆଇଜିପି ୩ ଏବଂ ୪ ଆୟୋଜନ କରିବା ସେହି ଦିଗରେ ଆଉ ଏକ ପଦକ୍ଷେପ। ଭାରତକୁ ଆଥ୍‌ଲେଟିକ୍ସରେ ଅଧିକ ଉଚ୍ଚତାରେ ପହଞ୍ଚାଇବା ଲାଗି ଆମେ ଏଏଫ୍‌ଆଇ ସହିତ କାମ କରିବାକୁ ଇଚ୍ଛୁକ" ବୋଲି ୫-ଟି ସଚିବ କହିଛନ୍ତି।

## ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର,୨୨।୫:** ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ୨ୟ ଇଷ୍ଟଜୋନ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଜ୍ୟରୁ ୪୦୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଦ୍‌ଯାପନ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସ ନାୟକ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା ଜଜ୍ ଓ ରେଫରିଙ୍କ ସହ ଇଷ୍ଟଜୋନ କରାଟେ ସଭାପତି ସିହାନ ପ୍ରେମଜିତ ସେନ, ସମ୍ପାଦକ ପଙ୍କଜ କାମ୍ପିଲ, ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ସଫଳ ପରିଚାଳନା କରିଥିଲେ।

## ସ୍ପୋର୍ଟ୍ସ ଓଡ଼ିଶା ହାରିଲା

**ଭୁବନେଶ୍ୱର, ୨୨।୫:** ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଗୋକୁଲମ କେରଳ ୭-୧ ଗୋଲ୍‌ରେ ଓଡ଼ିଶା ସ୍ପୋର୍ଟ୍ସକୁ ପରାସ୍ତ କରିବା ସହ ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଦଳ ପକ୍ଷରୁ ଷ୍ଟ୍ରାଇକର ଏଲ୍‌ସାଦାଇ ଆଚିମ୍‌ପଙ୍ଗ୍ ୪ଟି ଗୋଲ ସ୍କୋର କରିଥିବା ବେଳେ ସୌମ୍ୟ ଗୁଗୁଲୋଥ୍ ଦୁଇଟି ଏବଂ ମନିଷା ଗୋଟିଏ ଗୋଲ ଦେଇଥିଲେ। ସ୍ପୋର୍ଟ୍ସ ଓଡ଼ିଶା ତରଫରୁ ଏକମାତ୍ର ଗୋଲ ନ୍ୟାରି ଖାଖା ସ୍କୋର କରିଥିଲେ। ଲିଗ୍‌ରେ ୧୦ ସିଧାସଳଖ ବିଜୟ ସହ ଗୋକୁଲମ କେରଳ ୩୦ ପଏଣ୍ଟ ଅର୍ଜନ କରିଛି। ମେ ୨୬ରେ ଗୋକୁଲମ କେରଳ ଓ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତା ଟାଇଟଲ ବିଜୟୀ ହେବ।

## ୪୦୦ମିଟର ଫ୍ରିଷ୍ଟାଇଲରେ ଟିଟ୍‌ମସ୍‌ଙ୍କ ବିଶ୍ୱ ରେକର୍ଡ



**ଆଡିଲେଡ୍, ୨୨।୫ (ଏପି):** ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏରିଆର୍ନେ ଟିଟ୍‌ମସ୍ ଅଷ୍ଟ୍ରେଲିଆନ ସୁଇମିଂ ଚାମ୍ପିୟନଶିପ୍ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ୍‌ରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସାଉଥ ଅଷ୍ଟ୍ରେଲିଆନ ଆକ୍ୱାଟିକ୍ ସେଣ୍ଟରଠାରେ ଟିଟ୍‌ମସ ୩ ମିନିଟ ୫୬.୪୦ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକାର କେଟି ଲେଡେକି (୩:୫୬.୪୬)ଙ୍କ ନାମରେ ରହିଥିଲା। ସେ ଏହି କୀର୍ତ୍ତିମାନ ୨୦୧୬ ରିଓ ଅଲିମ୍ପିକ୍ସରେ ହାସଲ କରିଥିଲେ। ଟିଟ୍‌ମସ୍ ଗତବର୍ଷ ଟୋକିଓ ଗେମ୍ସ ୨୦୦ ମିଟର ଫ୍ରିଷ୍ଟାଇଲରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ସ୍ପାନିଶ ଗ୍ରାଁ ପ୍ରି

**ମଣ୍ଟମେଲୋ, ୨୨।୫ (ସ୍ପେନ)**

ଫର୍ମୁଲା ୱାନ ବିଶ୍ୱ ଚାମ୍ପିୟନ ରେଡ୍‌ବୁଲ୍‌ର ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ମାକ୍ସ ଭର୍ଷ୍ଟାପେନ୍ ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଅଗ୍ରଣୀ ରହିଥିଲେ। ରହିଥିଲେ। ମାତ୍ର ଇଞ୍ଜିନ ଅଚଳ ହୋଇଯାଇଥିବାରୁ ସେ ରିଟାୟର୍ଡ ନେଇ ଯାଇଥିଲେ। ଚଳିତ ବର୍ଷର ୬ଟି ରେସ୍ ମଧ୍ୟରେ ଭର୍ଷ୍ଟାପେନ୍‌ଙ୍କ ଏହା ହେଉଛି ୪ର୍ଥ ବିଜୟ। ରେସ୍ ଜିତିବା ଦ୍ୱାରା ୨୦୨୨ରେ ପ୍ରଥମ ଥର ସେ ଚାମ୍ପିୟନଶିପ୍ ଟେବୁଲରେ ଅଗ୍ରଣୀ ଲାଭ କରିଛନ୍ତି। ପରବର୍ତ୍ତୀ ମୋନାକୋ ଗ୍ରାଁ ପ୍ରି ବେଳକୁ ସେ ଲେକ୍‌ରେକଙ୍କଠାରୁ ୬ ପଏଣ୍ଟ ଆଗରେ ରହିଥିବେ। ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫେରାରିର କାର୍ଲୋସ ସେଞ୍ଜ ଜୁନିୟର


ମାକ୍ସ ଭର୍ଷ୍ଟାପେନ୍

୪ର୍ଥ, ମର୍ସିଡିଜର ଲୁଇସ୍ ହାମିଲଟନ ୫ମ ଓ ଆଲ୍‌ଫା ରୋମିଓର ଭାଲଟେରୀ ବୋଟାସ ୬ଷ୍ଠ ହୋଇଥିଲେ। ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ଏଷ୍ଟିବାନ ଓକନ (ଆଲପାଇନ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଫର୍ନାଣ୍ଡୋ ଆଲୋଁସୋ (ଆଲ୍‌ପାଇନ) ଓ ୟୁକି ଟିସୁନୋଡା (ଆଲ୍‌ଫା ଟାଉରି) ଅଧିକାର କରିଥିଲେ।

# ଶେଫର୍ଡ-ସୁନ୍ଦରଙ୍କ ଲଢୁଆ ବ୍ୟାଟିଂ

**ମୁମ୍ବାଇ,୨୨।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଆଇପିଏଲର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ରୋମାରିଓ ଶେଫର୍ଡ ଓ ୱାଶିଂଟନ ସୁନ୍ଦର ଲଢୁଆ ବ୍ୟାଟିଂ କରିଛନ୍ତି। ଦୁହିଁଙ୍କ ଯୋଗୁ ପଞ୍ଜାବ କିଙ୍ଗ୍ସ ଆଗରେ ୧୫୮ ରନ୍‌ର ଟାର୍ଗେଟ ଛିଡ଼ା କରିଛି ହାଇଦ୍ରାବାଦ୍।

ଟସ୍ ଜିତି ହାଇଦ୍ରାବାଦ୍ ଅଧିନାୟକ ଭୁବନେଶ୍ୱର କୁମାର ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ହେଲେ ଦଳ ଆରମ୍ଭରୁ ପ୍ରିୟମ ଗାର୍ଗ (୪)ଙ୍କ ଉଇକେଟ ହରାଇଥିଲା। ଅଭିଷେକ ଶର୍ମା (୪୩ ରନ୍, ୫ ଚୌକା ଓ ୨ ଛକା), ରାହୁଲ ତ୍ରିପାଠୀ (୨୦ ରନ୍, ୧ ଲେଖାଏ ଚୌକା ଓ ଛକା) ଓ ଏଡେନ ମାରକ୍ରାମ (୨୧ ରନ୍, ୨ ଚୌକା)ଙ୍କ ଯୋଗୁ


ହାଇଦ୍ରାବାଦର ଟପ୍ ସ୍କୋରର ଅଭିଷେକ ଶର୍ମା।

ଦଳୀୟ ସ୍କୋର ୧୦.୩ ଓଭର ସୁଦ୍ଧା ୭୬ ରନ୍ କରିଥିଲା। କିନ୍ତୁ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ପଡ଼ିବାରୁ ହାଇଦ୍ରାବାଦ୍ ଦିଗହରା ହୋଇଯାଇଥିଲା। ଶେଫର୍ଡ(୨୬* ରନ୍, ୨ ଲେଖାଏ ଚୌକା, ଛକା) ଓ ସୁନ୍ଦର (୨୫ ରନ୍, ୩ ଚୌକା ଓ ୧ ଛକା) ୬ଷ୍ଠ ଉଇକେଟ ପାଇଁ ୫୮ ରନ୍ ଯୋଡ଼ିଥିଲେ। ଫଳରେ ହାଇଦ୍ରାବାଦ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ଓ ନାଥନ ଇଲିସ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୫୭/୮(ଅଭିଷେକ ଶର୍ମା-୪୩, ରୋମାରିଓ ଶେଫର୍ଡ-୨୬,ୱାଶିଂଟନସୁନ୍ଦର-୨୫,ହରପ୍ରୀତ ବ୍ରାର-୩/୨୬, ନାଥନ ଇଲିସ-୩/୪୦)।

## 'ମୁମ୍ବାଇକୁ ଧନ୍ୟବାଦ'

**ମୁମ୍ବାଇ,୨୨।୫:** 'ଧନ୍ୟବାଦ୍ ମୁମ୍ବାଇ। ଆମେ ଏହି ସାହାଯ୍ୟକୁ ମନେ ରଖିବୁ' ବୋଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ୍ ପ୍ଲେଅଫ୍‌ରେ ପ୍ରବେଶ କରିବା ପରେ ବିରାଟ କୋହଲି କହିଛନ୍ତି। ଶନିବାର ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ୫ ଉଇକେଟରେ ଦିଲ୍ଲୀକୁ ହରାଇ ଦେବାରୁ ଏହା ସମ୍ଭବ ହୋଇପାରିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ